

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୭ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 07 JANUARY 2023
Vol.No. 34 ■ No. 7 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ତେହରିକ-ଏ ତାଲିବାନ୍ ଆତଙ୍କବାଦୀକୁ ଟାର୍ଗେଟ କରି ପାକ୍ ସେନାର ଆକ୍ରମଣ



ନୂଆଦିଲ୍ଲୀ,୦୬/୦୧ : ପାକିସ୍ତାନ ସରକାର ସହ ଯୁଦ୍ଧ ବିରତି ଚୁକ୍ତି ଭାଙ୍ଗିଯିବା ପରେ ସେନା ଉପରେ ଜୋରଦାର ଆକ୍ରମଣ କରୁଛି ତେହେରିକ-ଏ-ତାଲିବାନ ପାକିସ୍ତାନ ବା ଟିଟିପି । ସ୍ଥିତି ଏପରି ସଂଗୀନ ହୋଇପଡ଼ିଛି ଯେ, ପାକିସ୍ତାନ ସରକାରଙ୍କୁ ଚ୍ୟାଲେଞ୍ଜ କରି ଟିଟିପି ନିଜେ ଏକ ସମାନ୍ତରାଳ ସରକାର ଘୋଷଣା କରିଛି । ଏହାପରେ ପାକିସ୍ତାନୀ ସେନାର ନିଦ ହଜିଯାଇଛି, ଆଉ ପାକ୍ ସେନା ଟିଟିପି ଅଡ୍ଡା ଉପରେ ଆକ୍ରମଣ କରିଛି । ଆଫଗାନ୍ ସୀମାରେ ପାକିସ୍ତାନ ଏୟାର ଷ୍ଟ୍ରାଇକ୍ କରିଛି । ତେହରିକ୍-ଏ-ତାଲିବାନ୍ ଆତଙ୍କବାଦୀଙ୍କୁ ଟାର୍ଗେଟ୍ କରି ପାକ୍ ସେନା ଆକ୍ରମଣ କରିଥିବା ଜଣାପଡ଼ିଛି । ଟିଟିପିର ଗଡ଼ କୁହାଯାଉଥିବା ନାଙ୍ଗାହାର ରାଜ୍ୟର ସଲାଲା ଗୁପ୍ତା ସହରରେ ପାକ୍ ବାୟୁସେନା ବୋମା ପକାଇଛି । ଏଥିରେ ଜଣେ ଶିଶୁଙ୍କ ସମେତ ୪ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି । ୬ ଜଣ ଏଥିରେ ଆହତ ହୋଇଛନ୍ତି । ଗୋଟିଏ ଦିନରେ ପାକିସ୍ତାନ ସେନା ଆଫଗାନିସ୍ତାନ ସୀମା ନିକଟରେ ଦୁଇ ଥର ବୋମା ପକାଇଛି । ଆଫଗାନିସ୍ତାନରେ ତାଲିବାନ କ୍ଷମତାକୁ ଆସିବା ପରେ ଅଧିକ ଉଗ୍ର ହୋଇଉଠିଛି ଟିଟିପି । କାରଣ ତାଲିବାନର ଏକ ଶାଖା ସଂଗଠନ ହେଉଛି ଟିଟିପି । ତାଲିବାନ ପରି ପୁରା ପାକିସ୍ତାନରେ ସରିଆ ଆଇନ ଲାଗୁ କରିବାକୁ ଟିଟିପି ଦାବି କରୁଛି । ଆଫଗାନିସ୍ତାନରେ ତାଲିବାନକୁ ପୁଣି ଥରେ କ୍ଷମତାକୁ ଆସିବାରେ ସବୁ ପ୍ରକାର ସହାୟତା ଯୋଗାଇ ଦେଇଥିଲା ପାକ୍ ସେନା । ହେଲେ ଏବେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସୀମା ବିବାଦ ତେଜିଛି । ଏପରିକି ଉଭୟ ଦେଶର ସୀମା କୁହାଯାଉଥିବା ଡୁରାଣ୍ଡ ଲାଇନ୍ ପାଖରେ ଉଭୟ ପକ୍ଷ ମଧ୍ୟରେ ବାରମ୍ବାର ଗୁଳିଚାଳନା ଘଟଣା ସାମ୍ନାକୁ ଆସୁଛି । ତାଲିବାନ ଏହି ଡୁରାଣ୍ଡ ଲାଇନକୁ ମାନିବାକୁ ରାଜି ନାହିଁ । ଆଉ ଏହାର ପ୍ରଭାବ ପାକିସ୍ତାନ ଭିତରେ ମଧ୍ୟ ପଡୁଛି । ଟିଟିପି ଅଧିକ ଉଗ୍ର ଓ ଶକ୍ତିଶାଳୀ ହୋଇପଡ଼ିବା ସହ ବାରମ୍ବାର ଆକ୍ରମଣ କରୁଛି । ବିଶେଷକରି ଆଫଗାନିସ୍ତାନକୁ ଲାଗି କରି ଥିବା ଅଂଚଳରେ ଟିଟିପିର ଦବଦବା ରହିଛି । ଟିଟିପି ଏଠାରେ ନିଜର ସମାନ୍ତରାଳ ସରକାର ଗଢ଼ିଛି । ଏପରିକି ପ୍ରତିରକ୍ଷା, ଶିକ୍ଷା, ଆଇନ ପରି ବିଭାଗର ମନ୍ତ୍ରୀ ମଧ୍ୟ ନିଯୁକ୍ତ କରିଛି ତେହେରିକ-ଏ-ତାଲିବାନ । ଏହାସହ ଭିଡିଓ ଜାରି କରି ପାକିସ୍ତାନ ସରକାରକୁ ଚେତାବନୀ ଦେଇଛି । ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଓ ବୈଦେଶିକ ମନ୍ତ୍ରୀ ବିଲାୱାଲ ଭୁଟୋଙ୍କ ନାଁ ନେଇ ସେମାନଙ୍କୁ ଟାର୍ଗେଟ କରିବାକୁ ଧମକ ଦେଇଛି । ଏହାସହ ସରିଫଙ୍କ ପିଏମଏଲ-ଏନ ଓ ଭୁଟୋଙ୍କ ପିପିପି ଦଳକୁ ସତର୍କ କରାଇଛି ଟିଟିପି । କେବଳ ୨୦୨୨ରେ ଟିଟିପି ଆକ୍ରମଣରେ ୨ ଶହରୁ ଅଧିକ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ କହୁଛି । ଡିସେମ୍ବରରେ ଆତଙ୍କବାଦୀ ସଂଗଠନର ବିସ୍ଫୋରଣରେ ୬ଜଣ ସୈନିକଙ୍କ ମୃତ୍ୟୁ ହୋଇଥିଲା ।

## ମତଦାନ ପୂର୍ବରୁ ଆମ ଆଦମୀ ପାର୍ଟି ଓ ବିଜେପି ଏମଏଲସି ମୁହାଁମୁହିଁ



ନୂଆଦିଲ୍ଲୀ, ୦୬/୦୧ : ଜୋରଦାର ମୁହାଁମୁହିଁ ପରେ ଅଟକିଲା ଦିଲ୍ଲୀ ମେୟର ନିର୍ବାଚନ । ଏମସିଡି ନିବାଚନ ପରେ ଆଜି ମେୟର ନିର୍ବାଚନ ହେବାର କାର୍ଯ୍ୟକ୍ରମ ଥିଲା । ତେବେ ଏହା ପୂର୍ବରୁ ଦେଖିବାକୁ ମିଳିଛି ପ୍ରବଳ ହଟଗୋଳ । ଆମ ଆଦମୀ ପାର୍ଟି ଓ ବିଜେପି ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପଜିଥିଲା । ମତଦାନ ସମୟରେ ଆମ ଆଦମୀ ପାର୍ଟିର କାଉନସିଲରମାନେ ଜୋରଦାର ବିକ୍ଷୋଭ କରିଥିଲେ । ଦିଲ୍ଲୀ ଉପରାଜ୍ୟପାଳ ଭିକେ ସକେସନାଙ୍କ ଦ୍ୱାରା ସତ୍ୟ ଶର୍ମାଙ୍କୁ ଅସ୍ଥାୟୀ ବାଚସ୍ପତି ନିଯୁକ୍ତକୁ ବିରୋଧ କରି ଆପ ସଦସ୍ୟ ହୋହଲ୍ଲା କରିଥିଲେ । ମେୟର ନିର୍ବାଚନ ପୂର୍ବରୁ କାଉନସିଲରମାନେ ଅସ୍ଥାୟୀ ବାଚସ୍ପତିଙ୍କ ଦ୍ୱାରା ଶପଥ ନେବା କାର୍ଯ୍ୟକ୍ରମ ଥିଲା । ଏହାକୁ ନେଇ ଜୋରଦାର ହଟଗୋଳ ଦେଖିବାକୁ ମିଳିଛି । ଗୃହର ଆସାବପତ୍ର ଭଙ୍ଗାରୁଜା ସହ କିଛି ମେୟର ଆହତ ହୋଇଥିବା ସୂଚନା ମିଳିଛି । ଆପ କହିଛି ଗଣତାନ୍ତ୍ରିତ ପରମ୍ପରା ଓ ଅନୁଷ୍ଠାନକୁ ନଷ୍ଟ କରିବା ପାଇଁ ଏଭଳି ଜାଣିଶୁଣି କରାଯାଉଛି । ଏନେଇ ଉପରାଜ୍ୟପାଳଙ୍କୁ ଚିଠି ଲେଖାଇଥିଲେ ସୁଦ୍ଧା ଏହାକୁ ଅଣାଦେଖା କରାଯାଉଥିବା ଆପ ଅଭିଯୋଗ କରିଛି । ଏଥିସହ ଆପ କହିଛି କି ଉପରାଜ୍ୟପାଳ ଜାଣିଶୁଣି ମେୟର ନିର୍ବାଚନକୁ ପ୍ରଭାବିତ କରିବା ଲାଗି ବିଜେପି ସପକ୍ଷରେ କାମ କରୁଛନ୍ତି ।

## ଅନୁପସ୍ଥିତ ଥିବା ୧୦ ଶିକ୍ଷକ ବହିଷ୍କୃତ

ଭୁବନେଶ୍ୱର,୦୬/୦୧ (ନି.ପ୍ର): ଦୀର୍ଘଦିନ ଧରି ଅନୁପସ୍ଥିତ ରହିଥିବା ମାଲକାନଗିରି ଜିଲ୍ଲାର ୧୦ ଜଣ ପ୍ରାଥମିକ ଶିକ୍ଷକଙ୍କୁ ବହିଷ୍କୃତ(ଡିସ୍ଏନ୍‌ଗେଜମେଂଟ) କରାଯାଇଥିବାବେଳେ ସୁନ୍ଦରଗଡ଼ ଜିଲ୍ଲାରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିବରଣୀ ଏବଂ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ୨ ଜଣ ପ୍ରାଥମିକ ଶିକ୍ଷକଙ୍କୁ ବରଖାସ୍ତ (ଡିସ୍‌ମିସ୍) କରାଯାଇଛି । ଏଥିସହିତ ୮ ଜଣ ପ୍ରାଥମିକ ଶିକ୍ଷକଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସୂତ୍ରରୁ ପ୍ରକାଶ । ପୂର୍ବରୁ ଗଣଶିକ୍ଷା ବିଭାଗ ପକ୍ଷରୁ ୧୫୪ ଜଣ କନିଷ୍ଠ ଶିକ୍ଷକମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶିକ୍ଷାର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି । ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ବ୍ୟବସ୍ଥିତ କରିବା ସହ ସମସ୍ତ ବ୍ଲକ୍ ଓ ଜିଲ୍ଲାରେ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଉଛି । ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ଅନୁପସ୍ଥିତ ରହୁଥିବା ଶିକ୍ଷକମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

## ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରା ପଡିଲେ ଆରଆଇ



ଭୁବନେଶ୍ୱର,୦୬/୦୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ସାନମସିଆଗାଁ ଭାରପ୍ରାପ୍ତ ଆରଆଇ ଜଗଦୀଶ ବେହେରା ୫ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଭିଜିଲାନ୍ସ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଜଣେ ଅଭିଯୋଗକାରୀଙ୍କଠାରୁ ତହସିଲଦାରଙ୍କୁ ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ପ୍ରଦାନ ପାଇଁ ଅନୁସନ୍ଧାନ ରିପୋର୍ଟ ଦେବାକୁ ଅଭିଯୁକ୍ତ ଶ୍ରୀ ବେହେରା ୫ ହଜାର ଟଙ୍କା ନେଉଥିଲେ । ସେହି ସମୟରେ କୋରାପୁଟ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା । କ୍ଷତାଙ୍କ ଠାରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଜବତ କରାଯାଇଛି । ଏହାପରେ ଶ୍ରୀ ବେହେରାଙ୍କ ଦୁଇଟି ସ୍ଥାନରେ ଏକକାଳୀନ ଭିଜିଲାନ୍ସ ଚଢ଼ଉ ଚାଲିଛି । ଏନେଇ କୋରାପୁଟ ଭିଜିଲାନ୍ସରେ ଏକ ମାମଲା ରୁଜୁ ହୋଇଥିବା ସୂଚନା ଦିଆଯାଇଛି ।

## ଆତ୍ମରକ୍ଷା କୌଶଳ ମନରେ ଭରି ଦେଇଥାଏ ଅସୀମ ସାହାସ : ଆରତୀବାଳା




ଉଦଳା,୦୬/୦୧ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଚଳିତ ଜାନୁଆରୀ ୪ ତାରିଖ ବୁଧବାର ଠାରୁ ଆରମ୍ଭ ହୋଇଛି ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର । ଉକ୍ତ ଶିବିର ମହାବିଦ୍ୟାଳୟର ଆତ୍ମ ସୁରକ୍ଷା ପ୍ରଶିକ୍ଷଣର ପରିଚାଳିକା ଆରତି ବାଳା ସାହୁ ଏବଂ ଗୁଞ୍ଜନା ଭୂୟାଁଙ୍କ ନେତୃତ୍ୱରେ ପରିଚାଳିତ ହେଉଛି । ଆସନ୍ତା ୧୨ ତାରିଖ ଗୁରୁବାର ଦିନ ଏହି ଶିବିର ଉଦ୍‌ଯାପିତ ହେବ ବୋଲି ପରିଚାଳିକା ଜଣାଇଛନ୍ତି । ପର୍ଯ୍ୟାୟକ୍ରମେ +୨ କଳା ଏବଂ ବିଜ୍ଞାନରୁ ମୋଟ ୩୪୪ ଜଣ ଛାତ୍ରୀ ପ୍ରଶିକ୍ଷଣ ନେବାର କାର୍ଯ୍ୟକ୍ରମ ରହିଛି । ପ୍ରଶିକ୍ଷକ ଭାବରେ ଚମ୍ପାବତୀ ହେମ୍ବ୍ରମ, କିରଣ ବାଳା ସୋରେନ, ସାଲଗେ ହାଁସଦା, ମାନିକା ସିଂ, ଦୁଲାରୀ ମୁର୍ମୁ, ଜ୍ୟୋସ୍ନା ସିଂ, ସାହାଣୀ କିସ୍କୁ, ଜୟନ୍ତୀ ସୋରେନ୍, ମମତା ମୁର୍ମୁ ଓ ପଲ୍ଲବୀ ନାୟକ ନିଯୁକ୍ତି ପାଇଛନ୍ତି । ମହାବିଦ୍ୟାଳୟର ଅଧକ୍ଷ ଶଶୀଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି ପ୍ରଶିକ୍ଷଣ ପରେ ନିୟମିତ ଅଭ୍ୟାସ ଜାରି ରଖିବାକୁ ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।

## ୧୧ ତାରିଖରୁ ରାଜ୍ୟବ୍ୟାପୀ ଟ୍ରକ୍ ଧର୍ମଘଟ ଡାକରା

ଭୁବନେଶ୍ୱର,୦୬/୦୧ (ନି.ପ୍ର): ୫ ଦଫା ଦାବି ନେଇ ରାଜ୍ୟ ଟ୍ରକ୍ ମାଲିକ ସଂଘ ଆସନ୍ତା ୧୧ ତାରିଖ ମଧ୍ୟରାତ୍ରିରୁ ରାଜ୍ୟ ବ୍ୟାପୀ ଟ୍ରକ୍ ଧର୍ମଘଟ ଡାକରା ଦେଇଛି । ରାଜ୍ୟ ଟ୍ରକ୍ ମାଲିକ ସଂଘ ସଭାପତି ବିଭୂ ପ୍ରସାଦ ଦାସ ଏହି ସୂଚନା ଦେଇଛନ୍ତି । ସଂଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ଗାଡ଼ି ରାସ୍ତାରୁ ହଟାଇବା ବଦଳରେ ଏହି ସମୟସୀମା ୨୦ ବର୍ଷ କରିବା ପାଇଁ ଦାବି କରିଛି । ସେହିପରି ମୋଟର ଯାନ ଧାରା ୬୭ ଅନୁଯାୟୀ ଭଡ଼ା ଧାର୍ଯ୍ୟ କରାଯାଉ ଓ ନୂଆ ଗାଡ଼ି କିଣିଲେ ୨୫ ପ୍ରତିଶତ ରୋଡ ଟାକ୍ସ ୧୦ବର୍ଷ ପର୍ଯ୍ୟନ୍ତ ରିହାତି ଦେବାକୁ ସଂଘ ଦାବି କରିଛି । ଏହି ଧର୍ମଘଟକୁ ଅଲ ଇଣ୍ଡିଆ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସ ସମର୍ଥନ ଜଣାଇଥିବା ସେ ସୂଚନା ଦେଇଛନ୍ତି ।

## କଂଗ୍ରେସ ଛାଡି ବିଜେପିରେ ବରୀର ଯୁବନେତା ଉମେଶ ଜେନା

ଭୁବନେଶ୍ୱର,୦୬/୦୧ (ନି.ପ୍ର): ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଯାଜପୁର ଜିଲ୍ଲା ପୂର୍ବତନ କଂଗ୍ରେସ ପିସିସି ସମ୍ପାଦକ ଉମେଶ ଜେନା କଂଗ୍ରେସ ପାର୍ଟୀ ଛାଡି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ଶ୍ରୀ ଜେନାଙ୍କ ସହ ବରିଷ୍ଠ କଂଗ୍ରେସ ନେତା ବାଦଲ ମହାପାତ୍ର, ପୂର୍ବତନ ସମିତି ସଭ୍ୟ ଇନ୍ଦ୍ରମଣୀ ପରିଡା, ପୂର୍ବତନ ସରପଂଚ ବଳରାମ ବେହେରା, ବରିଷ୍ଠ କଂଗ୍ରେସ ନେତା ନୃସିଂହ ଶ୍ୟାନ୍ତି, ପୂର୍ବତନ ସରପଂଚ ଅଶୋକ ଜେନା, ମାଧବ ମହାନ୍ତି, ପୂର୍ବତନ ସମିତି ସଭ୍ୟ ସରୋଜ କୁମାର ସାମଲ, ବରିଷ୍ଠ ▶▶ପୃଷ୍ଠା ୭

## ସମଲିଙ୍ଗୀ ବିବାହକୁ ମିଳିବ ମାନ୍ୟତା ? ବିଚାର ପାଇଁ ଗ୍ରହଣ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୦୬/୦୧ : ତୃତୀୟ ଲିଙ୍ଗଙ୍କ ଅଧିକାରର ସୁରକ୍ଷା ପାଇଁ ବଡ ପଦକ୍ଷେପ ନେଇଛନ୍ତି ସୁପ୍ରିମକୋର୍ଟ । ଫଳରେ ସମଲିଙ୍ଗୀ ବିବାହକୁ ନ୍ୟାୟିକ ମାନ୍ୟତା ମିଳିବା ନେଇ ଆଶା ସୃଷ୍ଟି ହୋଇଛି । ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି କ୍ରମେ ଏ ସମ୍ପର୍କିତ ସମସ୍ତ ଆବେଦନକୁ ବିଚାର ପାଇଁ ଗ୍ରହଣ କରିଛନ୍ତି କୋର୍ଟ । ଏଥିସହ ଫେବ୍ରୁଆରୀ ୧୫ ତାରିଖ ସୁଦ୍ଧା ନିଜର ମତାମତ ରଖିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି, ଯଦି କେହି ଆବେଦନକାରୀ କୋର୍ଟକୁ ଆସିନପାରନ୍ତି ତେବେ ଭର୍ଚୁଆଲ ମୋଡ୍ରେ ନିଜର ମତାମତ ରଖିପାରିବେ । ସେହିପରି ଏ ସମ୍ପର୍କିତ ସମସ୍ତ ଆଇନ କାନୁନକୁ ଏକାଠି କରି ଉପସ୍ଥାପନ କରିବେ ସରକାରୀ ଓକିଲ । ସୁପ୍ରିମକୋର୍ଟ ଶେଷରେ ସମସ୍ତ ମାମଲାକୁ ଏକାଠି କରି ନିଜେ ଶୁଣାଣି କରିବାକୁ ରାଜି ହୋଇଛନ୍ତି ଏବଂ କେନ୍ଦ୍ର ସରକାରଙ୍କ ମତାମତ ଲୋଡିଛନ୍ତି ସୁପ୍ରିମକୋର୍ଟ । ହେଲେ ପୂର୍ବରୁ ଦିଲ୍ଲୀ ହାଇକୋର୍ଟରେ ଥିବା ଏ ସମ୍ପର୍କିତ ଏକ ମାମଲାରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିସାରିଛନ୍ତି କେନ୍ଦ୍ର ସରକାର । ସମଲିଙ୍ଗୀ ବିବାହକୁ ବିରୋଧ କରିବା ସହ ଏହା ବର୍ଷବର୍ଷ ଧରି ଭାରତୀୟ ପରମ୍ପରାରେ ଚଳି ଆସୁଥିବା ରୀତିନୀତି, ବିଶ୍ୱାସ, ସଂସ୍କୃତି ଓ ସାମାଜିକ ମୂଲ୍ୟବୋଧର ବିରୋଧାଚରଣ କରୁଥିବା କୋର୍ଟଙ୍କୁ ଜଣାଇଥିଲେ । ତେଣୁ ସୁପ୍ରିମକୋର୍ଟରେ କଣ ମତ ରଖୁଛନ୍ତି କେନ୍ଦ୍ର ସରକାର ତା ଉପରେ ନିର୍ଭର କରିବ ସମଲିଙ୍ଗୀ ବିବାହକୁ ନ୍ୟାୟିକ ସ୍ୱିକୃତୀ ପ୍ରସଙ୍ଗ ।

## ମୋଦୀ ଚାଉଳ ବନାମ ନବୀନ ଚାଉଳ



ନୂଆଦିଲ୍ଲୀ,୦୬/୦୧ : ମାଗଣା ଚାଉଳ ବଣ୍ଟାକୁ ନେଇ ଜୋର ଧରିଛି ରାଜନୀତି । ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମାଗଣା ଚାଉଳର ହିସାବ ଦେବା ପରେ ଶୁକ୍ରବାର କେନ୍ଦ୍ରକୁ ଘେରିଛି ବିଜେଡି ସାମ୍ବାଦିକ ସମ୍ମିଳନୀ କରି ବିଜେଡି ସାଂସଦ ସସ୍ମିତ ପାତ୍ର ୨ଟି ବଡ ଅଭିଯୋଗ ଆଣିଛନ୍ତି । କହିଛନ୍ତି, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଲାଗୁ ହେବା ପରଠୁ ଓଡ଼ିଶାର ୩କୋଟି ୨୫ଲକ୍ଷ ଲୋକଙ୍କୁ ମୋଟ ୧୦ କେଜି ଚାଉଳ ମିଳୁଥିଲା । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୫କେଜି ଓ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ କେଜି । ମୋଟରେ ମୁଣ୍ଡପିଛା ୧୦ କେଜି ଚାଉଳ ପାଉଥିଲେ । ହେଲେ, ଏବେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ବନ୍ଦ ହେବା ପରେ ୫କେଜି ଲେଖାଏଁ ଚାଉଳ ପାଇବାରୁ ବଞ୍ଚିତ ହେଲେ ଓଡ଼ିଶାର ଲୋକେ । ଏଥିସହ ଚାଷୀ ଭାଇମାନେ ବି ହନ୍ତସନ୍ତ ହେଲେ । ତେଣୁ ପୁଣି ଥରେ ପ୍ରଧାନମନ୍ତ୍ରୀ କଲ୍ୟାଣ ଯୋଜନା ଲାଗୁ କରୁ କେନ୍ଦ୍ର । ମାଗଣା ଚାଉଳକୁ ନେଇ କେନ୍ଦ୍ର ସରକାରଙ୍କୁ ବିଜେଡି କାଠଗଡାକୁ ଟାଣିବା ପରେ, ବିଜେପି କଟାକ୍ଷ କରିଛି । ବିଜେପି ନେତା ଗୋଲକ ମହାପାତ୍ର ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ମୋଦୀ ଦେଉଛନ୍ତି ୩କୋଟି ୨୫ଲକ୍ଷ ଲୋକଙ୍କୁ ମାଗଣା ଚାଉଳ, ଏଥିରେ ରାଜ୍ୟ ସରକାରଙ୍କର ଟଙ୍କାକର ଯୋଗଦାନ ନାହିଁ । ହନୁମଲାବେଳେ ସତ କହେ । ବିଜେଡି କେବେ ମାନୁନଥିଲା ଯେ କେନ୍ଦ୍ର ସରକାର ଦେଉଛନ୍ତି, କିନ୍ତୁ ଆଜି ଓଡିଶାବାସୀଙ୍କ ଆଗରେ ମାନିଛି । ମିଛ ପ୍ରଚାର ଧରାପଡିଗଲା ପରେ ବିଜେଡି ପାଇଁ ରାଜନୈତିକ ସଙ୍କଟ ଆଉ ଅସ୍ତିତ୍ୱ ସଙ୍କଟ ସୃଷ୍ଟି ହୋଇଛି । ଯଦି ରାଜ୍ୟ ସରକାରଙ୍କ

## ଓଡିଶା ଗ୍ରାମ୍ୟବ୍ୟାଙ୍କର ମେଗା ଋଣ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୦୬/୦୧ (ନି.ପ୍ର): ଓଡିଶା ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ରାଜ୍ୟର ୨୬,୭୨୨ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୧୦୦୧ କୋଟି ଟଙ୍କାର ଋଣ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ । ଏହାଦ୍ୱାରା ରାଜ୍ୟର ୨.୬୮ ଲକ୍ଷ ମା' ଉପକୃତ ହେବେ । ଏକାଦିନରେ କେବଳ ମା ମାନଙ୍କ ପାଇଁ ଏତେ ବଡ ଋଣ ପ୍ରଦାନ କାର୍ଯ୍ୟକ୍ରମ ପୂର୍ବରୁ କେବେ ହୋଇନାହିଁ । ଉପସ୍ଥିତ ଥିବା ୫ଟି ମିଶନ ଶକ୍ତି ଗୋଷ୍ଠୀଙ୍କୁ ୧୦ ଲକ୍ଷ୍ ଲେଖା ଋଣ ପ୍ରଦାନ କରି ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ ଲକ୍ଷ ଟଙ୍କାର ଋଣ ମିଳିଥିଲା । ଏହି ଅବସରରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ରାଜ୍ୟର ମିଶନ ଶକ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମକୁ ଆଗେଇ ନେବା ଓ ଓଡିଶାର ରୂପାନ୍ତରରେ ଭାଗୀଦାର ହେବାପାଇଁ ବ୍ୟାଙ୍କର୍ସ ମାନଙ୍କୁ ଆହ୍ୱାନ ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମା ମାନଙ୍କୁ ସଶକ୍ତ କରିବାରେ ଓଡିଶା ଏକ ଆଗୁଆ ▶▶ପୃଷ୍ଠା ୭

## ଓଡିଶାକୁ ନାହିଁ କୋଭିଡ୍ ବିପଦ

ଭୁବନେଶ୍ୱର,୦୬/୦୧ (ନି.ପ୍ର): ଓଡ଼ିଶା ପାଇଁ କୋଭିଡ଼ ବିପଦ ଆଉ ନାହିଁ । ଦୈନିକ ଦେଶରେ ୨ ଲକ୍ଷ ଓ ରାଜ୍ୟରେ ୭ ହଜାର ଟେଷ୍ଟ ହେଉଛି । ସେଥିରୁ ଅତି ନଗଣ୍ୟ ଲୋକଙ୍କ ପଜିଟିଭ ଆସୁଛି । ତଥାପି ସତର୍କ ରହିବା, ମାସ୍କ ପିନ୍ଧିବା, ଭିଡ଼ ସ୍ଥାନକୁ ଯିବା ନାହିଁ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ଜୟନ୍ତ ପଣ୍ଡା କହିଛନ୍ତି । ସେ କହିଛନ୍ତି ବର୍ତମାନ ବିଶ୍ୱରେ ଦୈନିକ ହାରାହାରି ୩ରୁ ୫ ଲକ୍ଷ ପଜିଟିଭ୍ ଚିହ୍ନଟ ହେଉଛନ୍ତି । ଭାରତରେ ଆଜି ମାତ୍ର ୧୮୫ ଜଣ କୋଭିଡ ଚିହ୍ନଟ ହୋଇଛନ୍ତି । କିନ୍ତୁ ଏମାନେ କେହିବି ଡାକ୍ତରଖାନାରେ ଭର୍ତି ହୋଇ ନାହାନ୍ତି । ସେହିପରି ରାଜ୍ୟରେ ୬୦୦୦ରୁ ଉର୍ଦ୍ଧ୍ୱ କୋଭିଡ ଟେଷ୍ଟ କଲେ ମାତ୍ର ଗୋଟିଏ ୨ଟି ସଂକ୍ରମିତ ଦେଖିବାକୁ ମିଳୁଛି । ଏସ୍‌ସିବି ମେଡିକାଲରେ ୨ ମାସ ଭିତରେ କୋଭିଡ ରୋଗୀ ନାହାନ୍ତି କି ପଜିଟିଭ ଚିହ୍ନଟ ହେଉ ନାହାନ୍ତି । ଓଡ଼ିଶାରେ କୋଭିଡ ପଜିଟିଭ୍ ହାର ଦୈନିକ ୦.୦୧ ପ୍ରତିଶତ । ସେହିଭଳି ସାପ୍ତାହିକ ୦.୧୨ ପ୍ରତିଶତ ସାପ୍ତାହିକ । ତେଣୁ କୁହାଯାଇ ପାରିବ ଯେ, ଓଡ଼ିଶା ପାଇଁ କୋଭିଡ ବିପଦ ନାହିଁ । ▶▶ପୃଷ୍ଠା ୭

# ପ୍ରକାଶ ପାଇଲା ଇଲେକ୍ଟରାଲ ରୋଲ-୨୦୨୩: ମାଲକାନଗିରି ଜିଲ୍ଲାରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ

ମାଲକାନଗିରି, ୦୬/୦୧ (ନି.ପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଇଲେକ୍ଟରାଲ ରୋଲ (ଭୋଟର ତାଲିକା) - ୨୦୨୩କୁ ପ୍ରକାଶନ କରାଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିଶାଲ ସିଂଙ୍କ ଉପସ୍ଥିତିରେ ସମସ୍ତ ରାଜନୈତିକ ଦଳଙ୍କୁ ଏହି ତାଲିକା ପ୍ରଦାନ କରାଯାଇଛି। ଉତମ ଭାବରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ଜିଲ୍ଲାରେ ଭୋଟରଙ୍କ ଅନୁପାତରେ ବୃଦ୍ଧି ଘଟିଛି। ଆଦିମ ଜନଜାତି ଭୋଟରଙ୍କ ଅନୁପାତ ମଧ୍ୟ ବୃଦ୍ଧି ଘଟିଛି ବୋଲି ଶ୍ରୀ ସିଂ ସୂଚନା ଦେଇଛନ୍ତି। ସେହିପରି ଅତିରିକ୍ତ ଜିଲ୍ଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ, ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ -୨୦୨୩ ସମୟରେ ରାଜନୈତିକ ଦଳ ମାନଙ୍କର ସହଯୋଗ ଏବଂ ସମନ୍ୱୟ ଯୋଗୁଁ ଏହି ତାଲିକା ପ୍ରକାଶ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଆମ ଜିଲ୍ଲାରେ ପୁରୁଷଙ୍କ ତୁଳନାରେ ମହିଳା ମତଦାତାଙ୍କ ସଂଖ୍ୟା ଅଧିକ ରହିଛି । ପ୍ରତି ୧୦୦୦ ପୁରୁଷଙ୍କ ପିଛା ୧୦୫୫ ଜଣ ମହିଳା ଭୋଟର ରହିଛନ୍ତି । ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ବୋଲି ଜିଲ୍ଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ ପ୍ରକାଶ କରିଛନ୍ତି। ସୂଚନା ଥାଉ କି, ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୩ ଅଧିନରେ ଜିଲ୍ଲାରେ ଫର୍ମ-୬ ମାଧ୍ୟମରେ ୨୦ ହଜାର ୧୪୮ ଜଣ ଯୋଗ ନିମନ୍ତେ ଆବେଦନ କରିଥିଲେ। ୬,୭୧୧ ଜଣ ବ୍ୟକ୍ତି ଆବେଦନ ଓ ତ୍ରୁଟି ସଂଶୋଧନ ନିମନ୍ତେ ଫର୍ମ-୭ ମାଧ୍ୟମରେ ଦାଖଲ କରିଥିଲେ। ସେହିପରି ଫର୍ମ-୮ ମାଧ୍ୟମରେ ୩୨୬୨ ଜଣ ସ୍ଥାନାନ୍ତରଣ ଓ ଭୋଟର ପରିଚୟ ପତ୍ର ସଂଶୋଧନ ନିମନ୍ତେ ଆବେଦନ କରିଥିଲେ। ସର୍ବମୋଟ ଜିଲ୍ଲାରେ ୩୦ ହଜାର ୧୨୧ ଜଣ ଏହି କାର୍ଯ୍ୟକ୍ରମ ଅଧିନରେ ପଞ୍ଜିକରଣ ନିମନ୍ତେ ଆବେଦନ କରିଥିଲେ। ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ୧ ଲକ୍ଷ ୧୫ ହଜାର ୧୫୫ ଜଣ ପୁରୁଷ, ୧ ଲକ୍ଷ ୧୮ ହଜାର ୮୩୬ ଜଣ ମହିଳା ଓ ୩୧ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି । ସେହିପରି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ୯୩ ହଜାର ୯୨୪ ଜଣ ପୁରୁଷ, ୧ ଲକ୍ଷ ୨ ହଜାର ୪ ଶହ ମହିଳା ଓ ୧୧ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ସର୍ବମୋଟ ଜିଲ୍ଲାରେ ୪ ଲକ୍ଷ ୩୦ ହଜାର ୩୫୭ ଜଣ ଭୋଟର ରହିଛନ୍ତି ।

ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ପକ୍ଷରୁ ମାଣିକ ଚକ୍ରବର୍ତ୍ତୀ, ବିଜେଡି ପକ୍ଷରୁ ଧନୁର୍ଜୟ ମାଡ଼କାମୀ, ସିପିଆଇ (ଏମ୍) ପକ୍ଷରୁ ବ୍ରଜ ମାଝୀ, ବିଏସପି ପକ୍ଷରୁ ଜାରାଶବର ମାଢୀ ଏବଂ ଆପ୍ ପକ୍ଷରୁ କେ. ଦେଶୀ ରାଜୁ ଆଚାରୀ ଉପସ୍ଥିତ ଥିଲେ। ସହାୟକ ଜିଲ୍ଲାପାଳ ଅଶୋକ କୁମାର ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଦ୍ରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ସୁଧୁରିବ କେବେ ?

ସାଲେପୁର , ୦୬/୦୧ (ନି.ପ୍ର): ପୂର୍ବ ମାହାଙ୍ଗାର ଏକମାତ୍ର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯାହା ମାହାଙ୍ଗାର ତତ୍କାଳିନ ବିଧାୟକ ସ୍ୱର୍ଗତ ପ୍ରଦୀପ୍ତ ଦାସଙ୍କ ଅମଳରେ ୧୯୭୮-୭୯ ମସିହା ମଧ୍ୟରେ ସ୍ଥାପନ କରାଯାଇଥିଲା । ଯେଉଁ ଡାକ୍ତରଖାନା ଉପରେ ଭଦ୍ରେଶ୍ୱର, ଗୋପାଳପୁର, କୁରୁଜଙ୍ଗା, ନାହାଙ୍ଗ, ହଳଦିଆ, ଗୋତରା, ଉମର ପଂଚାୟତ ସମେତ ପାଖ କେନ୍ଦ୍ରାପଡା ଜିଲ୍ଲାର କେତେକ ପଂଚାୟତ ନିର୍ଭର କରିଥାଆନ୍ତି । ଏହି ଡାକ୍ତରଖାନାଟି ପ୍ରତ୍ୟେହ ଦିନ ୧୦ଟାରୁ ୨ଟା ପର ?ୟନ୍ତ ଖୋଲାରହେ । ଅବ୍ୟବସ୍ଥା ଘେରରେ ଏହି ଡାକ୍ତରଖାନା ଦୀର୍ଘ ଦିନ ଧରି ଚାଲିଛି । କୌଣସି ରୋଗୀ ଆସିଲେ ଡାକ୍ତରଖାନାରେ କେହି ନଥାଆନ୍ତି । ରୋଗୀ ଶେଷରେ ନିରୁପାୟ ହୋଇ ବେସରକାରୀ ଡାକ୍ତରଖାନା ଉପରେ ଭରସା କରିଥାଆନ୍ତି । ରାଜ୍ୟ ସରକାର ୨୦୦୩-୦୪ ମସିହା ଉକ୍ତ ଡାକ୍ତରଖାନାକୁ ନିୟୁ ପି.ଏଚ୍.ସି.ର ମାନ୍ୟତା ଦେଇଛନ୍ତି । ଡାକ୍ତରଖାନା ପରିସରରେ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ ରହିବା ପାଇଁ ଆବଶକୀୟ ବାସଗୃହ ରହିଥିଲେ ମଧ୍ୟ ଡାକ୍ତର, ନର୍ସ , କର୍ମଚାରୀ ଓ ଶଯ୍ୟା ଅଭାବରୁ କେହି ଗୋଟିଏ ହେଲେ ରୋଗୀ ଏହି ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଆନ୍ତି ନାହିଁ । ଭଦ୍ରେଶ୍ୱର ଅଂଚଳରୁ ୧୫/୧୬ କିମି ଦୂରରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ସାଧାରଣ ଗରୀବ ରୋଗୀଟି ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ଏ ସଂପର୍କରେ ସାତଟି ପଞ୍ଚାୟତର ଜନ ପ୍ରତିନିଧି, ଗ୍ରାମବାସୀ ଓ ବୁଦ୍ଧିଜୀବୀମାନେ ମାହାଙ୍ଗାର ମାନ୍ୟବର ବିଧାୟକ, ସ୍ୱାସ୍ଥ୍ୟ ବିଭାଗର ସଚିବ, ସିଡିଏମ୍‌ଓ କଟକଙ୍କୁ ଗତ ୧୨.୧୨.୨୦୨୨ ରିଖରେ ଲିଖିତ ଅଭିଯୋଗ କରି ଡାକ୍ତରଖାନାରେ ରୋଗୀମାନଙ୍କ ପାଇଁ ଶଯ୍ୟା, ସ୍ଥାୟୀ ଡାକ୍ତର ନିଯୁକ୍ତି, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି, ରୋଗୀଙ୍କ ଯିବା ଆସିବା ନିମନ୍ତେ ଆମ୍ବୁଲାନ୍ସ ସୁବିଧା, ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଖୋଲିବା ପାଇଁ ଦାବି କରିଛନ୍ତି । ଏଣୁ ତୁରନ୍ତ ସାଧାରଣ ଜନତାଙ୍କ ହିତ ଦୃଷ୍ଟିରୁ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ନାବାଳିକାକୁ ଦୁଷ୍କର୍ମ ମାମଲା : ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

କନ୍ଧମାଳ, ୦୬/୦୧ (ନି.ପ୍ର): ଫୁଲବାଣୀ ଫାଷ୍ଟଟ୍ରାକ କୋର୍ଟ ର ବିଚାରପତି ଭାସ୍କର ଚନ୍ଦ୍ର ସାହୁ ଏକ ୧୫ ବର୍ଷୀୟା ନାବାଳିକାକୁ ଗଣଦୁଷ୍କର୍ମ ମାମଲାର ବିଚାର କରି ଦାରିଙ୍ଗବାଡି ପର୍ତମାହାର ଲିପୁନ୍ ନାୟକ (୨୪) କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୩ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ ଓ ପୀଡିତାଙ୍କ ବୟାନ ଆଧାରରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ସଶ୍ରମ କାରାଦଣ୍ଡ ସହ ଏକ ଲକ୍ଷ ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଅଧିକ ଛଅ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ ଫାଷ୍ଟଟ୍ରାକ ପୋକ୍ସୋ କୋର୍ଟ ର ସରକାରୀ ଓକିଲ ବନମାଳୀ ବେହେରା ମାମଲାକୁ ପରିଚାଳନା କରୁଥିଲେ।

ସୂଚନା ଅନୁସାରେ ପୀଡିତା, ବାପାଙ୍କ ସହ ତା ୨୮.୦୬.୨୦୧୮ ରିଖ ସନ୍ଧ୍ୟା ୬ଟା ସମୟରେ ପର୍ତୁମାହା ଠାରୁ କେର୍କେବାଡିକୁ ଫେରୁଥିଲେ। ପିତା ଶାରୀରିକ ଅକ୍ଷମ ବ୍ୟକ୍ତି ହୋଇଥିବାରୁ ପୀଡିତା ୩୦୦ ମିଟର ଆଗରେ ଯାଉଥିଲେ। ଅଭିଯୁକ୍ତ ମାନେ ଏହାର ସୁଯୋଗ ନେଇ ନାବାଳିକାଙ୍କୁ ଟେକିନେଇ ଗଣଦୁଷ୍କର୍ମ କରିଥିଲେ। ପୀଡିତାଙ୍କ ବାପା ଶାରୀରିକ ଅକ୍ଷମ ଯୋଗୁଁ ଝିଅକୁ ଉଦ୍ଧାର କରି ନ ପାରି ଗାଆଁ ଲୋକ ମାନଙ୍କୁ ଖବର ଦେଇଥିଲେ ଏବଂ ଗାଆଁ ଲୋକ ଅଭିଯୁକ୍ତ ମାନଙ୍କ କବଳରୁ ଉଦ୍ଧାର କରିଥିଲେ। ଏ ସଙ୍କ୍ରାନ୍ତରେ ଦାରିଙ୍ଗବାଡି ଥାନାରେ ଲିଖିତ ରିପୋର୍ଟ ପୀଡିତାଙ୍କ ପିତା କରିଥିଲେ ଏବଂ ଥାନାଧିକାରୀ ୮୫/୩୦.୦୬.୨୦୧୮ ରେ କେଶ୍ ରେଜିଷ୍ଟ୍ରେସନ କରି, ତଦନ୍ତ ସାରି ଅଭିଯୁକ୍ତ ମାନଙ୍କୁ ଅଦାଲତରେ ହାଜର କରିଥିଲେ। ବିଚାରପତି ଆଜି ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି ।

# ଶିଶୁ ସୁଲଭ ପରିବେଶ ସମ୍ପର୍କିତ କର୍ମଶାଳା

ପୁରୀ, ୦୬/୦୧ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ୟୁଥ ହଷ୍ଟେଲ ସଭାଗୃହ ଠାରେ କିଶୋର ନ୍ୟାୟ ଆଇନ - ୨୦୧୫, ପୋକ୍ସୋ ଆକ୍ଟ - ୨୦୧୨ ଓ ବିଦ୍ୟାଳୟରେ ଶିଶୁ ସୁଲଭ ପରିବେଶ ଶୀର୍ଷକ ଜିଲ୍ଲସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଶିକ୍ଷାଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ, ସରକାରୀ ଓ ବେସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, କ୍ରୀଡ଼ା ଛାତ୍ରାବାସର କର୍ମକର୍ତାଙ୍କ ସହ ୮୦ ଜଣ ଅଂଶଗ୍ରହଣକାରୀ କର୍ମଶାଳାରେ ଯୋଗ ଦେଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସାନ) ପ୍ରଦୀପ କୁମାର ସାହୁ, ଶିଶୁ ମଙ୍ଗଳ ସମିତି ଅଧକ୍ଷ ମହାବୀର ରୁଦ୍ରନାରାୟଣ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥା ପ୍ରମୁଖ ଯୋଗ ଦେଇଥିଲେ । ଶିଶୁ ସୁଲଭ ସମାଜ ଗଠନ ପାଇଁ ଶିକ୍ଷକମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷାଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶିଶୁ ସୁରକ୍ଷା ଅଧିକାରୀ ( ଆନୁଷ୍ଠାନିକ ଯତ୍ନ) ଶୁଭନାରାୟଣ ଶତପଥୀ, ପ୍ରଶିକ୍ଷକ ଡ଼ଃ. ବେଣୁଧର ସେନାପତି ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ସମ୍ପର୍କରେ ମତ ଦେଇଥିଲେ । ଶିଶୁମାନଙ୍କ ସାର୍ବଜନିନ ବିକାଶ ପାଇଁ ପୋଲିସ, ଚାଇଲଡ଼ ଲାଇନ, ଶିଶୁ ସୁରକ୍ଷା ଶାଖା, ଶିଶୁ ମଙ୍ଗଳ ସମିତି, ସ୍ୱାସ୍ଥ୍ୟ ବିଭାଗ, ସ୍ୱୟଂ ସହାୟକ ଗୋଷ୍ଠୀ, ସାମାଜିକ ଅନୁଷ୍ଠାନ, ଶ୍ରମ ବିଭାଗ, ସମାଜ ମଣ୍ଡଳ ବିଭାଗ କାର୍ଯ୍ୟ କରିବା ପାଇଁ ଆଲୋଚନା ହୋଇଥିଲା । ପ୍ରଶିକ୍ଷିକା ମନସ୍ୱିନୀ ପାଣିଗ୍ରାହୀ ଅଭିଭାବକ ସଚେତନତା ସମ୍ପର୍କରେ ମତ ଦେଇଥିଲେ । ଶେଷରେ ଶିଶୁ ସୁରକ୍ଷା ଶାଖାର ଆଇନ ଅଧିକାରୀ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିନା ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ଚାଲିଛି ଉଦ୍‌ଘାଟନ

ପୁରୀ, ୦୬/୦୧ (ନି.ପ୍ର): ପୁରୀ ଜିଲ୍ଲାର କେତେକ ସ୍ଥାନରେ ଏବେ ବିନା ସରକାରୀ ଅଧିକାରୀ ବିଡ଼ିଓ, ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀଙ୍କ ବିନା କେତେକ ଜନହିତକର କାର୍ଯ୍ୟ ଉଦଘାଟନକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ବିଶେଷ କରି ବ୍ରହ୍ମଗିରି ଅଂଚଳରେ କେତେକ ସ୍ଥାନରେ ସରକାରୀ ଅର୍ଥରେ ଜନହିତକର କାର୍ଯ୍ୟକ୍ରମରେ ଗ୍ରାମବାସୀମାନେ ଉପସ୍ଥିତ ରହୁଥିବା ବେଳେ କେବଳ ପ୍ରଚାର ପ୍ରସାର ପାଇଁ ଜନୈକ ନେତା ବିଭିନ୍ନ ଗଣମାଧ୍ୟମରେ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି । ଗତକାଲି କହଳପଦା ଠାରେ ଜଳ ସମ୍ପଦ ବିଭାଗର କେତେକ କାର୍ଯ୍ୟକ୍ରମ ଭିତିପ୍ରସ୍ତର ସ୍ଥାପନ ହୋଇଥିଲେ ମଧ୍ୟ ସେହି ବିଭାଗର ଅଧିକାରୀ ନଥିବାରୁ ତାହା ସନ୍ଦେହଘେରକୁ ଆସିଛି । ୧୪ ମୌଜା କେନାଲରୁ ଦଳ ସଫା ହୋଇପାରୁନାହିଁ । କେବଳ ଦଳୀୟଭିତିକ କେତେକ ନେତା ଓ କର୍ମୀଙ୍କୁ ଧରି ଏହି ଉଦଘାଟନ କରାଯାଉଥିବାରୁ ତାକୁ ନେଇ ଜନସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି ।

# ଗଞ୍ଜାମ ଜିଲ୍ଲାର ୫ ଡାକ୍ତରଖାନା ଓ ୨୮ଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମ ପର୍ଯ୍ୟାୟରେ ରୂପାନ୍ତରଣ କରାଯିବ

ଗଞ୍ଜାମ, ୦୬/୦୧ (ନି.ପ୍ର): ବିଦ୍ୟାଳୟ ଭଳି ଡାକ୍ତରଖାନା ମଧ ରାଜ୍ୟ ସରକାରଙ୍କ ଫାଇଭ୍ -ଟି ଅଧିନରେ ରୂପାନ୍ତରଣ ହେବ । ଏହି କ୍ରମରେ ଗଞ୍ଜାମ ଜିଲ୍ଲାର ୫ଟି ଡାକ୍ତରଖାନା ଏବଂ ୨୮ଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମ ପର୍ଯ୍ୟାୟରେ ରୂପାନ୍ତରଣ କରିବାକୁ ନିଷ୍ପତି ନିଆଯାଇଛି । ଏଥିପାଇଁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ସ୍ଥିତ ମୁଖ୍ୟ ଜିଲ୍ଲା ଚିକିତ୍ସାଳୟ ତଥା ସିଟି ହସ୍ପିଟାଲ ଏବଂ ଛତ୍ରପୁର, ଭଞ୍ଜନଗର, ଆସିକା ଓ ହିଞ୍ଜିଳିକାଟୁ ଉପଖଣ୍ଡ ଡାକ୍ତରଖାନା ସମେତ ଜିଲ୍ଲାର ୨୨ଟି ବ୍ଲକରେ ଥିବା ୨୮ଟି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ରୂପାନ୍ତରଣ କରିବାକୁ ସ୍ଥିର କରାଯାଇଛି । ଏଥିପାଇଁ ଆର୍କିଟେକ୍ଟ ମାନଙ୍କ ସହାୟତାରେ ଆଗକୁ ଆକ୍ସନ ପ୍ଲାନ ତିଆରି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ଭିତିଭୂମିର ବିକାଶ ସହ କୋଠାର ଉନ୍ନତିକରଣ, ଡ଼ାକ୍ତର, ନର୍ସ, ଫାର୍ମାସିଷ୍ଟ ଆଦି ଷ୍ଟାଫ୍ ସଂଖ୍ୟା ବୃଦ୍ଧି, ପାଇଖାନା, ପାନୀୟ ଜଳ, ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନାକୁ ବ୍ୟବସ୍ଥିତ କରାଯିବ । ରୂପରେଖ ପ୍ରସ୍ତୁତ ପରେ କାମ ଆରମ୍ଭ ହେବ ବୋଲି ସୂଚନା ମିଳିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠିତ ଏହି ବୈଠକରେ ଡାକ୍ତର ଉମାଶଙ୍କର ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଡି.ପି.ଏମ. ଶ୍ୟାମସୁନ୍ଦର ତ୍ରିପାଠୀ, ଶକ୍ତି କୁମାର ଦିଗାଲଙ୍କ ସମେତ ୪ଟି ଉପଖଣ୍ଡ ଡ଼ାକ୍ତରଖାନାର ଅଧିକ୍ଷକ ଉପସ୍ଥିତ ଥିଲେ ।

# ଅବ୍ୟବସ୍ଥା ଘେରରେ ଚାଲିଛି ବ୍ୟାଙ୍କ୍ ଅଫ୍ ଇଣ୍ଡିଆ: ଗ୍ରାହକ ସେବା ନିମ୍ନଗାମୀ

ଘଟଗାଁ, ୦୬/୦୧ (ନି.ପ୍ର): ଏକଦା ବ୍ୟାଙ୍କ୍ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ଜନମାନସରେ ଆଦୃତ ହୋଇପାରିଥିବା ବ୍ୟାଙ୍କ୍ ଅଫ୍ ଇଣ୍ଡିଆ କେନ୍ଦୁଝର ଜୋନ ବର୍ତମାନ ଗ୍ରାହକ ସେବା କ୍ଷେତ୍ରରେ ଦୃତ ନିମ୍ନଗାମୀ ହୋଇଛି । ଜୋନର ବିଭିନ୍ନ ଶାଖାମାନଙ୍କରେ ସର୍ବନିମ୍ନ ଗ୍ରାହକ ସୁବିଧା ମଧ୍ୟ ନାହିଁ । ବିଶେଷ କରି ଜିଲ୍ଲା ଖଣିଜ ପାଣ୍ଠିର ହଜାର ହଜାର କୋଟି ଟଙ୍କା ଗଚ୍ଛିତ ଓ କାରବାର ପରଠାରୁ ସାଧାରଣ ଗ୍ରାହକ ସେବା ସାମାଜିକ ଦାୟୀତ୍ୱ ସେବା ବିପର୍ଯ୍ୟସ୍ତ ହୋଇପଡିଛି । ଏହାର ଜ୍ୱଳନ୍ତ ନମୂନା ଦେଖିବାକୁ ମିଳିଛି ପଳାସପଙ୍ଗାସ୍ଥିତ ଓସିଏଲ ଶାଖାରେ । ୧୯୮୬ ମସିହାରୁ ସ୍ଥାପିତ ଓ କାର୍ଯ୍ୟରତ ଏହି ଶାଖା ଉପରେ ଆଖପାଖ ଅଂଚଳର ଲୋକେ ନିର୍ଭରଶୀଳ । ୫୦ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ କରୁଥିବା ଉକ୍ତ ବିପଦଶଙ୍କୁଳ ଶାଖାଟି ଏକ କୁକୁଡା ଘର ପରି ରହିଛି । ଗ୍ରାହକ କର୍ମଚାରୀଙ୍କ ପାଇଁ ସାମାନ୍ୟ ମୌଳିକ ସୁବିଧା ନାହିଁ । ବସିବା ପାଇଁ ସ୍ଥାନ ଟିକେ ମଧ ନାହିଁ । ଶୌଚାଳୟରେ ଆଣ୍ଠୁଏଁ ମଳମୂତ୍ର ପାଣି । ଅପରିଷ୍କାର ପରିବେଶ, ବିପଦଶଙ୍କୁଳ ଖୋଲା ବିଦ୍ୟୁତ ତାର ସଂଭାର, ବିପର୍ଯ୍ୟସ୍ତ ଭାବେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ପାନ ଛେପ ଖଙ୍କାର, ବୁଢୀଆଣି ଜାଲର ମାନଚିତ୍ର ଦେଖିବାକୁ ମିଳେ । ଏଠାରେ ବିଦ୍ୟୁତ ସଂଯୋଗ ନଥିବାରୁ ଜେନେରେଟରରେ କାମ ଚଳାଇ ନିଅନ୍ତି ଓ ସବୁଦିନେ କର୍ମଚାରୀଙ୍କ ପାଇଁ ଷ୍ଟାଫ୍ କ୍ୱାର୍ଟର ନଥିବାରୁ ସନ୍ଧ୍ୟା ପରେ ଏହି ଶାଖା ଓ ଆଖପାଖ ଜନମାନସ ଶୂନ୍ୟ ହୋଇପଡେ । ଏହିପରି କେନ୍ଦୁଝର ଜୋନର ଅନେକ ଶାଖା ଅବ୍ୟବସ୍ଥା ଘେରରେ ଚାଲିଛି । ସହରର ହାତଗଣତି କେତୋଟି ଶାଖା ଚକାଚକ ଥିଲେବି ଗ୍ରାହକ ସେବା ନିମ୍ନସ୍ତରରେ ଥାଏ ସବୁବେଳେ । ଗ୍ରାହକ ଦୁର୍ବ୍ୟବହାରର ଶିକାର ହେଉଥିବାର ଅନେକ ଅଭିଯୋଗ ହେଲେ ମଧ କୌଣସି ପଦକ୍ଷେପ ନିଆନଯିବା ଦୁର୍ଭାଗ୍ୟଜନକ ବୋଲି ଗ୍ରାହକମାନେ ମତାମତ ପ୍ରଦାନ କରିଛନ୍ତି ।

# ଅବ୍ୟବସ୍ଥା ଭିତରେ ଚାଲିଛି ବ୍ୟାଙ୍କ ଶାଖା

ଚମ୍ପୁଆ, ୦୬/୦୧ (ନି.ପ୍ର): ବ୍ୟାଙ୍କ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକରି ଜନମାନସରେ ଆଦୃତ ହୋଇପାରିଥିବା ବ୍ୟାଙ୍କ ଅଫ ଇଣ୍ଡିଆ କେନ୍ଦୁଝର ଜୋନ ବର୍ତମାନ ଗ୍ରାହକ ସେବା କ୍ଷେତ୍ରରେ ଦୃତ ନିମ୍ନଗାମୀ ହୋଇଥିବା ଦେଖାଯାଉଛି। ବିଭିନ୍ନ ଶାଖା ମାନଙ୍କ ରେ ସର୍ବନିମ୍ନ ଗ୍ରାହକ ସୁବିଧା ମଧ ନାହିଁ । ବିଶେଷକରି ଜିଲ୍ଲା ଖଣିଜପାଣ୍ଠିର ହଜାର ହଜାର କୋଟି ଟଙ୍କା ଗଛିତ ଓ କାରବାର ପରଠାରୁ ସାଧାରଣ ଗ୍ରାହକ ସେବା, ସାମାଜିକ ଦାୟିତ୍ୱବୋଧ ସେବା ବିପର୍ଯ୍ୟସ୍ତ ହୋଇପଡିଛି । ଏହାର ଜ୍ୱଳନ୍ତ ନମୁନା ଦେଖିବାକୁ ମିଳୁଛି ପଳାସପଙ୍ଗା ସ୍ଥିତ ଓସିଲ ଶାଖା ରେ,୧୯୮୬ରୁ କାର୍ଯ୍ୟରତ ଏହି ଶାଖା ଉପରେ ଆଖପାଖ ୨୦ଟି ଅଞ୍ଚଳ ର ଲୋକେ ନିର୍ଭରଶୀଳ ରହିଥାନ୍ତି । ପଚାଶ କୋଟି ରୁ ଉର୍ଦ୍ଧ ବ୍ୟବସାୟ କରୁଥିବା ଏହି ବିପଦସଂକୁଳ ଶାଖାଟି ଏକ କୁକୁଡ଼ାଘର ସଦୃଶ୍ୟ ରହିଛି। ଗ୍ରାହକ କର୍ମଚାରୀଙ୍କ ପାଇଁ ସାମାନ୍ୟ ସୁବିଧା ମଧ ନାହିଁ, ବସିବାପାଇଁ ସ୍ଥାନ ଟିକେ ବି ନାହିଁ, ଶୌଚାଳୟରେ ଆଣ୍ଠୁଏ ମଳମୂତ୍ର ପାଣି, ଅପରିଷ୍କାର ପରିବେଶ, ବିପଦସଂକୁଳ ଖୋଲା ବିଦ୍ୟୁତତାର ର ସମ୍ଭାର, ବିପର୍ଯ୍ୟସ୍ତ ଭାବରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ପାନଛେପ ଖଙ୍କାର ବୁଢିଆଣୀ ଜାଲ ର ମାନଚିତ୍ର ଦେଖିବାକୁ ମିଳେ ଏଠାରେ। ବିଦ୍ୟୁତ ସଂଯୋଗ ନଥିବାରୁ ସବୁଦିନେ ଜେନେରେଟର ରେ କାମ ଚଳେଇ ନିଅନ୍ତି। କର୍ମଚାରୀଙ୍କ ପାଇଁ ଷ୍ଟାଫ କ୍ୱାର୍ଟର ନଥିବାରୁ ସନ୍ଧ୍ୟା ପରେ ଏହି ଶାଖା ଓ ଆଖପାଖ ଅଞ୍ଚଳ ଜନମାନବ ଶୂନ୍ୟ ହୋଇପଡେ । ଖାଲି ଯେ ଏହି ଜୋନ କିମ୍ବା ଏହି ଶାଖାର ଅବସ୍ଥା ଶୋଚନୀୟ ତାହା ନୁହେଁ, ଏମିତି ଅନେକ ଶାଖା ର ଅବସ୍ଥା ଅବର୍ଣ୍ଣନୀୟ, ସହର ମାନଙ୍କରେ ଥିବା ହାତଗଣତି କେତୋଟି ଶାଖା ଚକାଚକ ଥିଲେ ବି ଗ୍ରାହକ ସେବା ନିମ୍ନ ସ୍ତରରେ ଥାଏ ସବୁବେଳେ। ଅନେକ ଗ୍ରାହକ ଦୁର୍ବ୍ୟବହାର ର ଶିକାର ହେଉଥିବାର ଅନେକ ଅଭିଯୋଗ ହେଲେ ମଧ ଏହାର ନିରାକରଣ ପାଇଁ ଜୋନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବା ଦୁର୍ଭାଗ୍ୟଜନକ ବୋଲି ଗ୍ରାହକ ମହଲରେ ମତ ପ୍ରକାଶ ପାଇଛି ।

# ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା, ୦୬/୦୧ (ନି.ପ୍ର): କେନ୍ଦ୍ରାପଡା ସାଂନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟ ଅଧକ୍ଷ ଗଙ୍ଗାଧର ସାହୁ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମହିଳା ସଶକ୍ତିକରଣ ପାଇଁ ଓଡିଶା ସରକାରଙ୍କର ଏହା ଏକ ଫଳପ୍ରଦ କାର୍ଯ୍ୟକ୍ରମ ବୋଲି ମତବ୍ୟକ୍ତ କରିଥିଲେ । ଅଧାପକ ମନୋଜ କୁମାର ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ବାଳିକା ଆତ୍ମରକ୍ଷା କୌଶଳର ଆବଶ୍ୟକତା ସଂପର୍କରେ ସୁଚନା ପ୍ରଦାନ କରିଥିଲେ । ପ୍ରାଧାପକ ଦିଲିପ କୁମାର ମହାନ୍ତି, ଅଧାପକ ପ୍ରକାଶ ରଞ୍ଜନ ଦାସ, ଦମୟନ୍ତୀ ମହାରଣା ପ୍ରମୁଖ ଆତ୍ମରକ୍ଷା କୌଶଳ ବାଳିକା ମାନଙ୍କୁ ଅସାମାଜିକ ବ୍ୟକ୍ତି ମାନଙ୍କ କବଳରୁ ରକ୍ଷା କରିପାରିବ ବୋଲି ମତବ୍ୟକ୍ତ କରିଥିଲେ । ଦୀର୍ଘ ଏକ ସପ୍ତାହ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ୧୨୩ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ସୌଦାମିନୀ ପାଗଳ, ମୋନାଲିସା ନାୟକ ଟ୍ରେନର ଭାବେ ଯୋଗ ଦେଇଥିବା ବେଳେ ମହେନ୍ଦ୍ର ଚୁଳି, ରାମକୃଷ୍ଣ କର, ଶରତ ନିମାଇଁ, ରାଜେଶ ମଳିକ, ଶଶି ପ୍ରସାଦ ମହାରଣା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଓମ୍ ଭାରତ ସ୍ୱାଭିମାନ ୨୮ତମ ପ୍ରତିଷ୍ଠା ଦିବସ

ଜୟପୁର, ୦୬/୦୧ (ନି.ପ୍ର): କୋରାପୁଟ ଜିଲ୍ଲା ଭାରତ ସ୍ୱାଭିମାନ ପ୍ରଭାରୀ ହରିହର କରସୁଧା ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସହ ରାଜ୍ୟ ମହିଳା ପ୍ରଭାରୀ ମୂଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ । ପତଞ୍ଜଳି ଯୋଗ ସମିତି , ମହିଳା ପତଞ୍ଜଳି ଯୋଗ ସମିତି , ଯୁବା ସମିତି ,କୃଷକ ପଞ୍ଚାୟତ । କେ ତିରୁପତି ପାତ୍ର ଭାଇ ସେବା ମାଧ୍ୟମରେ ସ୍ୱାଭିମାନ କୁ ଆଗକୁ ବଢ଼ାଇବା ଦିଗ୍ ଦର୍ଶନ ଦେଲେ । ଭାରତ ସ୍ୱାଭିମାନ ମୂଖ୍ୟ କହିଲେ ସ୍ୱାମୀ ରାମଦେବ ଜୀ ନିଃସ୍ୱାର୍ଥ ,ନିଷ୍କାମ ସେବା ସଙ୍କଳ୍ପ ଦ୍ୱାରା ସାରା ବିଶ୍ୱର ହୃଦୟରେ ଆଜି ପ୍ରତିଷ୍ଠିତ । ଆମେ ଆଜି ଏହି ପ୍ରତିଷ୍ଠା ଦିବସ ରେ ସଙ୍କଳ୍ପ ନେବା ସମସ୍ତ ପରିବାର କୁ ଯୋଗମୟ କରିବା ।ସହ ଯୁବ ପ୍ରଭାରୀ ବିଦ୍ୟା ସାଗର ସଙ୍କଳ୍ପ ନେଇ କହିଛନ୍ତି ଆଗାମୀ ଦିନରେ ଯୁବକ ମାନଙ୍କୁ ନେଇ ଯୋଗ କରିବି ।କାରଣ ଯୁବଶକ୍ତି ଠିକ୍ ପଥରେ ଆଗେଇ ଶକ୍ତି ଶାଳୀ ହେଲେ ଦେଶ ଭବିଷ୍ୟତ ଉଜ୍ଜ୍ୱଳ ଓ ଶକ୍ତିମୟ ହୋଇପାରିବ । ମହିଳା ପତଞ୍ଜଳି ଉଷା ଭଉଣୀ କହିଛନ୍ତି ଭଉଣୀମାନେ ଯୋଗ ପ୍ରଚାର ପ୍ରସାର ପାଇଁ ସର୍ବଦା ପ୍ରେରଣାର ଉତ୍ସ ଭାବେ ଅଭିହିତ ହୋଇ ଆସୁଛନ୍ତି । ଆଗକୁ ମଧ ଏହି କାର୍ଯ୍ୟକ୍ରମ ଜାରି ରହିବ । ସନ୍ତୋଷ ଭାଇ କହିଲେ ୨୦୦୮ରୁ ଜାନକୀ ଭଉଣୀ ଙ୍କ ତତ୍ତ୍ୱାବଧାନରେ ଆମ କୁମ୍ଭାର ସାହି ଯୋଗ କକ୍ଷ ପ୍ରତିଷ୍ଠା ହୋଇ ଆଜି ପର୍ଯ୍ୟନ୍ତ ଚାଲୁଛି । ଜାନକୀ ଭଉଣୀ କହିଲେ ସମସ୍ତ ବ୍ୟକ୍ତି ଯୋଗ ସାଧନା ଦ୍ୱାରା ଅନ୍ତର୍ନିହିତ ଶକ୍ତି ବିକଶିତ କରିବା ନିଶ୍ଚିତ ଭାରତ ବିଶ୍ୱଗୁରୁ ହେବ ଆମେ ସୁସ୍ଥ ସାମର୍ଥ୍ୟ ବାନ ହେବା । ଶେଷରେ ସନ୍ଧ୍ୟା ଭଉଣୀ ଧନ୍ୟବାଦ ଅର୍ପଣ କଲେ । ସମସ୍ତ ଯୋଗ ଶିକ୍ଷକ ଭାଇ ଭଉଣୀ ସଙ୍କଳ୍ପ ନେଲେ ଆମ କୋରାପୁଟ ଜିଲ୍ଲାରେ ଅଧିକରୁ ଅଧିକ ଯୋଗ କକ୍ଷ କରିବା ସେଥିପାଇଁ ୫ରୁ୭ ତାରିଖ ପର୍ଯ୍ୟନ୍ତ ଗିତାଭବନ ଠାରେ ଯୋଗ ଶିବିର ଆୟୋଜନ ହେଉଅଛି । ଏହି ବୈଠକରେ ପ୍ରବୀଣା ପଣ୍ଡା, ସୁପ୍ରଭା ରାଉଳ, ସୁବାସିନୀପାତ୍ର, ଦୁଲାରୀ, ମନୋରମା, ସୁନୀତା ମିଶ୍ର, ପଦ୍ମାବତୀ, ସନ୍ଧ୍ୟା ପାଳ ,ଜି ଶ୍ରୀ ନିବାସ, ନାଗେଶ୍ୱର, ପୂର୍ଣ୍ଣଚନ୍ଦ୍ର, ଭାଗିରଥି,ନ କମଳା, ବାସନ୍ତୀ, ପି ସନମୁଖ ରାଓ, ରମେଶ ଗୁପ୍ତା ବହୁତ ବ୍ୟକ୍ତି ଭାଗ ନେଇ ମତାମତ ବ୍ୟକ୍ତ କରିଥିଲେ ।

# କେନ୍ଦୁପାଟଣା ଓ ଶିର୍ଲୋ ଧାନମଣ୍ଡି ଉଦ୍‌ଘାଟିତ

ସାଲେପୁର, ୦୬/୦୧ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ କେନ୍ଦୁପାଟଣା ସେବାସମବାୟ ସମିତିର ଧାନ ମଣ୍ଡି ଉଦ୍ଘାଟିତ ହୋଇଯାଇଛି । ଚଳିତ ବର୍ଷ ୫୩୫ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଆଜି ସେବା ସମବାୟ ସମିତିର ସଂପାଦକ ମନୋଜ କୁମାର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦୁପାଟଣା ସରପଂଚ ପ୍ରଗତୀପ୍ରଭା ମହାନ୍ତି, କୋଲଣପୁର ସରପଂଚ ଗୋପବନ୍ଧୁ ସେଠୀ, ସଭାପତି ଶାରଦା ପ୍ରସାଦ ନାୟକ, ଯତୀନ୍ଦ୍ରନାଥ ଜେନା, ରସାନନ୍ଦ ସାମଲ, ସୋମନାଥ ବେହେରା, କୃଷ୍ଣ ଚନ୍ଦ୍ର ରାଉତ ପ୍ରମୁଖ ଉଦଘାଟନୀ ଉତ୍ସବରେ ଯୋଗଦେଇଥିଲେ । ଆଜି ପ୍ରାୟ ୧ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଥିଲା ବେଳେ ଆର.ଏମ୍.ସି.ର କର୍ମଚାରୀ ଶ୍ୟାମସୁନ୍ଦର ଦାସ ତଦାରଖ କରୁଛନ୍ତି । ଚଳିତ ବର୍ଷ ଚାଷୀମାନେ ସୂଚାରୁ ରୂପେ ଧାନ ବିକ୍ରୟ କରିପାରିବେ ବିଭାଗୀୟ କର୍ମଚାରୀ ନଜର ରଖିଥିବା ଜଣାପଡିଛି । ସେହିପରି ଶିର୍ଲୋ କୃଷିରଣ ସମବାୟ ସମିତି ଆନୁକୂଲ୍ୟରେ ଚଳିତ ବର୍ଷ ଧାନ ମଣ୍ଡି ଉଦ୍ଘାଟିତ ହୋଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ମଣ୍ଡିରେ ସପ୍ତାହର ସୋମବାର ଦିନ ଧାନ ବିକ୍ରି ପାଇଁ ଦିନ ଧାର୍ଯ୍ୟ ହୋଇଥିଲା ବେଳେ ଏଠାକୁ ମିଲର ଧାନ କିଣିବାକୁ ନଆସିବାରୁ କେବଳ କଂଟାପୂଜା କରାଯାଇଥିଲା । ଏହି ମଣ୍ଡିରେ ଶିର୍ଲୋ, ଇସାଣୀ ବରହମପୁର ଓ ମାଣପୁର ପଂଚାୟତର ଚାଷୀମାନେ ଧାନ ବିକ୍ରି କରିପାରିବେ ବୋଲି ଅନ୍ଲାଇନ୍ମାଧ୍ୟମରେ ନାମ ପଞ୍ଜିକୃତ କରିଛନ୍ତି । ସମବାୟ ସମିତି ପକ୍ଷରୁ ୪୮୪ ଜଣ ଚାଷୀଙ୍କ ନାମ ପଞ୍ଜିକୃତ କରାଯାଇଥିଲା ବେଳେ ସେମାନେ ମୋଟ ୨୨୫୮୦ କୁଇଂଟାଲ ଧାନ ବିକ୍ରି କରିପାରିବେ ବୋଲି ଲକ୍ଷ୍ୟଧାର୍ଯ୍ୟ ହୋଇଛି । ସମବାୟ ସମିତିର ସଂପାଦକ ଅକ୍ଷୟ କୁମାର ଦାସଙ୍କ ପୌରୋହିତ୍ୟରେ ଏହି ଉଦ୍ଘାଟନୀ ଉତ୍ସବରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ରଘୁନାପୁର ଶାଖା ପରିଚାଳକ ଇତି ଶ୍ରୀକାନ୍ତ ସ୍ୱାଇଁ ଯୋଗଦେଇ ମଣ୍ଡିରେ ଧାନ ବିକ୍ରିକରିବାର ସରକାରଙ୍କ ବିଧିବଦ୍ଧ ନିୟମ ସଂକ୍ରାନ୍ତରେ ଉପସ୍ଥିତ ଚାଷୀଙ୍କୁ ଅବଗତ କରିଥିଲେ । ଏଥିରେ ସମିତି ପରିଚାଳନା କମିଟିର ସଭାପତି ମନୋରଂଜନ ପ୍ରଧାନ, କମିଟି ନିର୍ଦ୍ଦେଶକ ଗୋପୀନାଥ ପଲେଇ, କୈଳସ ଚନ୍ଦ୍ର ଖୁଂଟିଆ, ସୁରେନ୍ଦ୍ର ବେହେରା, ପବିତ୍ର ମୋହନ ବିଶ୍ୱାଳ, ସେକ୍ ନୁର୍ ମହମ୍ମଦ, ଅନାଦି ଚରଣ ସେଠୀ, ଶମ୍ଭୁନାଥ ତ୍ରିପାଠୀ, ଧାନକ୍ରୟ କମିଟିର ସଭ୍ୟ ନିଳକଣୀ ଖୁଂଟିଆ, ଚିନ୍ମୟ ଦାସ, ଚାଷୀ ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟ, ପ୍ରମୋଦ ଆଚାର୍ଯ୍ୟ, ନବକିଶୋର ହୋତା, ସୁଧୀରରଂଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ ।

# ବୈଜ୍ଞାନିକମାନେ ସନ୍ଧାନ କରିଛନ୍ତି ୧୨ଟି ଭୟଙ୍କର ଭାଇରସ୍, ଭବିଷ୍ୟତରେ ହୋଇପାରନ୍ତି ଘାତକ

**କରୋନା ଭାଇରସର ଲେଉଟାଣିକୁ ନେଇ ପୁଣି ଥରେ ସାରା ବିଶ୍ୱରେ ଆରମ୍ଭ ହୋଇଯାଇଛି ହଲଚଲ୍ । ଚୀନ ବ୍ୟତୀତ ଅନେକ ଦେଶକୁ ଏବେ ଭାଇରସ ଦ୍ରୁତ ଭାବେ କବଳିତ କରିସାରିଲାଣି । ଏଭଳି ସ୍ଥିତିରେ ଭାରତରେ ମଧ୍ୟ କୋଭିଡ-୧୯ ସଚେତନତା ନେଇ ପ୍ରତ୍ୟେକ ରାଜ୍ୟକୁ ଆଲର୍ଟ କରାଯାଇଛି । ତେବେ ଚଳିତ ବର୍ଷ ବୈଜ୍ଞାନିକମାନେ ୧୨ଟି ଭୟଙ୍କର ଭାଇରସର ସନ୍ଧାନ କରିଛନ୍ତି । ଏହି ଭାଇରସଗୁଡ଼ିକ ଭବିଷ୍ୟତରେ ଘାତକ ରୂପ ଧାରଣ କରିପାରନ୍ତି ବୋଲି ଆଶଙ୍କା ସୃଷ୍ଟି ହୋଇଛି ।**



୧- ଜମ୍ବି ଭାଇରସ: ଏହି ଭାଇରସ ୪୮,୫୦୦ ବର୍ଷ ପୂର୍ବେ ସମାପ୍ତ ହୋଇଯାଇଛି ବୋଲି ଚର୍ଚ୍ଚା ହେଉଥିଲା, ମାତ୍ର ସାଇବେରିଆରେ ବୈଜ୍ଞାନିକମାନେ ଏହାକୁ ପୁଣି ଥରେ ଜୀବିତ କରିଥିଲେ । ଗ୍ଲୋବାଲ ୱାର୍ମିଂରେ ଏହି ଭାଇରାସ୍ ଘାତକ ହୋଇପାରେ ।

୨- ଏଚଏସଭି-୧: ଏହି ଭାଇରସର ଚିହ୍ନଟ ୫୨୦୦ ବର୍ଷ ତଳୁ ହୋଇଥିଲା । ମାତ୍ର ଆଜିର ସମୟରେ ମଧ୍ୟ ଏହାର ଆଧୁନିକ ଭର୍ସନ ରହିଛି । ଏହା ଚୁମ୍ବନ ଦ୍ୱାରା ବ୍ୟାପିଥାଏ ବୋଲି ରିସର୍ଚ୍ଚରୁ ଜଣାପଡ଼ିଛି ।

୩- ନର୍ସ ଗଡସ ଭାଇରସ: ଏହି ରହସ୍ୟମୟୀ ଭାଇରସର ଜେନେଟିକ ଅଂଶକୁ ବୈଜ୍ଞାନିକମାନେ ଖୋଜି ପାଇଛନ୍ତି । ଏହା ଅସଗାର୍ଡ ଆର୍କିୟାକୁ ମଧ୍ୟ ସଂକ୍ରମିତ କରିପାରେ ।

୪- ମୋନୋ ଭାଇରସ: ଏହି ଭାଇରସ ବହୁମୁଖୀ ସ୍କେଲେରୋସିସ ପରି ଅଟୋମ୍ୟୁନ ରୋଗ ସୃଷ୍ଟି କରିପାରେ । ଏହାକୁ ଏପଷ୍ଟିନ-ବାର ଭାଇରସ ମଧ୍ୟ କୁହାଯାଏ । ଏହା ବ୍ରେନ ଓ ମେରୁ ହାଡ଼ ଉପରେ ଆକ୍ରମଣ କରିପାରେ ।

୫- ଆର୍କାଟିକ ଲେକରେ ଜିଆଣ୍ଟ ଭାଇରସ: ଉତ୍ତର ଧ୍ରୁବଠାରୁ ୮୦୦ କିମି ଦୂରରେ ଥିବା ଦି ମିଲନୋ ଫିୟୋର୍ଡ ଏପିଶେଲ୍ଫ ହ୍ରଦ ଅବସ୍ଥିତ । ସେଠାରେ ଥିବା ଏହି ବିଶାଳକାୟ ଭାଇରସ ଆଲଜାଇକୁ ଖାଇଥାଏ । ଆକାର ଦୃଷ୍ଟିରୁ ଏହି ଭାଇରସ୍ ଅନେକ ବ୍ୟାକ୍ଟେରିଆ ଠାରୁ ବଡ଼ ହୋଇଥାଏ ।

୬- ବ୍ୟାକ୍ଟେରିଆକୁ ଖାଉଥିବା ଭାଇରସ: ଯେଉଁ ଭାଇରସ ବ୍ୟାକ୍ଟେରିଆକୁ ସଂକ୍ରମିତ କରି ଖାଇଥାଏ, ତାହାକୁ ବ୍ୟାକ୍ଟେରିୟୋଫେଜ କୁହାଯାଏ । ଏଥିରୁ ପ୍ରଭାବଶାଳୀ ଆଣ୍ଟିବ୍ୟାକ୍ଟେରିଆ ତିଆରି ହୋଇପାରେ । ଏହି ଭାଇରସ ମଣିଷ ପାଇଁ ଲାଭକାରୀ ହୋଇଥାଏ ।

୭- ମଣିଷ ଶରୀରରେ ପ୍ରାଚୀନ ଭାଇରସ: ମଣିଷର ଜୀନୋମରୁ ପ୍ରାଚୀନ ଭାଇରସ ମିଳିଛି । ଏହାକୁ ଜଙ୍କ ଡିଏନଏ କୁହାଯାଉଛି । ଏହା ସର୍ବଦା ଟିସୁମାନଙ୍କ ମଧ୍ୟରେ ଘୂରୁଥାଏ । ଏହି ଭାଇରସ କ'ଣ କରୁଛି, ସେନେଇ ରହସ୍ୟମୟ ହୋଇ ରହିଛି ।

୮- ଟୋରୋ ଭାଇରସ: ଚଳିତ ବର୍ଷ ବୈଜ୍ଞାନିକମାନେ ପାଖାପାଖି ୫୫୦୦ ଭାଇରସର ସନ୍ଧାନ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ଗୋଟିଏ ହେଉଛି ଟୋରୋ ଭାଇରସ । ଏହା ମଣିଷର କ'ଣ କ୍ଷତି କରିପାରିବ, ସେନେଇ କିଛି ସ୍ପଷ୍ଟ ହୋଇନାହିଁ ।

୯- ଏରିନା ଭାଇରସ: ବିଶ୍ୱର ଅନେକ ସମୁଦ୍ରମାନଙ୍କରୁ ଆରଏନଏ ଭାଇସରକୁ ଠାବ କରାଯାଇଛି । ସେଥିମଧ୍ୟରେ ଗୋଟିଏ ହେଉଛି ଏରିନା ଭାଇରସ । ଏହା ସମୁଦ୍ରରେ ଭିନ୍ନ ଭିନ୍ନ ପ୍ରଜାତିର ଜୀବଜନ୍ତୁଙ୍କୁ ସଂକ୍ରମିତ କରିଥାଏ ।

୧୦- ବ୍ଲକ-ଲେଗଡ ଟିକ: ପେନସିଲଭେନିଆର ଲରେନ୍ସ ଟାଉନଶିପ ରିକ୍ରିଏଶନଲ ପାର୍କରୁ କଳା ପାଦଧାରୀ ଟିକ ମିଳିଛି । ଏହି ଟିକ କାଟିବା ମଣିଷ ପାଇଁ ବିପଜ୍ଜନକ ହୋଇପାରେ । ଏହାର ନାମ ଡିୟର-ଟିକ ଭାଇରସ୍ ଦିଆଯାଇଛି ।

୧୧- ଜାପାନୀ ଇନସେଫାଲାଇଟିସ: ଏହି ଭାଇରସ୍ ବ୍ରେନରେ ବିପଦ ସୃଷ୍ଟି କରିଥାଏ । ମଛା କାମୁଡ଼ିବା ଦ୍ୱାରା ଏହା ବ୍ୟାପିଥାଏ ।

୧୨- ରସିଆନ ଫ୍ଲୁ: ଏହି ଭାଇରସ ୧୮୧୦ରେ ରୁଷରେ ବ୍ୟାପିଥିଲା । ପରେ ଏହା ସାରା ବିଶ୍ୱକୁ ସଂକ୍ରମିତ କରିଥିଲା । ଏହା କରୋନା ଭାଇରସ ପରିବାରର ବୋଲି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ।

# କେବଳ ମଣିଷ ନୁହେଁ, ସାପଙ୍କଠାରେ ମଧ୍ୟ ରହିଛି Clito-ris: ବୈଜ୍ଞାନିକଙ୍କ ନୂଆ ଖୁଲାସା

ମଣିଷର ଯୌନ ଉତ୍ତେଜା ବୃଦ୍ଧି କ୍ଷେତ୍ରରେ କ୍ଲିଟୋରିସର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମହିଳାଙ୍କର ଯୌନାଙ୍ଗ ମଧ୍ୟରେ କ୍ଲିଟୋରିସ ରହିଥିବା ବେଳେ ଏହା ସେମାନଙ୍କର ଚରମ ତୃପ୍ତି କ୍ଷେତ୍ରରେ ସହାୟତା ପ୍ରଦାନ କରିଥାଏ । ତେବେ ନିକଟରେ ବୈଜ୍ଞାନିକମାନେ ଏକ ନୂଆ ତଥ୍ୟ ହାସଲ କରିଛନ୍ତି । ସାପମାନଙ୍କ ଠାରେ ମଧ୍ୟ କ୍ଲିଟୋରିସ ରହିଥିବା ବୈଜ୍ଞାନିକମାନେ ପ୍ରଥମ ଥର ପାଇଁ ଜାଣିପାରିଛନ୍ତି । ଏକ ଷ୍ଟଡି ମୁତାବକ, ସାପଠାରେ କ୍ଲିଟୋରିସ ସେମାନଙ୍କର ପ୍ରଜନନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାର ସମ୍ଭାବନା ରହିଛି । ଏଡିଲେଡ ବିଶ୍ୱବିଦ୍ୟାଳୟର ଅଧ୍ୟୟନକାରୀମାନେ ପ୍ରଥମେ ନଅ ପ୍ରକାରର ସାପ ପ୍ରଜାତିଙ୍କ ମଧ୍ୟରେ ସାପ କ୍ଲିଟୋରିସ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । ତେବେ ସାପଙ୍କଠାରେ କ୍ଲିଟୋରିସ ମିଳିବା ଏକ ଆଶ୍ଚର୍ଯ୍ୟଜନକ କଥା ନୁହେଁ । କାରଣ ସରିସୃପଙ୍କଠାରେ ହେମିକ୍ଲିଟୋରିସ ରହିବା ବହୁତ ସାଧାରଣ ବୋଲି ଆର୍ଜେଣ୍ଟିନାର ନ୍ୟାସନାଲ ୟୁନିଭରସିଟିର ଜଣେ ଯୁବ ବିଜ୍ଞାନୀ କହିଛନ୍ତି । ଜୀବ ବିଜ୍ଞାନୀମାନେ ହେମିକ୍ଲିଟୋରିସ ବିଷୟରେ ବହୁତ କମ୍ ଜାଣିଛନ୍ତି, ଏଡିଲେଡ ବିଶ୍ୱବିଦ୍ୟାଳୟର ଜଣେ ଜୀବବିଜ୍ଞାନୀ ଛାତ୍ର ସାପ ହେମିପେନେସ ଉପରେ ଅଧ୍ୟୟନ କରିବା ପରେ ଏହା ଉପଲବ୍ଧି କରିପାରିଥିଲେ । ସେ ହେମିକ୍ଲିଟୋରିସର ଗଠନ କିପରି ଥିଲା ତାହା ଜାଣିବାକୁ ପ୍ରୟାସ କରିଥିଲେ । କିଛି ଅଧ୍ୟୟନରେ ଏହାକୁ ଭୁଲ ଭାବେ ସୂଚିତ କରାଯାଇଥିବା ଜଣାପଡ଼ିଥିଲା । ସାପ ଲାଞ୍ଜ ନିକଟରେ ଥିବା ଏକ ସୁଗନ୍ଧି ଗ୍ରନ୍ଥିକୁ ହେମିକ୍ଲିଟୋରିସ ଭାବେ ଲେବଲ କରାଯାଇଥିଲା । ସେହିପରି ଆଉ କିଛି ଅଧ୍ୟୟନରେ ହେର୍ମୋପ୍ରଡକ୍ଟିଭ ସାପଙ୍କଠାରେ ଥିବା ହେମିପେନିସ ପରି ଗଠନକୁ ମଧ୍ୟ ହେମିକ୍ଲିଟୋରିସର ରୂପ ଦିଆଯାଇଥିଲା ।



## ଛୋଟ ଛୋଟ ଘରକରଣା ଟିପ୍ସ

ଘରକୁ ସଫା ରଖିବା ସହିତ ଘରର ସବୁ ଜିନିଷକୁ ସଫା ରଖିବା ମଧ୍ୟ ଜରୁରୀ । ଘରର ଚଟାଣ ହେଉ ଅବା ରୋଷେଇ ଘରେ ବ୍ୟବହୃତ ଗ୍ୟାସ୍ ଓ ବାସନକୁସନଗୁଡ଼ିକୁ ସଫା ରଖିବା ବହୁତ ଜରୁରୀ । ଏସବୁକୁ ସଫା କଲା ବେଳେ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ, ତା'ହେଲେ ଏଗୁଡ଼ିକୁ ଆପଣ ଖୁବ୍ ସହଜରେ ସଫା କରିପାରିବେ । ଆସନ୍ତୁ ପଢ଼ିବା ସେମିତି କିଛି ଟିପ୍ସ ।

◆ ବାସନରେ ପୋଡାଦାଗ ଥିଲେ ସେଥିରେ ଅଳ୍ପ ବେକିଙ୍ଗ ସୋଡା ଓ ଭିନେଗାର ପକାଇ ଅଳ୍ପ ସମୟ ପରେ ମାଜି ଦିଅନ୍ତୁ । ଦେଖିବେ ପୋଡା ଦାଗ ଛାଡିଯିବ ।

◆ ଘରେ କ୍ଷୀର ଛିଣ୍ଡି ଯାଇଥିଲେ, ତାକୁ ନ ଫୋପାଡି ଛେନା କରନ୍ତୁ । ସେହି ଛେନାକୁ ଅଟା ଚକଟାରେ ବ୍ୟବହାର କରନ୍ତୁ । ରୁଟି ନରମ ଓ ସୁଆଦିଆ ହେବ ।

◆ ରୁଟି ତାୱାରୁ ପୋଡା ଦାଗ ଛଡାଇବା ପାଇଁ ତାୱାକୁ ଗରମ କରି ସେଥିରେ ଫାଳେ ଲେମ୍ବୁ ଘଷି ଦିଅନ୍ତୁ । ପରେ ଅଳ୍ପ ବେକିଙ୍ଗ ପାଉଡର ପକାଇ ଫାଳେ ଲେମ୍ବୁ ଚିପୁଡି ବାସନ ମଜାରେ ମାଜି ଦିଅନ୍ତୁ । ଦେଖିବେ ତାୱାରୁ ପୋଡା ଦାଗ ଛାଡ଼ି ସଫା ହୋଇଯିବ ।

◆ ଗ୍ରାଇଣ୍ଡର ଜାର ସଫା କରିବାକୁ ଚାହୁଁଥିଲେ, ସେଥିରେ ଅଳ୍ପ ବାସନ ମଜା ଲିକ୍ୱିଡ ପକାଇ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଙ୍ଗ କରିଦିଅନ୍ତୁ । ପରେ ଭଲ ପାଣିରେ ଧୋଇଦିଅନ୍ତୁ । ଜାର ଭଲରେ ସଫା ହୋଇଯିବ ।

◆ ଫ୍ରିଜରେ ପନିର ରଖିଥିଲେ ଏୟାର ଟାଇଟ ଡବାରେ ପାଣି ଦେଇ ବନ୍ଦ କରିରଖନ୍ତୁ । ଏପରି କଲେ ପନିର ସତେଜ ରହିବ ।

# କର୍ମଜୀବୀ ମହିଳା କିପରି କରିବେ ଟାଇମ୍ ମ୍ୟାନେଜ୍‌ମେଂଟ

ଆମକୁ ଛୋଟ ବେଳୁ କୁହାଯାଇଥାଏ ଯେ, 'ସମୟ ସବୁଠୁ ବଳବାନ' । ଆମେ ଯଦି ସମୟକୁ ସଠିକ୍ ଭାବେ ଉପଯୋଗ କରିପାରିବା ତାହାଲେ ସେ ଆମକୁ ସଠିକ୍ କର୍ମ ଫଳ ଦେବ । ଛୋଟରୁ ବଡ଼ ହେଲା ପର୍ଯ୍ୟନ୍ତ ବାପା ମାଆ ସବୁବେଳେ କହିଥାନ୍ତି ଯେ, ଝିଅ ସମୟ ନଷ୍ଟ କରନା, ନ ହେଲେ ଆଗକୁ ବହୁତ ଅସୁବିଧା ହେବ । କିନ୍ତୁ ସତ କହିଲେ, ଆମ ଭିତରେ କେତେଜଣ ଅଛନ୍ତି ଯେଉଁମାନେ ସମୟର ସଠିକ୍ ଉପଯୋଗ କରିଥାନ୍ତି ?

ଆମେ ଯେତେ ବଡ଼ ହେଉ ଆମ ଉପରେ ଦାୟିତ୍ୱ ମଧ୍ୟ ବଢ଼ି ବଢ଼ି ଚାଲିଥାଏ । ସେ ସବୁ ଦାୟିତ୍ୱ ସମ୍ପାଦନ କରିବା ଭିତରେ ଆମ ପାଖରେ ସମୟର ଅଭାବ ଦେଖାଦେଇଥାଏ । ବିଶେଷ କରି ଆଜିକାଲିର କର୍ମଜୀବୀ ମହିଳାଙ୍କ କ୍ଷେତ୍ରରେ ସମୟର ଘୋର ଅଭାବ ଦେଖାଦେଇଥାଏ । ଆମେ ଯଦି କୌଣସି କର୍ମଜୀବୀ ମହିଳାଙ୍କୁ କିଛି ପଚାରିଥାଉ ତାହାଲେ ସେମାନଙ୍କଠାରୁ ପ୍ରଥମ ଉତ୍ତର ଏଇୟା ଶୁଣିବାକୁ ମିଳେ ଯେ, ଏତେ ସବୁ କାମ କରିବାକୁ ସମୟ କୋଉଠି ମିଳୁଛି ।

ତେବେ ଘରେ ମହିଳା ମାନଙ୍କ ଉପରେ ବିଶେଷ କରି ବିବାହିତ ମହିଳା ମାନଙ୍କ ଉପରେ ଅନେକ ପ୍ରକାର ଦାୟିତ୍ୱ ରହିଥାଏ । ସେମାନେ ନିଜ ପରିବାରର ଦାୟିତ୍ୱ ତୁଲାଇବା ସହ ସହ କର୍ମକ୍ଷେତ୍ରରେ ମଧ୍ୟ ଅନେକ ଦାୟିତ୍ୱ ନିର୍ବାହ କରିଥାନ୍ତି । ତେବେ ଏହି ସବୁ କାମ ଭିତରେ ଟାଇମ୍ ମ୍ୟାନେଜ୍‌ମେଣ୍ଟ ନ କରିବାରୁ ଅଫିସ୍ ଯିବାରେ ଡେରି ହେଇଥାଏ, ନିଜର ଧ୍ୟାନ ନ ରଖିପାରିବା ସହ ଅନ୍ୟମାନଙ୍କୁ ସମୟ ଦେଇ ପାରି ନଥାନ୍ତି ଓ ଏପରି ଆହୁରି ଅନେକ ସମସ୍ୟା ଦେଖାଦେଇଥାଏ ।

ତେବେ ଆପଣ ଯଦି କର୍ମଜୀବୀ ମହିଳା ହୋଇଥାନ୍ତି, ତାହାଲେ ନିଜ ସମୟକୁ କିପରି ବ୍ୟବହାର କରି ସବୁ ଦାୟିତ୍ୱ ସଠିକ୍ ଭାବେ ସମ୍ପାଦନ କରିପାରିବେ, ପଢ଼ନ୍ତୁ..

❐ ଅନେକ ସମୟରେ ଆମେ ଦେଖିଥାଉ ଯେ, ସମୟ ସଠିକ୍ ଭାବେ ପରିଚାଳନା କରିବା ପାଇଁ କେତେଜଣ ଖସଡ଼ା ବା ଟାଇମ୍ ଟେବୁଲ ପ୍ରସ୍ତୁତ କରିଥାନ୍ତି । ସକାଳୁ ଉଠିବାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ସବୁ ଟାଇମ୍ ଟେବୁଲ ପ୍ରସ୍ତୁତ କରିଥାନ୍ତି । କିନ୍ତୁ ଦିନେ କି ଦୁଇ ଦିନ ଯାଏ ତାହା କାର୍ଯ୍ୟକାରୀ ହୁଏ ଆଉ ତା ପରେ ପୂର୍ବରୁ ଯାହା ଯେମିତି ଚାଲିଥିଲା ସେମିତି ଚାଲେ । କିନ୍ତୁ ଆପଣଙ୍କର ଯଦି କାମ ସଠିକ୍ ସମୟରେ ହେଉନାହିଁ ତା'ହେଲେ ନିଜର ଏକ ଟାଇମ୍ ଟେବୁଲ୍ ପ୍ରସ୍ତୁତ କରନ୍ତୁ । ପୂରା ଦିନରେ ଆପଣ କ'ଣ କରିବେ ତାର ଏକ ତାଲିକା ପୂର୍ବରୁ ହିଁ ପ୍ରସ୍ତୁତ କରି ସେହି ଅନୁସାରେ କାମ କରନ୍ତୁ ।





❐ ପ୍ରାୟ ସମସ୍ତଙ୍କର ସକାଳେ ଡେରିରେ ଉଠିବା ଅଭ୍ୟାସ ଥାଏ । ଡେରିରେ ଉଠିବା ଖରାପ ଜାଣି ମଧ୍ୟ ଆମେ ତାକୁ ଅଣଦେଖା କରିଥାଉ । ଏଥିପାଇଁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଦେଇଥାଏ । ତେବେ ଆପଣ ସବୁବେଳେ ସକାଳେ ଶୀଘ୍ର ଉଠିବାକୁ ଚେଷ୍ଟା କରନ୍ତୁ । କାରଣ ବଡ଼ିସକାଳୁ ଉଠିଲେ ଆପଣ କିଛି ବ୍ୟାୟାମ କରିବା ସହ ଅଫିସ୍ ଯିବା ଆଗରୁ ଘରକାମ ସବୁ ଶୀଘ୍ର ସାରି ପାରିବେ ।

❐ ଆପଣ କମ୍ ସମୟ ଭିତରେ ବହୁତ କିଛି କାମ କରିପାରିବେ । ତେବେ ଏହା ଆପଣଙ୍କ ଉପରେ ନିର୍ଭର କରେ । ଯେପରିକି ସକାଳ ଜଳଖିଆ ପାଇଁ ପୂର୍ବଦିନରୁ ପରିବା କାଟି ଫ୍ରିଜ୍‌ରେ ରଖିବା, ଅଫିସ୍ ପିନ୍ଧା ଡ୍ରେସ୍‌କୁ ପୂର୍ବରୁ ଆଇରନ୍ କରି ରଖିବା, ଗାଡ଼ିରେ ଆଗରୁ ପେଟ୍ରୋଲ୍ ଭରି ରଖିବା, ଅଫିସ୍ ବ୍ୟାଗ୍ ସଜାଡ଼ିବା, ଏମିତି ଅନେକ କାମ ଆପଣ ଆଗରୁ କରି ରଖିଲେ ଅଫିସ୍ ଯିବା ସମୟରେ ଆପଣ ତରତରରେ କୌଣସି ଜିନିଷ ଭୁଲିବେ ନାହିଁ ।

❐ କର୍ମଜୀବୀ ମହିଳାମାନଙ୍କୁ ପ୍ରତିଦିନ ଘରର ଆବଶ୍ୟକ ହେଉଥିବା ସାମଗ୍ରୀ କିଣାକିଣି କରିବା ପାଇଁ ସମୟ ହୋଇନଥାଏ । ତେବେ ଆପଣ ଛୁଟି ଦିନରେ ପୁରା ସପ୍ତାହ ପାଇଁ ଜିନିଷ କିଣି ରଖିଦିଅନ୍ତୁ । ଏହା ଦ୍ୱାରା ପ୍ରତିଦିନ ଜିନିଷ କିଣିବାରେ ଆପଣଙ୍କର ସମୟ ବ୍ୟୟ ହେବ ନାହିଁ ।

❐ ଘରର ମହିଳା ଏକା ହିଁ ସବୁ କାମ କରିଥାନ୍ତି । ସେଥିପାଇଁ କାମରେ ଡେରି ହୋଇଥାଏ । ଆପଣ ଯେତେବେଳେ ରୋଷେଇ ବା ଅନ୍ୟ କିଛି କାମ କରୁଥାନ୍ତି ତାହାଲେ ଆପଣଙ୍କ ସ୍ୱାମୀ ବା ଅନ୍ୟ ସଦସ୍ୟମାନଙ୍କୁ ଆପଣଙ୍କୁ ସାହାଯ୍ୟ କରିବାକୁ କୁହନ୍ତୁ । ଯେପରିକି ବଟଲରେ ପାଣି ଭର୍ତ୍ତି କରିଦେବା, ରୁମ୍ ସଜାଡ଼ିଦେବା ଇତ୍ୟାଦି କାମ ଆପଣ ଆପଣ ସ୍ୱାମୀଙ୍କୁ କହି କରାଇ ପାରିବେ ।

## ଚାପମୁକ୍ତ ରହିବାର ମନ୍ତ୍ର

ପ୍ରତି ୧୫ ଦିନରେ ୬ଜଣର ମାନସିକ ଚାପ, ଅବସାଦ ରୋଗରେ ଜୀବନ ଅତିବାହିତ କରୁଥିବାର ଅନୁଧ୍ୟାନରୁ ପ୍ରକାଶ । ବିଶ୍ୱସ୍ତରୀୟ ଏହି ସର୍ବେକ୍ଷଣରେ ମୋଟ ୨୧ଟି ରାଷ୍ଟ୍ରର ଲୋକଙ୍କୁ ସାମିଲ କରାଯାଇଥିଲା । ସୁସ୍ଥ ଜୀବନଶୈଳୀ ସହ ମାନସିକ ଶାନ୍ତି ପାଇବାକୁ ଚାହୁଁଥିଲେ, ପ୍ରତିଦିନ ଯୋଗ କରିବା ଏକ ସୁନ୍ଦର ଅଭ୍ୟାସ ବୋଲି ବିଶେଷଜ୍ଞଙ୍କ ମତ ।

◆ କିଶୋରଠାରୁ ବୟସ୍କ ପିଢି ଦୈନିକ ୧୫-୨୦ ମିନିଟ୍ ଯୋଗ କଲେ ଏହାର ଉତ୍ତମ ପ୍ରଭାବ ପଡ଼ିଥାଏ । ଯୋଗ, ପ୍ରାଣାୟମ ଆଦି କଲେ ଆମ ମନ ପ୍ରଫୁଲ୍ଲ ରହିବା ସହ ମାନସିକ ଚିନ୍ତା ମଧ୍ୟ ଅନେକାଂଶରେ ହ୍ରାସ ପାଇଥଏ ।

◆ ଲଣ୍ଡନର ଗବେଷକ ଦଳଙ୍କ ମତରେ ଯୋଗ କଲେ ଆମ ମସ୍ତିଷ୍କକୁ ଆବଶ୍ୟକ ପରିମାଣରେ ଅମ୍ଳଜାନ ମିଳେ, ଯାହା କାରଣରୁ ମନ ଶାନ୍ତ ରହୁଥିବାର ପରୀକ୍ଷାରୁ ଜଣାପଡ଼ିଛି ।

◆ ଯୋଗ ଗୁରୁଙ୍କ ତାମିଲରେ ୧୦ଦିନ କ୍ରମାଗତ ଯୋଗାଭ୍ୟାସ କଲେ ଏହାର ଉତ୍ତମ ପ୍ରଭାବ ଜାଣିହୋଇଥାଏ । ଯୋଗ ଆରମ୍ଭ ପୂର୍ବରୁ କିଛି ସମୟ ଆଖି ବନ୍ଦ କରି ଧ୍ୟାନ କରନ୍ତୁ ।




## ଖୁସି ରହିବାର ଅଭ୍ୟାସ

କାମର ଚାପ ଏତେ ବଢୁଛି ଯେ ଯୁବବର୍ଗ ନିଜ ଅସ୍ତିତ୍ୱ ଏହା ମଧ୍ୟରେ ଭୁଲିଗଲେଣି । ଅଧିକାଂଶ ପରିବାରରେ ଆଜିକାଲି ନିୟମିତ କଳିଝଗଡ଼ା ଲାଗିରହୁଛି । ଏହା ପଛର ମୁଖ୍ୟ କାରଣ ହେଲା ପରସ୍ପରର ଅସୁବିଧାକୁ ନ ବୁଝିବା । ଏ ବାବଦରେ ଲଣ୍ଡନର ଗବେଷକ ଏନରି ଲ' କହିଛନ୍ତି ପ୍ରତ୍ୟେକେ ଖୁସି ରହିବାକୁ ଚେଷ୍ଟା କରନ୍ତୁ । ନିଜ ଇଚ୍ଛା ଅନୁସାରେ ଜୀବନଶୈଳୀ ଅତିବାହିତ କଲେ କୌଣସି କାମର ଚାପ ପଡ଼ିନଥାଏ । ଏକଥା ପରିବାରର ପ୍ରତ୍ୟେକ ସଦସ୍ୟ ବୁଝିବା ସହ କାର୍ଯ୍ୟାଳୟର ସହଯୋଗୀ ମଧ୍ୟ ହୃଦୟଙ୍ଗମ କରିବା ଉଚିତ । କେବଳ ନିଜ ଇଚ୍ଛା ଅନୁଯାୟୀ ଆଗକୁ ବଢ଼ିଲେ ହିଁ ଅବସାଦର ଚାପକୁ କମ୍ କରିହେବ ବୋଲି ବିଶେଷଜ୍ଞଙ୍କ ମତ । ଦେଶ ସ୍ୱାଧୀନ ହୋଇଯାଇଛି, କିନ୍ତି ପରିବାର ତରଫରୁ ଏ ପର୍ଯ୍ୟନ୍ତ ସଦସ୍ୟମାନଙ୍କୁ ସ୍ୱାଧୀନତା ମିଳିନାହିଁ । ସମସ୍ତେ ଏହି କଥାର ତାତ୍ପର୍ଯ୍ୟ ବୁଝି ଅଗ୍ରସର ହେବା ଉଚିତ ।

## ପଏଜନ୍ ଗାର୍ଡେନ୍

କିଛି ନୂଆ ଜିନିଷ ବିଷୟରେ ଜାଣିବା ପରେ ଅବା ଛୁଇଁବା, ସମସ୍ତଙ୍କୁ ଭଲ ଲାଗେ । ବେଳେ ବେଳେ ଛୁଇଁବାକୁ କିନ୍ତୁ ଡର ଲାଗେ । କାରଣ ଜିନିଷଟି ପ୍ରତି କ୍ଷତି ପହଞ୍ଚାଇବାର ଭୟ ରହିଥାଏ । ଆମେ ବିଭିନ୍ନ ପ୍ରକାର ଗଛ ଦେଖିଛେ । ସେଥିମଧ୍ୟରୁ କିଛି ଏମିତି ବି ଗଛ ଅଛି ଯେଉଁଥିରେ ବିଷ ରହିଥାଏ । ଏମିତି ଏକ ଗାର୍ଡେନ୍ ଅଛି ଯେଉଁଠାରେ ଅଧିକାଂଶ ବିଷ ଗଛ ଦେଖିବାକୁ ମିଳିବ । ସେ ଗଛ ସବୁ ଛୁଇଁଲେ ମଣିଷ ମରିଯିବ । ଏହା ହେଉଛି ଇଂଲଣ୍ଡର ନର୍ଥୟୁମ୍ବର୍‌ଲାଣ୍ଡ୍‌ରେ ଥିବା 'ଅଲନ୍ୟିକ୍ ପଏଜନ୍ ଗାର୍ଡେନ୍' । ନର୍ଥୟୁମ୍ବର୍‌ଲାଣ୍ଡ୍‌ର ରାଣୀ ଏହି ଗାର୍ଡେନକୁ ୧୭୫୦ରେ ତିଆରି କରିଥିଲେ । ସେ ଚାହୁଁଥିଲେ କି ଏହି ଗାର୍ଡେନ୍ ନିଜର ଅଦ୍ୱିତୀୟ ବା ନିଆରା ଗୁଣ ପାଇଁ ଜଣାଯିବ । ଏହା କରିବା ପଛରେ ରାଣୀଙ୍କ ଉଦ୍ଦେଶ୍ୟ ଥିଲା ଲୋକମାନେ ଏହି କଥା ଜାଣିବା ଦରକାର ଯେ ଯଦି ଉଦ୍ଭିଦକୁ ଔଷଧ ରୂପରେ ପ୍ରୟୋଗ କରାଯାଇପାରିବ, ତେବେ ମଣିଷର ଜୀବନ ନେବା କ୍ଷମତା ବି ଗଛର ଅଛି ବୋଲି ଜାଣିବା ଦରକାର ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆତଙ୍କବାଦର କେନ୍ଦ୍ରବିନ୍ଦୁ...

ପାକିସ୍ତାନ ଯେ ବିଶ୍ୱ ଆତଙ୍କବାଦର କେନ୍ଦ୍ରସ୍ଥଳ ଓ ଉତ୍ପତ୍ତିସ୍ଥଳ, ଏହା ବିଶ୍ୱରେ କାହାକୁ ଅଛପା ନାହିଁ । ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ.ଜୟଶଙ୍କରଙ୍କର ଏହି ସତ୍ୟକୁ ଅତି ସ୍ପଷ୍ଟ ଓ ନିର୍ଭୀକ ଭାବେ ଅଷ୍ଟ୍ରିଆର ଟେଲିଭିଜନ ସଂସ୍ଥା ଓଆରଏଫ ସହ ଏକ ସାକ୍ଷାତକାର ବେଳେ ପ୍ରକାଶ କରିଛନ୍ତି । ପାକିସ୍ତାନକୁ ଏଭଳି ଭାବେ ସମାଲୋଚନା କରିବା କୂଟନୈତିକ ପରିଭାଷା ବହିର୍ଭୂତ ଶବ୍ଦ ନୁହେଁ ବୋଲି ସ୍ପଷ୍ଟ କରି ଡକ୍ଟର ଜୟଶଙ୍କର କହିଛନ୍ତି ଯେ, ଦୀର୍ଘ ବର୍ଷ ଧରି ପାକିସ୍ତାନ ଆତଙ୍କବାଦୀମାନଙ୍କୁ ଯେଉଁଭଳି ଖୋଲାଖୋଲି ଭାବେ ଆଶ୍ରୟ, ପ୍ରଶ୍ରୟ ଓ ଉପଯୋଗ କରିଆସୁଛି ଏବଂ ସେମାନଙ୍କୁ ଭାରତ ବିରୋଧରେ ବ୍ୟବହାର କରୁଛି, ସେଥିରେ ପ୍ରତିକ୍ରିୟା ବ୍ୟକ୍ତ କରିବା ସକାଶେ ତାଙ୍କ ନିକଟରେ ଆହୁରି କଠୋର ଶବ୍ଦ ଅଛି, ଯାହାକି ସେ ଦେଶ ପାଇଁ ପ୍ରଯୁଜ୍ୟ । କିନ୍ତୁ ଆଶ୍ଚର୍ଯ୍ୟରର କଥା, ୟୁରୋପୀୟ ରାଷ୍ଟ୍ରମାନେ ଏ ସଂପର୍କରେ ଅବଗତ ଥିଲେ ସୁଦ୍ଧା ସେମାନଙ୍କ ନିରବତା ବିସ୍ମୟକର । ଏବେ ବିଶ୍ୱ ଆତଙ୍କବାଦ ସହିତ ଯେଉଁଭଳି ଭାବେ ମୁକାବିଲା କରୁଛି, ସେଥିରେ ଆଉ ନିରବତା ଅବଲମ୍ବନ କରିବାର ଅବସର ନାହିଁ ବୋଲି ସେ କହିଛନ୍ତି । ଭାରତ ଏଭଳି ପ୍ରତିକ୍ରିୟା ପଛରେ ଯଥେଷ୍ଟ କାରଣ ରହିଛି । ଏହା ଅନସ୍ୱୀକାର୍ଯ୍ୟ ଯେ, ଅନ୍ୟ ଯେକୌଣସି ରାଷ୍ଟ୍ରଙ୍କ ତୁଳନାରେ ଭାରତ ଆତଙ୍କବାଦ ଦ୍ୱାରା ଅଧିକ ଆକ୍ରାନ୍ତ । କାରଣ ସୀମା ଆରପଟେ ପାକିସ୍ତାନ ଆତଙ୍କବାଦୀମାନଙ୍କୁ ହଜାର ହଜାର ସଂଖ୍ୟାରେ ଏବଂ ବର୍ଷ ବର୍ଷ ଧରି ତାଲିମ ଦେଇଚାଲିଛି ଏବଂ ସେମାନଙ୍କ ଭାରତ ବିରୁଦ୍ଧରେ ଅସ୍ତ୍ର ରୂପେ ବ୍ୟବହାର କରୁଛି । ଏହାର ଉଦାହରଣ- ଭାରତର ସଂସଦ ଭବନ ଉପରେ ଆକ୍ରମଣ, ମୁମ୍ବାଇର ତାଜ୍ ହୋଟେଲ ଉପରେ ଆକ୍ରମଣ ଏବଂ ଦେଶର ଅନ୍ୟାନ୍ୟ ଅନେକ ସ୍ଥାନରେ ଉଭୟ ଜନସାଧାରଣ ଓ ସାମରିକ ସ୍ଥଳୀ ଉପରେ ଆକ୍ରମଣ । ପ୍ରତି ଘଟଣାରେ ଭାରତ ପାକିସ୍ତାନ ଓ ଅନ୍ୟ ରାଷ୍ଟ୍ରମାନଙ୍କ ନିକଟରେ ଏହାର ଅକାଟ୍ୟ ସାକ୍ଷ୍ୟ ପ୍ରମାଣ ଉପସ୍ଥାପନ କରିଛି, କିନ୍ତୁ ଫଳ ଶୂନ । ପାକିସ୍ତାନର ରାଜରାସ୍ତା ଉପରେ ଜାତିସଂଘ ଦ୍ୱାରା ଇଣ୍ଟରପୋଲ ଦ୍ୱାରା ଘୋଷିତ ବିଶ୍ୱ ଆତଙ୍କବାଦୀମାନେ ଦିନ ଦ୍ୱିପହରେ ନିର୍ଭୟରେ ଘୂରି ବୁଲୁଛନ୍ତି । ପାକିସ୍ତାନ ସରକାର ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଛି । ସେ ଦେଶର ସେନା, ଗୁପ୍ତଚର ସଂସ୍ଥା ସେମାନଙ୍କୁ ତାଲିମ ଦେଉଛନ୍ତି । ଏହା ନୁହେଁ ଯେ, କେବଳ ଭାରତ ଆତଙ୍କବାଦର ଶିକାର ହୋଇଛି । ଅନ୍ୟ ରାଷ୍ଟ୍ର ଯଥା- ଆମେରିକା, ବ୍ରିଟେନ, ଫ୍ରାନ୍ସ ଓ ଅନ୍ୟାନ୍ୟ ରାଷ୍ଟ୍ର ବି ଅନୁରୂପ ଭାବେ ଆକ୍ରାନ୍ତ । ସେମାନେ ମଧ୍ୟ ପାକିସ୍ତାନ ଉପରେ ଦୋଷାରୋପ କରିଛନ୍ତି । ସେ ଦେଶରୁ ଓସାନ୍ ବିନ୍ ଲାଡେନ୍, ଅଲ ଜୱାହାରୀଙ୍କ ସମେତ ଶହଶହ ଆତଙ୍କବାଦୀଙ୍କୁ ନିପାତ କରିଛନ୍ତି । କିନ୍ତୁ ପାକିସ୍ତାନ ନିଜକୁ ଗୋଟାପଣେ ତୁଳସୀ ବୋଲି ଦାବି କରିଆସୁଛି । ଆତଙ୍କବାଦୀଙ୍କୁ ଆର୍ଥିକ ସହଯୋଗ କରୁଥିବାରୁ ପାକିସ୍ତାନ ଏବେ ଏଫଏଟିଏଫ'ର 'ଗ୍ରେ' ତାଲିକାଭୁକ୍ତ, ଅର୍ଥାତ୍ ଏହା ଉପରେ କଠୋର ଆର୍ଥିକ କଟକଣା ଲାଗୁ । ତଥାପି ପାକିସ୍ତାନ ଆତଙ୍କବାଦପ୍ରୀତି ଛାଡ଼ିବାକୁ ନାରାଜ । ଏହାର ଏକମାତ୍ର କାରଣ, ଆତଙ୍କବାଦକୁ ମୋହରା କରି ପାକିସ୍ତାନ ଅତୀତରେ ଢେର୍ ଫାଇଦା ହାସଲ କରିଛି । ପାଶ୍ଚାତ୍ୟ ରାଷ୍ଟ୍ରମାନେ ମଧ୍ୟ ପାକିସ୍ତାନକୁ ସାହାଯ୍ୟ ସହଯୋଗ କରିଆସିଛନ୍ତି । ଏବେ ସେମାନେ ଏହାର ଶରବ୍ୟ ହେଉଛନ୍ତି । ନିଜ ଅସ୍ତ୍ର ନିଜ ହାତ କାଟୁଛି । ପାକିସ୍ତାନ ମଧ୍ୟ ତଳିତଳାନ୍ତ । ଆଶ୍ଚର୍ଯ୍ୟର କଥା, ଅନ୍ୟ ଯେକୌଣସି ରାଷ୍ଟ୍ର ପାକିସ୍ତାନର ଆତଙ୍କବାଦୀ ପ୍ରୀତିକୁ କଟୁ ସ୍ୱରରେ ଭର୍ତ୍ସନା କଲେ ଇସଲାମାବାଦ କର୍ତ୍ତୃପକ୍ଷ ଏହାକୁ ନିରବରେ ସହ୍ୟ କରିଥାଏ । କିନ୍ତୁ ଭାରତ ତୁଣ୍ଡ ଖୋଲିଲେ ପାକିସ୍ତାନର ଗାତ୍ରଦାହ ହୁଏ । ଏହାର କାରଣ, ଭାରତକୁ ସଦାବେଳେ ଅସ୍ଥିର ଓ ଆତଙ୍କିତ କରି ରଖିବା ସକାଶେ ପାକିସ୍ତାନ ସଦାବେଳେ ପ୍ରୟାସ କରିଆସିଛି । ଭାରତ ସହ ଏବେ ପ୍ରତ୍ୟକ୍ଷ ଯୁଦ୍ଧ ନକରି ଆତଙ୍କବାଦକୁ ଛାୟାଯୁଦ୍ଧରେ ଅସ୍ତ୍ରଭାବେ ବ୍ୟବହାର କରିଚାଲିଛି । କିନ୍ତୁ ଭାରତ ତା'ର ଆଭିମୁଖ୍ୟ ବଦଳାଇ ଏହାର ଠିକଣା ଜବାବ ଦେବାରେ ଆଭିମୁଖ୍ୟ ଆପଣାଇଛି । ଏହା ଯେକୌଣସି ରାଷ୍ଟ୍ର ନିଜର ନିରାପତ୍ତା ଲାଗି କରିବା ସ୍ୱାଭାବିକ । ସେହି କାରଣରୁ ହିଁ ଭାରତ ସୀମାପାର ଆତଙ୍କବାଦୀ ଶିବିର ଉପରେ ସର୍ଜିକାଲ ଷ୍ଟ୍ରାଇକ ଓ ବିମାନ ଆକ୍ରମଣ କରିଛି । ଏହା ହିଁ ଆତଙ୍କବାଦର ଠିକଣା ଜବାବ । ଭାରତ ଆତ୍ମରକ୍ଷା ପାଇଁ ଏବେ ଏହି ଆଭିମୁଖ୍ୟ ଆପଣାଇଛି ।

## ଖାଉଟି ସଚେତନତା



### ବୈଷ୍ଣବ ମେହେର

ଏବେ ଅନଲାଇନ କିଣାବିକାର ଲୋକପ୍ରିୟତା ବଢ଼ିବାରେ ଲାଗିଛି । କିନ୍ତୁ ଦରକାରୀ ସାମଗ୍ରୀ କିଣିବାର ଏହି ସୁବିଧାଜନକ ମାଧ୍ୟମକୁ ଆପଣେଇ ଅନେକ ସ୍ଥଳରେ ଖାଉଟି ମାନେ ଠକାମିର ଶିକାର ମଧ୍ୟ ହେଉଛନ୍ତି । ନିଜ ପସନ୍ଦର ସାମଗ୍ରୀ ବାବଦକୁ କମ୍ପାନି ଦ୍ୱାରା ଧାର୍ଯ୍ୟ ଦାମ ପଇଠ କରି ଗ୍ରାହକ ଜଣକ ଅତ୍ୟନ୍ତ ଉତ୍କଣ୍ଠାର ସହ ନିଜ କିଣା ସାମଗ୍ରୀକୁ ଅପେକ୍ଷା କରିଥିବା ବେଳେ କିଛି ସ୍ଥଳରେ ନିଜେ ବାଛିଥିବା ଜିନିଷ ବଦଳରେ କଂପାନୀରୁ ପ୍ୟାକ ରେ ଇଟା ଖଣ୍ଡ, କାଗଜ ଟୁକୁଡ଼ା ଆଦି ଭଳି ଅନାବଶ୍ୟକ ସାମଗ୍ରୀ ବାହାରୁଥିବା ଦେଖିବାକୁ ମିଳୁଛି । ଏଭଳି ଅପ୍ରତ୍ୟାଶିତ ଘଟଣା ଉତ୍କଣ୍ଠିତ ଗ୍ରାହକଙ୍କୁ କି ମାନସିକ ଆଘାତ ଦେଉଥିବ ତା'ହା ଜଣେ ଭୁକ୍ତଭୋଗୀ ହିଁ ଅନୁଭବ କରିପାରିବ । ଏଭଳି ଘଟଣାରେ ଗ୍ରାହକର ଯେ କେବଳ ଅର୍ଥହାନୀ ଘଟେ କିମ୍ବା ମାନସିକ ପିଡ଼ା ଅନୁଭବ ହୁଏ, ତା'ହା ନୁହେଁ ବରଂ ଠକାମିର ଶିକାର ହୋଇଥିବା ବ୍ୟକ୍ତି ଅନ୍ୟମାନଙ୍କ ଠାରେ ନିଜକୁ ଉପହାସିତ ମନେ କରି ଲଜ୍ୟା ବୋଧ କରିଥାଏ । ସେଥିପାଇଁ ଅନେକ ଏମିତି ଘଟଣାକୁ ଲୋକଲୋଚନକୁ ନ ଆଣି ସେଇଠି ଭୁଲିଯିବା ପାଇଁ ଉଚିତ ମନେ କରିଥାନ୍ତି । ଫଳରେ ଏହା ଠକ ସଂସ୍ଥା ବା ବ୍ୟବସାୟୀଙ୍କୁ ଅଧିକ ପ୍ରୋତ୍ସାହିତ କରିଥାଏ । ତେଣୁ ଏଭଳି ଠକେଇ ମାମଲା କମିବା ବଦଳରେ ଧିରେଧିରେ ଅଧିକ ମାତ୍ରାରେ ଘଟୁଥିବା ଦୃଷ୍ଟିଗୋଚର ହେଉଛି । ଏହାତ ଅନଲାଇନ୍ ମାଧ୍ୟମରେ ଗ୍ରାହକ ଶୋଷଣ ଘଟଣା ତେବେ ସାଧାରଣ ଗ୍ରାହକ ଭାବରେ ଅନେକେ ଦୈନନ୍ଦିନ ଜୀବନରେ ଅଭଳି ଅନେକ ଠକେଇର ଶିକାର ହୋଇଥାନ୍ତି । ଗାଁ ଦୋକାନରେ ସଉଦା କଲା ବେଳେ ହେଉ କି ହାଟରେ ପରିବା କିଣିଲା ବେଳେ, ଖାଉଟିମାନେ କୌଣସି ନା କୌଣସି ବାଟରେ ଶୋଷଣର ଶିକାର ହେବା ଏବେ ନିତିଦିନିଆ ଘଟଣା ହୋଇଗଲାଣି । ଏମିତି ଛୋଟଛୋଟ ଠକେଇରେ ସାଧାରଣ ଗ୍ରାହକ ଏତେ ଅଭ୍ୟସ୍ତ ହୋଇଗଲେଣି ଯେ, ଏହାକୁ ଲୋକେ ଅତି ସାଧାରଣ କଥା ବୋଲି ଭାବି ନେଲେଣି । ଏଇ ଯେମିତି ବଜାରରେ ଅନେକ ସାମଗ୍ରୀର ମୂଲ୍ୟ ରାଉଣ୍ଡ ଫିଗର୍ ନ ହୋଇ ୯୯,୧୯୯, ୩୩୯, ୯୯୯ ଇତ୍ୟାଦି ଅଡଫିଗର୍ ହୋଇଥାଏ । ସାମଗ୍ରୀର ମୂଲ୍ୟ ଏଭଳି ଅଡଫିଗର ରଖା ଯିବାର କାରଣ ଯାହା ହେଉନା କାହିଁକି, ଗ୍ରାହକ ହିସାବରେ ଆମକୁ କିନ୍ତୁ ପ୍ରାୟ ରାଉଣ୍ଡ ଫିଗରର ନୋଟ ହିଁ ଦେବାକୁ ହୁଏ । ଯେମିତି ୯୯ ସ୍ଥଳରେ ୧୦୦ କିମ୍ବା ୪୪୯ ସ୍ଥଳରେ ୪୫୦ ଦେଇ ସଂପ୍ରତି ଖୁଚୁରାର ଅଭାବ କାରଣରୁ ହେଉ କିମ୍ବା ଅନ୍ୟ କାରଣରୁ ଏହି ଏକ ଟଙ୍କା ଫେରସ୍ତ ପାଇବାର ଆଶା ଅତି କ୍ଷିଣ ଭାବି ଅଥବା ବର୍ତ୍ତମାନର ବ୍ୟୟ ବହୁଳ ସମାଜରେ ଟଙ୍କାଟିଏର ମୂଲ୍ୟ ଅତି କମ୍ ଭାବି,ଏଥି ପ୍ରତି କେହି ଧ୍ୟାନ ଦେଇ ନଥାନ୍ତି । କାଁଭାଁ ସେହି ଏକ ଟଙ୍କା ବଦଳରେ ଗ୍ରାହକଙ୍କୁ ଚକୋଲେଟ୍ ଟିଏ ଧରେଇ ଦିଆଯାଏ । ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ ନ୍ୟାୟରେ ଆମେ ମଧ୍ୟ କୌଣସି ପ୍ରଶ୍ନ ନ କରି ଖାଉ ନଖାଉ ସେହି ଚକୋଲେଟ୍‌କୁ ପକେଟ୍‌ରେ ପୁରାଇ ଦେଉ । ଅନେକଙ୍କ ପାଇଁ ଏକ ଟଙ୍କାର ମୂଲ୍ୟ ହୁଏତ ଅତି କମ୍ ହୋଇପାରେ କିନ୍ତୁ ଗୋଟିଏ ଛୋଟ ସହରର ଶହଶହ, ରାଜ୍ୟର ଲକ୍ଷଲକ୍ଷ ଓ ଦେଶର କୋଟି କୋଟି ଗ୍ରାହକ ବିନା ଦ୍ୱିଧାରେ ଗୋଟିଏ ଦିନରେ ଏଭଳି କେତେ ଟଙ୍କା ଦେଇ ଦଉଥିବେ ତାହା ସହଜେ ଅନୁମେୟ । ବିନ୍ଦୁ ବିନ୍ଦୁ ଜଳରୁ ସମୁଦ୍ର ସୃଷ୍ଟି ହେଉଥିବା ଆମେ ଜାଣୁ ଅଥଚ ଗୋଟିଏ ଗୋଟିଏ ଟଙ୍କାରୁ ହିଁ କୋଟି କୋଟି ଟଙ୍କା ଗଚ୍ଛିତ ହେଉଥିବା ଆମେ କେମିତି ଭୁଲି ଯାଉଛୁ ।

ଅସାଧୁ ବ୍ୟବସାୟୀଙ୍କ ପ୍ରତି ସାଧାରଣ ଖାଉଟିଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୨୪ ତାରିଖକୁ ଆମ ଦେଶରେ 'ଜାତୀୟ ଖାଉଟି ସୁରକ୍ଷା ଅଧିକାର ଦିବସ' ଭାବରେ ପାଳନ କରାଯାଇଥାଏ । ଖାଉଟି ସୁରକ୍ଷା କ୍ଷେତ୍ରକୁ ନେଇ ଏବେ ମଧ୍ୟ ଅନେକ ଲୋକ ସଚେତନ ନୁହନ୍ତି । ଅନେକ ଲୋକ ତ ଖାଉଟି କହିଲେ କେବଳ ସାମାଜିକ କ୍ଷେତ୍ରରେ ଆବଶ୍ୟକ ହେଉଥିବା ତେଲଲୁଣର ସଉଦା କିଣାକୁ ହିଁ ବୁଝିଥାନ୍ତି । କିନ୍ତୁ ବାସ୍ତବରେ ସ୍ୱାସ୍ଥ୍ୟ, ଶିକ୍ଷା, ପରିବହନ, ଆଇନକାନୁନ୍ ଭଳି ପ୍ରତ୍ୟେକ କ୍ଷେତ୍ରରେ ପାଇବାକୁ ଥିବା ସେବା ମିଳିବାରେ ଯଦି କେହି ଠକାମିର ଶିକାର ହୁଅନ୍ତି ତେବେ ସେସବୁରେ ଖାଉଟି ଶୋଷଣ ହେଉଥିବା ଧରାଯାଏ ।

ଖାଉଟିଙ୍କ ଅଧିକାରକୁ ଦୃଷ୍ଟିରେ ରଖି ୧୯୮୬ ମସିହାରେ ଭାରତରେ ଖାଉଟି ସୁରକ୍ଷା ଆଇନ୍ ପ୍ରଣୟନ କରାଯାଇଥିଲା । ଏହି ଆଇନ୍ ଭାରତର ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇ ସେହି ବର୍ଷ ଡିସେମ୍ବର ୨୪ ତାରିଖରେ କାର୍ଯ୍ୟକାରୀ ହୋଇଥିବା ଯୋଗୁଁ ଏହି ଦିନକୁ ଆମ ଦେଶରେ ଜାତୀୟ ଖାଉଟି ଦିବସ ଭାବରେ ପାଳନ କରାଯାଇ ଆସୁଛି । ଏହି ଆଇନ୍ ଅନୁଯାୟୀ ଯଦି କୌଣସି ଗ୍ରାହକ, ଗ୍ରାହକ ସଂସ୍ଥା କିମ୍ବା ଅନ୍ୟାନ୍ୟ ବର୍ଗର ଲୋକ ଯଦି ଉଚିତ ଦାମ୍ ବଦଳରେ ଉପଯୁକ୍ତ ମାନର ସାମଗ୍ରୀ କିମ୍ବା କୌଣସି ସାର୍ବଜନୀନ ସେବା ପାଇବାରୁ ବାଦ୍ ପଡ଼ନ୍ତି; ତେବେ ସେମାନେ ନିଜର ହକ୍ ପାଇବାକୁ ଖାଉଟି କମିସନଙ୍କ ଦ୍ୱାରସ୍ଥ ହୋଇ ପାରିବେ । ୧୯୮୬ର ଆଇନରେ ଗ୍ରାହକଙ୍କ ସୁରକ୍ଷା ପାଇଁ ସୀମିତ ଅଧିକାର ଥିବା ଦର୍ଶାଇ ୨୦୧୯ରେ ସୁପ୍ରିମକୋର୍ଟ ଏହି ଆଇନରେ ପରିବର୍ତ୍ତନ କରିବାର ନିର୍ଦ୍ଦେଶ ଦେଇଥିଲେ । ଫଳରେ ପୂର୍ବର ଖାଉଟି ସୁରକ୍ଷା ଆଇନକୁ ଅଧିକ ବ୍ୟାପକ କରିବା ପାଇଁ ଏ ଦିଗରେ ଏକ ପରିବର୍ତ୍ତିତ ଆଇନ୍ ଗତ ଜୁଲାଇ ୨୦୨୦ରୁ କାର୍ଯ୍ୟକାରୀ ହୋଇଛି । ଆଇନର ଯେତେ ମଧ୍ୟ ବିସ୍ତାରିତ କିମ୍ବା ପ୍ରସାରିତ ହୋଇ ଥାଉନା କାହିଁକି, ସାଧାରଣ ଗ୍ରାହକ ଯଦି ଉପରୋକ୍ତ ଆଇନ୍ ପ୍ରତି ସଚେତନ ଓ ଆଇନ୍‌ର ରକ୍ଷକ ମାନେ ଯଦି ସମ୍ବେଦନଶୀଳ ନ ହେବେ ତେବେ ଏହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ । ଗାଁର ହାଟବଜାର ଠାରୁ ଆରମ୍ଭ କରି ଦେଶର ବଡ଼ବଡ଼ କମ୍ପାନି ପର୍ଯ୍ୟନ୍ତ, ଆମେ ଯେତେ ବେଳେ ବି ଯାହାର ଗ୍ରାହକ ସାଜୁଛୁ, ଜଣେ ଉତ୍ତମ ଖାଉଟି ଭାବରେ ଆମେ ଆମର ଅଧିକାର ପ୍ରତି ସର୍ବଦା ସଚେତନ ରହିବା ଜରୁରୀ । ପୁନଶ୍ଚ ଖାଉଟି ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସରକାରୀ, ବେସରକାରୀ ସଂସ୍ଥା ସମେତ ଦେଶର ସମାଜସେବୀ, ବୁଦ୍ଧିଜୀବୀ ଏ ଦିଗରେ ନିସଙ୍କୋଚ ସହଯୋଗ କରିବା ଅପରିହାର୍ଯ୍ୟ।

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫

## ନୂଆ ଓଡ଼ିଶାର ନିଅଁ



### ବାଦଲ ଭୂୟାଁ

ଓଡ଼ିଶା ସରକାରଙ୍କ କ୍ୟାଲେଣ୍ଡରରେ ୨୦୨୨ ବେଶ ଚଳଚଞ୍ଚଳ ଆଉ ଉଲ୍ଲେଖନୀୟ ଥିଲା। କରୋନା ଶିକୁଳି ଛିଣ୍ଡାଇବା ପରେ ଏହି ବର୍ଷ ହିଁ ପଡ଼ିଥିଲା ନୂଆ ଓଡ଼ିଶାର ନିଅଁ। ବିକାଶର ବ୍ଲୁ ପ୍ରିଣ୍ଟ ଓହ୍ଲାଇଥିଲା କ୍ଷେତ୍ରକୁ। ରାଜ୍ୟକୁ ଛୁଟିଥିଲା ନିବେଶର ସୁଅ, ଖାସ ସେଥିପାଇଁ ଦୀର୍ଘ ଦଶନ୍ଧି ପରେ ମୁଖ୍ୟମନ୍ତ୍ରୀ ଗସ୍ତ କରିଥିଲେ ବିଦେଶ। ଯୁବପିଢ଼ିଙ୍କ ପାଇଁ ଖୋଲିଥିଲା ନିଯୁକ୍ତିର ଦ୍ୱାର, ସୃଷ୍ଟି ହୋଇଥିଲା ରୋଜଗାରର ସୁଯୋଗ। ଶେଷ ହେଲା ଅଭିଶପ୍ତ ଠିକା ନିଯୁକ୍ତିର ଯୁଗ। ୫ଟି ଚିନ୍ତାଧାରାରେ କେଉଁଟି ପର୍ଯ୍ୟଟନର ନବକଳେବର କାର୍ଯ୍ୟ ହାତକୁ ନିଆଯାଇଛି, ଆଉ କେଉଁଠି ସ୍କୁଲ ହୋଇଛି ସ୍ମାର୍ଟ। ମହିଳା ସଶକ୍ତିକରଣ ଦିଗରେ ଓଡ଼ିଶା ଛିଡ଼ା କରିଛି ବିଶ୍ୱସ୍ତରୀୟ ମଡ଼େଲ। ଓଡ଼ିଶାର ଖାଦ୍ୟ ସୁରକ୍ଷା ଯୋଜନାକୁ ସାଲ୍ୟୁଟ କରିଛି ବିଶ୍ୱ। କୃଷିର ବିକାଶ ପାଇଁ ମାଳମାଳ ସେଚ ପ୍ରକଳ୍ପର ବର୍ଷା କରିଛନ୍ତି ରାଜ୍ୟ ସରକାର। ମାଣ୍ଡିଆକୁ ବିଶ୍ୱ ଦରବାରରେ ପହଞ୍ଚାଇ ଓଡ଼ିଶା ଲେଖିଛି ନୂଆ ଇତିହାସ। ଆହୁରି ସୁଦୃଢ଼ ହୋଇଛି ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥା। ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସରକାର ଆଣିଛନ୍ତି ୧୦ ବର୍ଷିଆ ଆକ୍ସନପ୍ଲାନ। ଓଡ଼ିଶାକୁ କ୍ରୀଡ଼ାର ହବ ରୂପ ଦେବାକୁ ବର୍ଷ ତମାମ ଧାଇଁଥିଲା ରାଜ୍ୟ ପ୍ରଶାସନ। ବାଲେଶ୍ୱର, ବାରିପଦା, ବରଗଡ଼, କୋଟିଆ, ଜଗତସିଂହପୁର, କେନ୍ଦ୍ରାପଡ଼ା, ସମ୍ବଲପୁରର ବିକାଶ ପାଇଁ ପ୍ୟାକେଜ ବର୍ଷା ହୋଇଥିଲା। ପଡ଼ିଥିଲା ଆଧୁନିକ ଓଡ଼ିଶା ନିର୍ମାଣର ଭିତ୍ତିପ୍ରସ୍ତର।

କ୍ରୀଡ଼ା ହବ : ଖେଳକୁଦରେ ପଛରେ ପଡ଼ିଥିବା ଓଡ଼ିଶାର ଆଜି କ୍ରୀଡ଼ାର ହବ ପାଲଟିଛି। ସାରା ବିଶ୍ୱରେ ହକିର ନେତୃତ୍ୱ ନେବାକୁ ଓଡ଼ିଶା ପ୍ରସ୍ତୁତ ହେଉଛି। ଏ ଦିଗରେ ଚଳିତବର୍ଷ ବ୍ୟାପକ ପଦକ୍ଷେପ ନିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର : ୨୨ବର୍ଷ ଧରି ଓଡ଼ିଶାର ଶାସନ ଭାର ସମ୍ଭାଳିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର (ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ଼)ରେ ସମ୍ମାନିତ କରାଗଲା।

ମେକ ଇନ ଓଡ଼ିଶାରେ ନିବେଶ ବର୍ଷା : ଚଳିତ ବର୍ଷ ମେକ ଇନ ଓଡ଼ିଶା ସମ୍ମିଳନୀକୁ ମିଳିଥିଲା ବ୍ୟାପକ ସଫଳତା। ମେକ ଇନ ଓଡ଼ିଶା ୩ୟ ସଂସ୍କରଣ ସମ୍ମିଳନୀରେ ୧୦.୫ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ପ୍ରସ୍ତାବ ଆସିଥିବାବେଳେ ୧୦.୩୮ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଦୁବାଇ, ହାଇଦ୍ରାବାଦ, ଦିଲ୍ଲୀ, ବାଙ୍ଗାଲୋର, ମୁମ୍ବାଇରେ ନିବେଶକଙ୍କ ସହ ସମ୍ମିଳନୀ କରିଥିଲେ। ଚଳିତବର୍ଷ ନୂଆ ଶିଳ୍ପାୟନ ନୀତି ସହ ଏମଏସଏମଇ ନୀତି ବି ଆସିଛି।

ଠିକା ନିଯୁକ୍ତି ଯୁଗ ଶେଷ : ଅକ୍ଟୋବର ୧୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଲେ ଐତିହାସିକ ନିଷ୍ପତ୍ତି। ଚଳିତବର୍ଷ ନିଜ ଜନ୍ମଦିନ ପୂର୍ବରୁ ନବୀନ ଠିକା କର୍ମଚାରୀଙ୍କୁ ଦେଲେ ଦୀପାବଳୀର ବଡ଼ ଭେଟି। ଘୋଷଣା କଲେ ସବୁଦିନ ପାଇଁ ରାଜ୍ୟରେ ଠିକା ନିଯୁକ୍ତିର ଯୁଗ ଶେଷ ହେଲା। ଏହାସହ ସବୁ ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମିତ ହେଲା। ଏହି ଘୋଷଣା ବଳରେ ୫୭ ହଜାରରୁ ଅଧିକ ଠିକା କର୍ମଚାରୀ ନିୟମିତ ହେଲେ।

ବଢ଼ିଲା ଚାଷୀଙ୍କ ବଳ : କୃଷକଙ୍କ କଲ୍ୟାଣରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏଗ୍ରି ଟୁଡେ ପକ୍ଷରୁ ଓଡ଼ିଶା ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ଏଗ୍ରିକଲଚର ଲିଡରସିପ ଆୱାର୍ଡ଼ ୨୦୨୨ରେ ପୁରସ୍କୃତ ହୋଇଥିଲା। ଚାଷୀଙ୍କ ସୁବିଧା ପାଇଁ ସଫଳ ନାମକ ଏକ ପୋର୍ଟାଲ କାର୍ଯ୍ୟକ୍ଷମ ହୋଇଥିଲା। ଏହି ପୋର୍ଟାଲକୁ କୃଷକ ଓଡ଼ିଶା ଡାଟାବେସ ସହିତ ସଂଯୁକ୍ତ କରାଯାଇଥିଲା।

ପର୍ଯ୍ୟଟନ କ୍ଷେତ୍ରର ନବକଳେବର : ଶ୍ରୀମନ୍ଦିର, ଲିଙ୍ଗରାଜ କ୍ଷେତ୍ରରୁ ଆରମ୍ଭ କରି ତାରାତାରିଣୀ ପୀଠର ସୌନ୍ଦର୍ଯ୍ୟକରଣ ସାରା ବିଶ୍ୱକୁ ଆକର୍ଷିତ କରିଛି। ସମଲେଇ ପୀଠରୁ ଆରମ୍ଭ କରି ଧବଳେଶ୍ୱର, କାକଟପୁର, ମା' ମଙ୍ଗଳା ପୀଠ, ଲୋକନାଥ ପୀଠ, ଅଲାରନାଥ, କଟକ ଚଣ୍ଡୀ, ଘଟଗାଁ ତାରିଣୀ ପୀଠ, ଝଙ୍କଡ ଶାରଳା ପୀଠ, ନୀଳମାଧବ ସମେତ ରାଜ୍ୟବ୍ୟାପୀ ଅନେକ ଧାର୍ମିକ ଓ ଐତିହ୍ୟ କୀର୍ତ୍ତିରାଜିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ସହ ପର୍ଯ୍ୟଟନକୁ ନୂଆ ରୂପ ଦେବା ପାଇଁ ରାଜ୍ୟ ସରକାର ଚଳିତବର୍ଷ ଭଣ୍ଡାର ଖୋଲି ଦେଇଛନ୍ତି।

୨୪ରେଳ ଷ୍ଟେସନର ଉନ୍ନତିକରଣ, ୨ ବିଶ୍ୱସ୍ତରୀୟ : ରାଜ୍ୟର ୨୪ଟି ରେଳ ଷ୍ଟେସନର ଉନ୍ନତିକରଣ ନେଇ ଚଳିତବର୍ଷ ନିଷ୍ପତ୍ତି ହୋଇଥିଲା ସେଥି ମଧ୍ୟରୁ ଭୁବନେଶ୍ୱର ଓ ପୁରୀ ରେଳ ଷ୍ଟସନ ବିଶ୍ୱସ୍ତରୀୟ ହେବା ନେଇ କାମ ବି ଆରମ୍ଭ ହୋଇଛି। ବ୍ୟୟବରାଦ ସହ ଟେଣ୍ଡର ପ୍ରକ୍ରିୟା ବି ଆରମ୍ଭ ହୋଇଛି। ସେହିପରି କଟକ ରେଳ ଷ୍ଟେସନର ଉନ୍ନତିକରଣ ପାଇଁ ଡିଜାଇନ ଚୂଡ଼ାନ୍ତ ହୋଇଛି।

ବିଦେଶରେ ନବୀନ : ୧୦ବର୍ଷର ଲମ୍ବା ବ୍ୟବଧାନ ପରେ ମୁଖ୍ୟମନ୍ତ୍ରୀ ଏ ବର୍ଷ ବିଦେଶ ଗସ୍ତ କରିଲେ। ପ୍ରଥମେ ରୋମ, ସେଠାରୁ ଦୁବାଇ। ରୋମରେ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ ଓଡ଼ିଶାର ଖାଦ୍ୟ ନିରାପତ୍ତାର ସଫଳ କାହାଣୀ ସାରା ବିଶ୍ୱକୁ ଶୁଣାଇଲେ। ଜାତିସଂଘରେ ଓଡ଼ିଶା ମଡ଼େଲକୁ ଭୂରିଭୂରି ପ୍ରଶଂସା କରାଗଲା।

ଜୟପୁରକୁ ଉଡିଲା ଆଗକୁ ବିଦେଶକୁ : ଚଳିତବର୍ଷ କୋରାପୁଟ ଜିଲ୍ଲାର ଜୟପୁରକୁ ବିମାନ ଚଳାଚଳ ଆରମ୍ଭ ହୋଇଛି।

ବିପର୍ଯ୍ୟୟ ମୁକାବିଲା ପାଇଁ ୪ଶହ କୋଟି : ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ଓଡ଼ିଶା ନମ୍ବର ଏକ । ଏ କ୍ଷେତ୍ରରେ ଆହୁରି ଦକ୍ଷତା ବଢ଼ାଇବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଅତ୍ୟାଧୁନିକ ହେବ ଓଡ଼ିଶାର ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ବ୍ୟବସ୍ଥା। ଓଡ୍ରାଫ, ଅଗ୍ନିଶ୍ରମ ବାହିନୀକୁ ନିୟମିତ ପ୍ରଶିକ୍ଷଣ ଦିଆଯିବା ସହ ଅତ୍ୟାଧୁନିକ ଉପକରଣ ଯୋଗାଇ ଦିଆଯିବ। ଉଦ୍ଧାର ଓ ରିଲିଫ କାର୍ଯ୍ୟ ମଧ୍ୟ ଆହୁରି ଅତ୍ୟାଧୁନିକ ଓ ତ୍ୱରିତ କରାଯିବ। ଏ ଦିଗରେ ରାଜ୍ୟ ସରକାର ୪୦୦ କୋଟି ଟଙ୍କା ବିନିଯୋଗ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି।

କରୋନା ଗଲା, ଆଇଲା : ଚଳିତବର୍ଷ ଆରମ୍ଭରୁ କରୋନା ସଂକ୍ରମଣ ମାଡ଼ିଥିଲା। ଓମାଇକ୍ରିନ ଭୂତାଣୁ ସଂକ୍ରମଣ ବ୍ୟାପିଥିଲା। ମାତ୍ର ଧୀରେ ଧୀରେ ସଂକ୍ରମଣ କମିବା ସହ ଜୀବନଯାତ୍ରା ସ୍ୱାଭାବିକ ହୋଇଥିଲା। କଟକଣା ଉଠି ଚାଲିଥିବାବେଳେ ନଭେମ୍ବରରେ ସମସ୍ତ କଟକଣା ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଡିସେମ୍ବର ଶେଷ ବେଳକୁ ଚୀନ ସ୍ଥିତି ଦେଖି ସବୁଠି ପୁଣି ଡର ପଶିଥିଲା। ରାଜ୍ୟ ସରକାର ମଧ ମକଡ୍ରିଲ କରିବା ସହ ଆଉ ଥରେ ସତର୍କତା ଜାରି କରିଛନ୍ତି।

ଡ୍ରିଙ୍କ ଫ୍ରମ ଟ୍ୟାପ : ଚଳିତ ବର୍ଷ ଶେଷ ଭାଗରେ ମୁଖ୍ୟମନ୍ତ୍ରୀ ଆଉ ୧୯ଟି ନୂଆ ସହରରେ ୨୪ ଘଣ୍ଟିଆ ଡ୍ରିଙ୍କ ଫ୍ରମ ଟ୍ୟାପ ସୁବିଧାର ଶୁଭାରମ୍ଭ କରିଛନ୍ତି।

ମିଶନ ଶକ୍ତିର ବଢ଼ିଲା ଶକ୍ତି : ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ରୋଜଗାରକ୍ଷମ ଓ ସଶକ୍ତ କରିବା ଦିଗରେ ରାଜ୍ୟ ସରକାର ଚଳିତବର୍ଷ ବ୍ୟାପକ ପଦକ୍ଷେପ ନେଇଛନ୍ତି। ବିଦ୍ୟୁତ ବିଲ ସଂଗ୍ରହ, ପାଣି ବିଲ ସଂଗ୍ରହଠୁ ଆରମ୍ଭ କରି ଅଙ୍ଗନବାଡ଼ି କର୍ମୀଙ୍କୁ ସହଯୋଗ କରିବାରେ ମିଶନ ଶକ୍ତିକୁ ଦାୟିତ୍ୱ ଦିଆଯାଇଥିଲା। ଜାତୀୟ ପତାକା ପ୍ରସ୍ତୁତି, ଛତୁଚାଷଠୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ବିଦ୍ୟାଳୟ ପରିଚାଳନା କମିଟିକୁ ସାହାଯ୍ୟ କରିବାରେ ବି ମିଶନ ଶକ୍ତି ଯୋଡ଼ି ହୋଇଛନ୍ତି।

୭୬୩ କୋଟିରେ ଲୁଣା ବନ୍ଧ : ବାତ୍ୟା ଓ ବଡ଼ ଜୁଆର ସହିଲା ଭଳି ନିର୍ମାଣ ହେବ ଦୀର୍ଘସ୍ଥାୟୀ ଲୁଣା ବନ୍ଧ। ପୂର୍ବାପେକ୍ଷା ଅଧିକ ଉଚ୍ଚ ହେବ, ଚଉଡା, ବି ବଢ଼ିବ। ୫ମିଟର ୧୬.୪ଫୁଟ ଚଉଡା ଲୁଣା ବନ୍ଧ ସବୁଠି ନିର୍ମାଣ କରାଯିବ। ନବୀନ ବାବୁଙ୍କ ସଫଳ ଓ ଦୃଢ଼ ସୁଶାସନ ବିଜେଡ଼ିକୁ ଶକ୍ତିଶାଳୀ କରିବା ସହ ଜନାଭିମୁଖୀ ହୋଇ ଓଡ଼ିଶାବାସୀଙ୍କ ସେବାରେ ନିୟୋଜିତ ରଖି ବିଶ୍ୱାସଭାଜନ ହୋଇପାରିଛି।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ମୋ : ୭୪୮୮୯୯୮୫୩୨ /
୯୨୦୪୬୫୨୦୬୫



### ଜୀବନଟା ଗୋଟେ ବୁଝାମଣା



**ରାହାସ କୁମାର ବେହେରା**

ପ୍ରତିଟି କ୍ଷେତ୍ରରେ ମଣିଷ କରି ଚାଲିଛି ବୁଝାମଣା
ଅନ୍ୟଥା ବଞ୍ଚିବାଟା ନିହାତି ହେବ ବାଟବଣା ।

ଏଠି ବାଟ ଚାଲିଲେ ବାଟ ସହ
ବାଟୋଇର ଅଛି ଏକ ଅଦୃଶ୍ୟ ବୁଝାମଣା
ନଦୀ ସହ ନାଉରୀର ଅଗଭୀର ବିଶ୍ୱାସର ବୁଝାମଣା ।

କବି ଶବ୍ଦ ସହ ଖେଳେ ଲେଖେ କବିତା,
ଚିତ୍ରକର ରଙ୍ଗ ଭରେ ଆଙ୍କେ ଚିତ୍ର ,
ଭାବୁକର ଭାବନାରେ କେତେ ଘଟଣା ଦୁର୍ଘଟଣା
ସବୁ ଯେତେ ଗୋଟେ ଗୋଟେ ମିଠା ମିଠା ବୁଝାମଣା ।

ଅନ୍ୟ ଶାଶ୍ୱତ ବୁଝାମଣା ଯେତେ ସବୁ ତ୍ୟାଗ,
ଭୋଗ, ସୁଖ,ଦୁଃଖ,ଭୋକ/ ମୃତ୍ୟୁ ସହ ଗୁପ୍ତ ସମ୍ପର୍କ

ଫେରିବାର ଶେଷ ଘଡିସନ୍ଧି ମୁହୂର୍ତ୍ତ ସହିତ ଯାହା କାହାକୁ
ନୁହେଁ ଅଜଣା ।

ବୁଝାମଣା ପରିବେଶ, ପରିବାର,
ପ୍ରତିବେଶୀ, ଯମ ସହ
ନିଆଁ, ଚୁଲି, କାଠ କୋକେଇ, ଧୂଆଁ ସହ କରିଛି ଏ ମଣିଷ।

ସେ ହେଉ ଶିକ୍ଷା ଦିକ୍ଷା ଅବା ସାଙ୍ଗ ସାଥୀ
ଅବା ନିଜଠୁ ଅଧିକ ଭଲ ପାଉଥିବା କେହି।

ବିନା ବୁଝାଣାରେ ଘଡ଼ିଏ ବଞ୍ଚିବା ଏଠି କଷ୍ଟ
ପାର ହେଉଛି ଅମଡ଼ା ବାଟ ପାର ହେଉଛି
ଯେଣୁ ବିଶାଳ ସାରା ସଂସାର ଏ ମଣିଷ
ଅନ୍ୟଥା ଦୁନିଆଟା ଲାଗିବ ଅସାର ଅସାର ।

ବାଲ୍ୟମ୍ବା ,ଭାପୁର
ଢେଙ୍କାନାଳ : ୭୫୯୦୧୫
ମୋ:୯୪୩୮୧୧୪୩୬୮

### କବିତା 'ମୁଁ'

**କନ୍ଦର୍ପ ବେହେରା**

ମୁଁ କବି ଟିଏ
ମୁଁ ଚାଷୀଟିଏ
ମୁଁ ତୁମ ସାଥେ
ଜୀବନ ବିତାଉଥିବା
ଦରଦୀ ମଣିଷଟିଏ ।

ମୁଁ ପ୍ରେମିକଟିଏ
ମୁଁ ଗରୀବର ସାଥିଟିଏ
ମୁଁ ମିଠା କଥା କହି
ମନ ମୋହୁଥିବା ଜଣେ
ପ୍ରେମିକାର ସଖାଟିଏ ।

ମୁଁ କବିତାର କୋଣାର୍କ ଗଢୁଥିବା
ନିରବ ସାହିତ୍ୟ ସାଧକଟିଏ
ବେଇମାନ୍, ଲମ୍ପଟ, ସଇତାନ୍
ଲାଞ୍ଚୁଆ ଅଧିକାରୀର
ମୁଖା ଖୋଲୁଥିବା
ସଚ୍ଚା ସାମ୍ବାଦିକଟିଏ ।

କବି କୁଟୀର,ଡଇଁଚା,
ରେଢ଼ାଖୋଲ,
ସମ୍ବଲପୁର-୭୬୮୧୦୬
ମୋ: ୭୦୭୭୫୭୯୩୧୭



### ଇଚ୍ଛା ହୁଏ ...

**ବାଉରିବନ୍ଧୁ ଲେଙ୍କା**

ସମୟଠୁ ଲୁଚିକରି
ଯଦି ଫେରିଯାଆନ୍ତି ଅତୀତକୁ,
ଭଗ୍ନ ମୋର ସ୍ୱପ୍ନ ସବୁକୁ,
ସଜେଇଦିଅନ୍ତି
ପୁଣିଥରେ ନୂଆ ରଙ୍ଗରେ ?

ଦୁଃଖଦ ସ୍ମୃତି ସବୁକୁ
ହଟେଇ ଦିଅନ୍ତି,
ମୋ ଜୀବନ ନାଟକର
ପୃଷ୍ଠାମାନଙ୍କରୁ ?

ସାଉଁଟି ନିଅନ୍ତି ଛୋଟ ଛୋଟ
ଖୁସିର ମୁହୂର୍ତ୍ତ ସବୁକୁ
ଯେତେବେଳେ ମୁଁ ହସିଥିଲି,
ହେଉପଛେ ସେ ହସ ସ୍ୱଳ୍ପ
ସମୟପାଇଁ ?

ଝଅଅଅଅଅଦ ପର୍ଲ ରେସିଡେନ୍ସି
ଦୁର୍ଗାମାଧବ ନଗର' ଭୁବନେଶ୍ୱର
ମୋ: ୯୮୫୩୫୩୫୮୪୪

### ସପନ

**ଅରୁଣା ଦାସ**



ସୀମା ହୀନ ସାଗର ବକ୍ଷରେ ମୁଁ ଏକ
କ୍ଷୁଦ୍ର ମୀନ,
ଅସରନ୍ତି ଆଶା ମୋର ଦେଖେ
ରଙ୍ଗୀନ ସପନ।
ସାଗର ଢେଉରେ ଖୋଜିଛି ନିଜକୁ
ଅନେକ ଥର,
ସମୟ ବିତିଯାଏ ରଖିଯାଏ ଅଭୁଲା
ସ୍ମୃତି ତାହାର।

ଜୀବନ ଯାତ୍ରା କେତେବେଳେ
ଗୋଲାପର ଶେଯ ତ'
କେତେବେଳେ କଣ୍ଟକିତ ପଥ,
କେତେବେଳେ ଅମା ଅନ୍ଧକାର ତ'
କେତେବେଳେ
ପୂନେଇଁ ବଢାଏ ହାତ।

ମୋ ହୃଦୟର ଗହ୍ୱର ଭିତରେ ହୁଏ
ଅଗ୍ନି ଉଦ୍ଗିରଣ,
ପୁଣି କେବେ ଛୁଇଁ ଯାଏ ମୋତେ
ଶୀତଳ ସମୀରଣ।

ମାନଅଭିମାନ, ଅହଙ୍କାର,ପ୍ରେମ
ସବୁକିଛି ଥିଲା, ଅଛି, ରହିଥିବ,
ହେ ପଥିକ ! ତା' ବୋଲି କ'ଣ ତୁମେ
ମୋ' ହାତ ଛାଡ଼ି ଚାଲିଯିବ ?

ଅସମାହିତ ପ୍ରଶ୍ନ, ଆଉ ଉତ୍ତର
ଖୋଜିବା ପାଇଁ ସଂଘର୍ଷ କରୁଛି,
ତଥାପି ତୁମ ପାଦ ସହିତ ତାଳ ମିଳାଇ
ମୁଁ ଆଗେଇ ଚାଲିଛି ।

ଜୀବନ ଏକ ପ୍ରହେଳିକା, ନା' ବୁଝି
ହୁଏ, ନା' ବୁଝାଇ ହୁଏ,।
ତୁମ ସହଯୋଗରେ ସମାଧାନର ବାଟ
ବି ବାହାରି ଯାଏ।
ଏଇତ ଜୀବନ ! ସାଗର, ଆକାଶ,
ପୃଥିବୀର ଚିରନ୍ତନ ଆକର୍ଷଣ
ସୀମା ଭିତର ଜୀବନକୁ କରିଛନ୍ତି
ସୁନ୍ଦର ଭାବେ ପରିବେଷଣ।

ଆସ ବନ୍ଧୁ ହଜିଯିବା ଆମେ ସପନ
ଭିତରେ ସବୁ ଅତୀତକୁ ଭୁଲି
କ୍ଷୁଦ୍ର ମୀନ ଆଜି ବୁଝିଛି ସାଗର ତାକୁ
କେତେ ଭଲପାଏ ବୋଲି ।

ବରିଷ୍ଠ ପରିଚାଳିକା (ସିଟି ବ୍ୟାଙ୍କ)
ଅଂଧେରୀ (ପୂର୍ବ ) ମୁମ୍ବାଇ
ମୋ: ୯୭୬୯୪୫୧୬୬୪







# ଧ୍ୱନି ପ୍ରତିଧ୍ୱନି


ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ ଶନିବାର, ୦୭ ଜାନୁଆରୀ ୨୦୨୩




କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୭୦)

# ସେତୁ ବନ୍ଧନ



(ପୂର୍ବ ପ୍ରକାଶିତ ଉତ୍ତାରୁ)


"ନିଜ ଭ୍ରାତା ରାବଣ ଦ୍ୱାରା ଅପମାନିତ ହୋଇ ବିଭୀଷଣ ଶ୍ରୀରାମଙ୍କ ଶରଣରେ ଆସିଲେ। ଯଦିଓ ସୁଗ୍ରୀବଙ୍କ ମନରେ ବିଭୀଷଣଙ୍କ ଲାଗି କିଛି ସଂଶୟ ଥିଲା, ହନୁମାନଙ୍କ କଥା ସେ ସଂଶୟକୁ ଦୂର କରିଦେଲା।" ମିନା ଅପା ରାମାୟଣ କଥା ଆରମ୍ଭ କଲେ।

"ବର୍ତ୍ତମାନ ରାମଙ୍କ ପାଖରେ ମିତ୍ର ସୁଗ୍ରୀବ, ବୀର ହନୁମାନ, ବିଭୀଷଣ ଓ ଭ୍ରାତା ଲକ୍ଷ୍ମଣ ଥିଲେ। ସେମାନେ ଲଙ୍କା ଅଭିଯାନ ଆରମ୍ଭ କରିବା କଥା ଚିନ୍ତା କଲେ। ଶ୍ରୀରାମ ସୁଗ୍ରୀବଙ୍କ ଆଡ଼େ ଅନେଇଲେ ଓ ସମୁଦ୍ର ପାର ହେବା କିପରି ବୋଲି ପଚାରିଲେ।

"ପ୍ରଥମେ ସମୁଦ୍ର ଦେବତା ବରୁଣଙ୍କୁ ପ୍ରାର୍ଥନା କରନ୍ତୁ। ସେ ଆମକୁ ସମୁଦ୍ର ମଧ୍ୟରେ ଲଙ୍କାରେ ପହଂଚିବାକୁ ବାଟ ଦିଅନ୍ତୁ। ଯଦି ସେପରି ନହୁଏ, ଆମେ ଅନ୍ୟ କଥା ଚିନ୍ତା କରିବା" କହିଲେ ସୁଗ୍ରୀବ। ମିତ୍ର ସୁଗ୍ରୀବଙ୍କ କଥା ମାନି ଶ୍ରୀରାମ ସମୁଦ୍ରକୁ ପ୍ରାର୍ଥନା କଲେ। ମାତ୍ର ବରୁଣ ଦେବତା ତାଙ୍କୁ ଦର୍ଶନ ଦେଲେନି। ଦେବତାମାନେ ରାବଣର ବଶ୍ୟତା ସ୍ୱୀକାର କରିଛନ୍ତି। ବରୁଣ କିପରି ଆସି ରାମଙ୍କୁ ଦେଖା ଦେଇଥାନ୍ତେ ?

ବରୁଣ ଶ୍ରୀରାମଙ୍କ ଆଗରେ ପ୍ରକଟ ନହେବାରୁ ଶ୍ରୀରାମ କ୍ରୋଧିତ ହୋଇ ଉଠିଲେ ଓ ସମୁଦ୍ରକୁ ଦଣ୍ଡ ଦେବାକୁ ଚିନ୍ତା କଲେ। ଏହି ସମୟ ବରୁଣ ଦେବତା ଶ୍ରୀରାମଙ୍କ ଆଗକୁ ଆସିଲେ ଓ ଶ୍ରୀରାମଙ୍କୁ ଶାନ୍ତ ହେବାକୁ କହିଲେ। ସେ ତାଙ୍କର ବିବଶତାକୁ ଶ୍ରୀରାମଙ୍କୁ କହିଲେ ଓ ସମୁଦ୍ର ଉପରେ ସେତୁବନ୍ଧ ବାନ୍ଧିବାକୁ ପ୍ରସ୍ତାବ ଦେଲେ। ବରୁଣ ଦେବତା ଶ୍ରୀରାମଙ୍କୁ ଏକଥା ମଧ୍ୟ କହିଲେ "ହେ ଶ୍ରୀରାମ, ଆକାଶ, ପୃଥିବୀ, ଜଳ, ଅଗ୍ନି ଓ ପବନ ତାଙ୍କ ସ୍ୱଭାବ ବଦଳାଇ ପାରିବେନି। ସେମାନେ ସ୍ୱଭାବ ବଦଳାଇଲେ ବହୁତ ଅନର୍ଥ ସୃଷ୍ଟି ହେବ।"

ଶ୍ରୀରାମ ବରୁଣ ଦେବତାଙ୍କ ପ୍ରସ୍ତାବକୁ ଗ୍ରହଣ କଲେ ଓ ମିତ୍ର ସୁଗ୍ରୀବଙ୍କ ଆଡ଼େ ଅନେଇଲେ। "ସେତୁ ବନ୍ଧନ କାମ ତୁରନ୍ତ ଆରମ୍ଭ କରାଯିବ ପ୍ରଭୁ।" ସୁଗ୍ରୀବ ମିତ୍ର ଶ୍ରୀରାମଙ୍କୁ କହିଲେ।



ମାତ୍ର ଏ ବିଶାଳ ସମୁଦ୍ରରେ ସେତୁ ବନ୍ଧ ବାନ୍ଧିବା କିପରି ? ଏକ ପ୍ରଶ୍ନବାଚୀ ନେଇ ଶ୍ରୀରାମ ଅନେଇଲେ ସମୁଦ୍ରଙ୍କ ଆଡ଼େ।

-ଆପଣ ଚିନ୍ତା କରନ୍ତୁ ନାହିଁ। ଆପଣଙ୍କ ସୈନ୍ୟଙ୍କ ସେନାପତି ନଳ ଅଛନ୍ତି। ସେ ହେଉଛନ୍ତି ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୁତ୍ର। ସେ ବିଶ୍ୱକର୍ମାଙ୍କ ବରପ୍ରାପ୍ତ ହୋଇଛନ୍ତି ଯେ ସେ ଯାହାକୁ ଛୁଇଁବେ, ତାହା ଜଳରେ ଭାସିବ। ଏପରିକି ପଥର ବା ଗିରିକୁ ଛୁଇଁଦେଲେ ତାହା ସମୁଦ୍ର ପାଣିରେ ଭାସିବ।"

ନଳ-ଦେବତାଙ୍କ କଥା ଶୁଣି ଶ୍ରୀରାମ ଆଶ୍ଚର୍ଯ୍ୟ ହେଲେ। ସେହି ସମୟରେ ନଳ ସେଠାରେ ପହଂଚି ପ୍ରଭୁ ଶ୍ରୀରାମଙ୍କୁ ଏ କଥା କହିଲେ ଯେ ସେ ତାଙ୍କ ପିତା ବିଶ୍ୱକର୍ମାଙ୍କଠାରୁ ସେତୁ ବନ୍ଧ ବାନ୍ଧିବା କାମ ଶିଖିଛନ୍ତି।

ସଂଯୋଗର କଥା ହୋଇପାରେ, ଲଙ୍କାକୁ ଯିବା ପାଇଁ ସେତୁ ବନ୍ଧ ବାନ୍ଧିବା ଦରକାର ଥିଲା ଓ ନଳଙ୍କୁ ସେ କାର୍ଯ୍ୟ ଜଣାଥିଲା। ସେତୁ ବନ୍ଧ କାମ ଆରମ୍ଭ କରିବାକୁ ସେ ଶ୍ରୀରାମଙ୍କ ଅନୁମତି ପ୍ରାର୍ଥନା କଲେ। ଶ୍ରୀରାମ ସଂଗେ ସଂଗେ ସେତୁବନ୍ଧ କାମ ଆରମ୍ଭ କରିବାକୁ ଅନୁମତି ପ୍ରଦାନ କଲେ।

ବନ୍ଧନ କାମ ଆରମ୍ଭ ହୋଇଗଲା। ସମସ୍ତ ବାନରସେନା ମିଳିମିଶି ପଥର, ଗଛ, ବୃକ୍ଷ ଆଣି ନଳଙ୍କ ପାଖକୁ ଆସିଲେ। ନଳ ସେ ସବୁ ଛୁଇଁଦେଲା ପରେ ବାନରମାନେ ପଥର ଆଦିକୁ ନେଇ ସମୁଦ୍ରରେ ପକାଇ ଦେଲେ। ଆଶ୍ଚର୍ଯ୍ୟ କଥା ଥିଲା- ସେ ସବୁ ଜଳରେ ଭାସମାନ ହୋଇ ରହିଲେ। ହନୁମାନ ଓ ଅଙ୍ଗଦ ବଡ଼ ବଡ଼ ପାହାଡ଼ଖଣ୍ଡ ଆଣି ନଳଙ୍କୁ ଛୁଆଇଁ ସମୁଦ୍ରରେ ପକାଇଲେ। ଭାରତ ଭୂଖଣ୍ଡରୁ ଲଙ୍କା ପର୍ଯ୍ୟନ୍ତ ସେତୁ ବନ୍ଧ ବେଶ୍ ସ୍ପଷ୍ଟ ଦେଖାଗଲା।

ସେତୁବନ୍ଧ ବାନ୍ଧିବାକୁ ସମୟ ଲାଗିଥିଲା। ହଜାର ହଜାର ବାନର ସେନା ସେ କାମ ଦିନରାତି କରୁଥିଲେ। ଶ୍ରୀରାମ ଭ୍ରାତା ଲକ୍ଷ୍ମଣ ଓ ମିତ୍ର ସୁଗ୍ରୀବଙ୍କ ସହିତ ସବୁ କାମର ତଦାରଖ କରୁଥିଲେ।

ସେତୁବନ୍ଧ କାମ ସରିଲା। ଏବେ ଶ୍ରୀରାମ ବାନର ସେନାଙ୍କୁ ବନ୍ଧକୁ ସମତଳ କରିବାକୁ କହିଲେ। ବାନର ସେନା ବାଲି ଆଣି ବନ୍ଧ ଉପରେ ପକାଇଲେ ଓ ବନ୍ଧକୁ ସମତଳ କରିବାକୁ ଆରମ୍ଭ କଲେ।

ସେଇ ସମୟ କଥା। କେଉଁଠି ଥିଲା ଏକ ଗୁଣ୍ଡୁଚି ମୂଷା କେଜାଣି ସେ ଆସି ସେଠାରେ ପହଂଚିଗଲା। ସେ ବି ଚାହୁଁଥିଲା ପ୍ରଭୁ ଶ୍ରୀରାମଙ୍କ କାମରେ ଶ୍ରମ ଦାନ କରିବାକୁ। ବାଲିରେ ଗଡ଼ିଯାଉଥିଲା ଓ ସେତୁବନ୍ଧ ଉପରକୁ ଯାଇ ଝାଡ଼ିଝୁଡ଼ି ହୋଇ ତା ଦେହର ବାଲିକୁ ସେଠାରେ ପକାଇ ଆସୁଥିଲା।

ଶ୍ରୀରାମ ଗୁଣ୍ଡୁଚି ମୂଷାର ଏତାଦୃଶ କାମ ଦେଖି ଅତ୍ୟନ୍ତ ଖୁସି ହୋଇଥିଲେ ଓ ସ୍ନେହରେ ଗୁଣ୍ଡୁଚିମୂଷାକୁ କୋଳରେ ଧରି ଆଉଁଶି ଦେଇଥିଲେ। ଗୁଣ୍ଡୁଚିମୂଷା ଏ ପର୍ଯ୍ୟନ୍ତ ଶ୍ରୀରାମଙ୍କ ପାଂଚ ଆଙ୍ଗୁଳିର ଚିହ୍ନ ବହନ କରୁଛି।

ସେତୁବନ୍ଧ ବନ୍ଧା ସରିଗଲା। ଏବେ ଲଙ୍କାରେ ପ୍ରବେଶ କରିବା ସମୟ। ମିନା ଅପା ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

## କୁନି ପ୍ରତିଭା

### ତନିରିକା ସାହୁ



ନୂଆ ବର୍ଷ ଅବସରରେ କର୍ଣ୍ଣାଟକ ରାଜ୍ୟ ଚେସ୍ ଆସୋସିଏସନ୍ ପକ୍ଷରୁ ତୁମ୍‌କୋର୍ ଠାରେ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଏହି ପ୍ରତିଯୋଗିତାର ନଅ ବର୍ଷରୁ କମ ବର୍ଗ ବିଭାଗରେ ପାଞ୍ଚଟି ମ୍ୟାଚ୍‌ରୁ ଚାରିଟି ମ୍ୟାଚ୍ ଜିତି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ତନିରିକା ସାହୁ । ବେଙ୍ଗାଲୁରୁରେ କାର୍ଯ୍ୟରତ ଭୁବନେଶ୍ୱରର ଦୀପାଳୀ ଓ ଦେବାଶିଷ ସାହୁଙ୍କ କନ୍ୟା ତନିରିକା ଏବେ ଷ୍ଟାଣ୍ଡାର୍ଡ ତିନିର ଛାତ୍ରୀ । ତନିରିକା ଭଲ ପାଠ ପଢନ୍ତି ଓ ନୃତ୍ୟ କରନ୍ତି ମଧ୍ୟ । ଚେସ୍ ଖେଳିବା ତାଙ୍କର ବଡ଼ ନିଶା । ସେ ଅନେକ ଜାତୀୟ ଓ ରାଜ୍ୟ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି।



ନଗେନ୍ଦ୍ର ନାଥ ପଟ୍ଟନାୟକ

## ରାହୁଲ ଓ ଭିଡିଓ ଗେମ୍



ଖରାଦିନ ଛୁଟି ସରିବା ପରେ ଆଜି ବିଦ୍ୟାଳୟ ଖୋଲିବାର ପହିଲି ଦିନ । ରାହୁଲ ବେଗାବେଗି ସ୍କୁଲ ଯିବାପାଇଁ ତୟାର ହେଉଥାଏ । ଗତରାତିରେ ବହିପତ୍ର ଖାତା କଲମ ପେନସିଲ ହେରିକା ସଜଡାସଜିଡି କରି ଭର୍ତ୍ତି କରୁଥିଲା ସ୍କୁଲ ବସ୍ତାନିରେ । ଏସବୁ ଦେଖି ଖୁସିରେ ଜେଜେଙ୍କ ପାଦ ତଳେ ଲାଗୁ ନଥାଏ । ସାଙ୍ଗସାଥୀଙ୍କୁ ଭେଟିବା ଲାଗି ତା ଆଖି ହଳେକର ଅଜଣା ଚମକ ଖେଳିଗଲା । ଏତେଦିନ ପରେ ସାଙ୍ଗ ଓ ସହପାଠୀଙ୍କ ସହ ଦେଖାହେବ, ଖୁବ୍ ମଜା ମଉଜ କରିବ ତାଙ୍କ ସହିତ । ଅନଲାଇନ୍ କ୍ଲାସ ତ ତାକୁ ଖୁବ୍ ବିରକ୍ତିକର ଲାଗୁଥିଲା । ଗୁରୁଜୀଗୁରୁମା ପିଲାଙ୍କ ସହ ମୁହାଁମୁହିଁ ହେଇ ଶ୍ରେଣୀ କକ୍ଷରେ ପାଠ ପଢେଇଲେ କେତେ ନିଆରା ଲାଗିବ । ସ୍କୁଲ ୟୁନିଫର୍ମ ବା ପୋଷାକ ପିନ୍ଧି ପକାଇଲେ ରାହୁଲକୁ ଖୁବ୍ ମାନେ । ସକାଳ ଜଳଖିଆ ଗଣ୍ଡାକ ଖାଇସାରି, ଟିଫିନ ବାକସ୍‌ଟି ବସ୍ତାନି ଭିତରେ ଭର୍ତ୍ତିକଲା ରାହୁଲ । ମାମାଙ୍କୁ ହାତ ହଲେଇ ବାୟ ବାୟ କରି ଜେଜେଙ୍କ ସାଙ୍ଗରେ ସ୍କୁଲମୁହାଁ ହେବାକୁ ଲାଗିଲା ।

ଜେଜେ ଆଉ ନାତିଟୋକା ଦୁହେଁ ପହଁଚି ସାରିଥିଲେ ସ୍କୁଲବସ୍ ରହଣିସ୍ଥଳରେ । ବସ୍ ଆସିବା ସମୟ ହୋଇଯାଇଥିଲା । ଏତିକିବେଳେ ରାହୁଲ ଆଖି ଲାଖିଗଲା ଅନନ୍ତ ନାମକ ପିଲାଟି ଉପରେ । ଅନନ୍ତ ତାଠୁ ବୟସରେ ସାନ । ସେ ବି ରାହୁଲ ସ୍କୁଲରେ ନୂଆକରି ନାମ ଲେଖାଇଥିଲା । ରାହୁଲକୁ ପୁରୁଣା ବହି କେଇଖଣ୍ଡ ମାଗିଥିଲା । ବଡ ଖୁସିରେ ରାହୁଲ ପୁରୁଣା ବହିତକ ତା ହତରେ ଧରାଇଦେଲା । ରାହୁଲ ଅନନ୍ତକୁ ପଚାରିଲା କେମିତି ଅଛୁ । ବହୁତ ଭଲରେ ଅଛି ଭାଇ, . . . ତତୁମ ଯେତେକ ବହି ଦେଇଥିଲ ସେ ସବୁରେ ମୁଁ ମଲାଟ ମଡେଇ ଦେଇଚି ହେଇଟି ଆଖି ପୂରେଇ ଦେଖ ମୋ ବସ୍ତାନିକୁ । ଆାର ବାଃ ,ବହୁତ ଭଲତ, ରାହୁଲ କହିଲା । ଏତିକିବେଳେ ବସ ଆସି ଲାଗିଲା ରହଣିସ୍ଥଳରେ । ଜେଜେଙ୍କୁ ବାୟ ବାୟ କରି ରାହୁଲ ବସରେ ଚଢିଗଲା । ସବୁ ପିଲାଙ୍କ ମୁହଁ ଖୁସିରେ ଉଜ୍ଜ୍ୱଳି ଉଠୁଥିଲା । ଏତେଦିନ ପରେ ସମସ୍ତେ ଏକାଠି ମିଳିମିଶି ସ୍କୁଲବସ୍‌ରେ ଯାତ୍ରା କରୁଚନ୍ତି । ମଧ୍ୟାହ୍ନ ଭୋଜନ ବିରତି ବେଳେ ନୂଆକରି ନାମ ଲେଖାଇଥିବା ଅଜିତ ରାହୁଲ ସହିତ ସାଥୀ ହେବାକୁ ଚାହିଁଲା । ସେ କହିଲା ତା ବାପା ଜଣେ ବଡ ନାମକରା ବ୍ୟବସାୟୀ । ପୁଣି ବସ୍ତାନିରୁ ଦାମୀକା ସ୍ମାର୍ଟଫୋନଟି ବାହାର କଲା ଓ ରାହୁଲକୁ କହିଲା ଭିଡିଓ ଗେମ୍ ଖେଳିବାକୁ । ରାହୁଲ ମୁହେଁ ମୁହେଁ କହିଲା – ସ୍କୁଲରେ ଏସବୁ ମନା । ମୁଁ ଭିଡିଓ ଗେମ୍ ଖେଳିପାରିବି ନାଇଁ । ସାଙ୍ଗମାନଙ୍କ ସହିତ ଆମର ବିରାଟ ଖେଳପଡିଆରେ ଖେଳିବି । ରାହୁଲ ଖରାଦିନ ଛୁଟିରେ ଭିଡିଓ ଗେମ୍ ଖେଳିବା ବୋଲି ପାଗଳ ପ୍ରାୟ ହୋଇସାରିଥିଲା । ହେଲେ ନିଜ ମନକୁ ବଶରେ ରଖି ପାରିଥିଲା । ଜେଜେଙ୍କ ଆଗରେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରି ଭିଡିଓ ଗେମ୍ ବଦଳରେ ପାଠପଢାରେ ମନଦେଲା । ଘରେ ପହଁଚିଲାକ୍ଷଣି ଜେଜେ ତାକୁ ପଚାରିଲେ -ଆଜି ତ ସ୍କୁଲର ପହିଲି ଦିନ, କେମିତି ଲାଗିଲା ତତେ । ବହୁତ ବଢିଆ ଲାଗିଲା ଜେଜେ . . . । ରାହୁଲ ମୁହଁରେ ମୁରୁକି ମୁରୁକି ହସ ଫୁଟାଇ କହିଲା । ସେ ପୁଣି ଅଜିତ କଥା ଜେଜେଙ୍କ ଆଗେର ବଖାଣିଲା । ସେଇଠୁ ଜେଜେ କହିଲେ - ଆରେ ଜାଣିଚୁ ନା ରାହୁଲ ମନ ଏକ ଚପଳ ଘୋଡା ପରି । ଯଦି ସେ ତା ଉପରେ ଲଗାମ ନ କଷିବ ତେବେ ମନରୂପୀ ଘୋଡା ଭୁଲ ଦିଗେର ଦୌଡିବାକୁ ଲାଗିବ । ତୁ ଖୁବ୍ ବୁଝିବିଚାରି କାମଟି କରିଚୁ । ସାହାସ୍ । ଥ୍ୟାଙ୍କ୍ ୟୁ ଜେଜେ । ରାହୁଲ ମୁହଁରେ ଗଡ ଜିଣିବାର ମୁର୍କିହସ ଖେଳିଗଲା ।

+ ଓସ୍କାର ସିଟି, ପ୍ଲଟ ନଂ-
୪୫୪୯,ଲେନ ନଂ-୯
ଲକ୍ଷ୍ମୀସାଗର କେନାଲ
ରୋଡ,ଭୁବେନଶ୍ୱର
ମୋ -୯୪୩୮୩୩୨୧୩୮

## କବିତା
### ତୁମ ପାଇଁ

## କୁକୁର କହିଲା ମାଙ୍କଡ ଭାଇ
### ଶରତ କୁମାର ଦାସ

କୁକୁର କହିଲା ମାଙ୍କଡ ଭାଇ,
ଡେଇଁ ଡେଇଁ ତମେ ଯାଉଛ କାହିଁ ।
ଝଡି ବରଷା ତ ଆସୁଛି ମାଡି,
ବଉଦ ଭାସୁଛି ଧାଡିକିଧାଡି ।

ତରବର ଏତେ ହେଉଛ କିଆଁ ,
ସେତିକିରେ ଥାଉ ତମର ଡିଆଁ ।
ହୋଇଛି କିସ ଟି ବୁଝେଇ କୁହ ,
ଏତେ ଖୁସି ଦିଶେ ତମର ମୁହଁ ।

ମାଙ୍କଡ କହିଲା କଥାଟି ଶୁଣ,
କି କହିବି ବାଘମାମୁର ଗୁଣ ।
ଜଗିଥିଲା ବାଟେ ଆହାର ପାଇଁ ,
ମତେ ଦେଖି ପରା ଆସିଲା ଧାଇଁ ।

ଭୟେ ଲୁଚିଗଲି ଗଛରେ ଯାଇ,
ଚୁପି ଦେଖୁଥିଲା ମୂଳରେ ଥାଇ ।
କହିଲା ଗରଜି ଛକିଚୁ କାହିଁ,
ଆଜି ମୋ ହାତରୁ ଖସିବୁ ନାହିଁ ।

ଭାବିଲି ବସିକି ଉପାୟ ଟିଏ,
କୁଦାଟିଏ ଯଦି ମାରିବ ସିଏ ।
ଚଖେଇବି ପାନେ ବାଘକୁ ଆଜି,
ହରାଇବି ତାକୁ, ଜିତିବି ବାଜି ।

ଆଖି ବୁଜି ଶୋଇଥିଲାଟି ତଳେ,
ମାରିଲା କୁଦା ସେ ଶକତି ବଳେ ।
କାନରେ ବାଜିଲା ଯେବେ ତା' ରଡି,
ଉପର ଡାଳକୁ ଗଲି ମୁଁ ଚଢି ।

ସରୁ ଡାଳଟିଏ ଥିଲାଟି ଯେଣୁ,
ପଡିଗଲା ଭାଙ୍ଗି ତଳେଟି ତେଣୁ ।
ଛଟପଟ ବାଘ ଭୁଇଁରେ ପଡି,
ମୁଣ୍ଡ ଫାଟି, ଗଲା ରକତ ଗଡି ।

ଭାବୁଥିଲା ବାଘ ବଳୁଆ ଭାରି,
ଖାଉଥିଲା ନିତି ପଶୁଙ୍କୁ ମାରି ।
ଗରବ ତାହାର ଗଲାଟି ସରି ,
ଲାଜେ ଦଉଡିଲା ଜୀବନ ଧରି ।

କୁକୁର ଶୁଣିଲା ମାଙ୍କଡ କଥା,
କହିଲା କରିଛ କାମଟି ଯଥା ।
ଏଣିକି ବଣରେ ନଥିବ ଭୟ,
ସଭିଙ୍କର ମନ ହେବଟି ଥୟ ।

+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଚଢ଼େଇ ନୂଆ ନାଁ ପାଣିକୁଆ
### ନୀଳମଣି ଚାନ୍ଦ

ସେହି ଚଢ଼େଇ ଉଡିଲା
ଘେରାଏ ବୁଲି ଆସିଲା ଫେରି
ଟୁବ୍ କରିବ ଡିଲା।

ଯେଉଁଠି ଡୁବି ଗଡିଆ
କଇଁ ପଦୁଅଁ ଦଳରେ ଭରା
ଲାଗେରେ ତା'କୁ ବଢ଼ିଆ।

ସକାଳୁ ସଞ୍ଜ ଯାଏରେ
ସବୁ କାମକୁ ଛାଡ଼ି ଦେଇକି
ପାଣିରେ ସିଏ ଥାଏରେ।

କେଉଟ ସିଏ ନୁହଁରେ
ମାଛ ଧରିବା କାମଟି କରେ
ଲଗେଇ ଦେଇ ମୁହଁରେ।

ନାଆଁ ତା ପାଣିକୁଆଟି
ତା ମାଛଧରା ଦେଖିବା ପାଇଁ
ଆସନ୍ତି କୁନିଛୁଆଟି।

ରଙ୍ଗଟି ତା'ର କାଳିଆ
ପାଣିରେ ରହେ ହେଲେ ତା ସଙ୍ଗେ
ସାଙ୍ଗ ହୁଏନି ବାଳିଆ।

ସେ ପରା ଜଳଜୀବଟି
ଏଇଠି ନାହିଁ ସେଇଠି ନାହିଁ
ନାଳ, ପାଟରେ ଥିବଟି।

+ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ଶୀତରେ ଗୀତ ନାନାବାୟା
### ନିରଞ୍ଜନ ସାହୁ

ପବନ ବହଇ ଥିରିଥିରି
ଦେହ ହୋଇଯାଏ ଶିରିଶିରି
ସକାଳୁ ବୁଲିବା ଦେହକୁ ହିତ ଯେ
ବୁଲିଆସ ଟିକେ ଘିରିଘିରି ।

ଗରମ ପୋଷାକ ଆଣଆଣ
ପିନ୍ଧିବା ଉପାୟ ଜାଣଜାଣ
ଦୁଆର କବାଟ ଖୋଲା ରଖିଥିଲେ
ପରଦା ତୁରନ୍ତ ଟାଣଟାଣ ।

ଶୀତରେ ସଭିଏଁ କଲବଲ
ଚାହୁଁଛନ୍ତି ହୋଇ ବଲବଲ
ଧୁନି ଜାଳି ଦେଇ ନିଆଁ ପୋଇଁ ହୋଇ
ଗପ କରୁଛନ୍ତି ପଲପଲ ।

ଆମେ ଯେତେ ପିଲା କୁନିକୁନି
କଥା ହେବା ବସି ତୁନିତୁନି
ଦିଅଁ ସେବା ଲାଗି ମାଳ ଗୁନ୍ଥି ଦେବା
ତୋଳି ଆଣ ଫୁଲ ଚୁନିଚୁନି ।

ଆଈ ମାଆ ଟିକେ ରହରହ
ମଜା ଗପଟିଏ କହକହ
ବୁଢ଼ୀ ଅସୁରୁଣୀ ପରି ହସିଦେଏ
ଶୁଭୁଥିବ ପରା ଟହଟହ ।

+ନିହଲ ପ୍ରସାଦ, ଗଁଦିଆପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ନୂଆ ବରଷ
### ଧ୍ରୁବ ଚରଣ ଘିବେଲା

ନୂଆ ବରଷ ଭାବିଛ କିସ
ଚାହିଁ ରହିଛୁ ଆମେ
ବାଣ୍ଟିବ ଖୁସି ଭରିବ ଖୁସି
କୁନାକୁନି ପରାଣେ ।
ନୂଆ ବରଷ ହୋଇ ହରଷ
ଆସ ଶୀଘ୍ର ଏ ଧାମେ
ବାକି ରହିଲା ଗୋଟାଏ ଦିନ
ଆସିଯିବ ଆରାମେ ।

ନୂଆ ବରଷ ଭାବ ସନ୍ତୋଷ
ଭରିବ ସବୁ ପ୍ରାଣେ
ସନ୍ତୋଷ ମନେ ରହିଲେ ଆମେ
ଫୁଟି ବାସିବୁ ଦିନେ ।
ନୂଆ ବରଷ ସୁଖ ସମ୍ପଦ
ଆଣ ଆଗାମୀ ଦିନେ
ଆସିଲେ ତୁମେ ବାସ ବିତରି
ହସିବୁ ଏ କାନନେ ।

ନୂଆ ବରଷ ବୁଣି ଆଶିଷ
ହରଷ ଭରି ମନେ
ସକଳ ଜନ ସୁଖ ଲଭିଣ
ରହିବେ ଏଇ ଧାମେ ।
ନୂଆ ବରଷ ନ ରହୁ ଖେଦ
ଜମା କାହାରି ପ୍ରାଣେ
ହର୍ଷ ଉଲ୍ଲାସ ନ ଥାଇ କ୍ଲେଶ
ସୁଖ ଭାବ ପରାଣେ ।

ନୂଆ ବରଷ ଫେଡ଼ି ବିଷାଦ
ଆସିବ ଠିକ ଦିନେ
ତୁମ ଆସିବା ପଥକୁ ଚାହିଁ
ରହିଛୁ ପ୍ରତି କ୍ଷଣେ ।

ଡାକ - ବଉଦରାଜ, ଜି. ବୌଦ୍ଧ
ପିନ -୭୬୨୦୧୪
ମୋ.୯୪୩୭୪୭୮୪୬୬

## ହକି ଆସିଲା ହକି
### ଦୀପକ କୁମାର ମିଶ୍ର

ଭାରତ ମାଟିରେ ଜନମ ତା'ର
ସାରା ପୃଥିବୀରେ ଭାରି ଆଦର
ଖେଳର ଭିତରେ ମଉଡମଣୀ
ହକି ନାମ ତା'ର ଭାଇ ଭଉଣୀ ।

ଦେଶରେ ଜଣେ ଖେଳାଳି ଥିଲେ
ଜାଦୁକର ପରି ହକି ଖେଳିଲେ
ଧ୍ୟାନଚାନ୍ଦ ନାମେ ସେ ବିଖ୍ୟାତ
ତାଙ୍କ ପାଇଁ ଆଜି ଆମେ ଗର୍ବିତ ।

ଓଡିଶା ମାଟିର ସନ୍ତାନମାନେ
ଦିଲ୍ଲୀପ ତୀର୍କି ପରି ଗୁଣିଜନେ
ଦେଶ ପାଇଁ ଯେ ଖେଳିଲେ ଖେଳ
ଓଡିଶା ମାଟିର ନାମ ଉଜ୍ଜଳ ।

ଆଜି ଓଡିଶା ମାଆର ମନ ଉଛନ
ବିଶ୍ୱକପ ହକି କରେ ଆୟୋଜନ
ଜାତୀୟ ଖେଳକୁ ଯାଇ ଦେଖିବା
ଭାରତ ଦଳକୁ ଜିତାଇ ଦେବା ।

ଭୁବନେଶ୍ୱର
୮୨୮୦୨୧୧୦୦୦

# କୃଷି ଭବନରେ ମୁକ୍ତାକାଶ ପାଠାଗାର ଉଦ୍‌ଘାଟିତ

ଭୁବନେଶ୍ୱର, ୦୬/୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲକ୍ରିଷ୍ଣନ୍ ଙ୍କ ଦ୍ୱାରା ଗୁରୁବାର କୃଷି ଭବନ ଛାତ ଉପରେ ଏକ ମକ୍ତାକାଶ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ରୁଫ୍ ଟପ୍ ପାଠାଗାରକୁ ଶ୍ରୀ ବାଲକ୍ରିଷ୍ଣନ୍ ପ୍ରଶଂସା କରିବା ସହିତ ଆଜିର ଦୁନିଆରେ ପଠନର ଉପାଦେୟତା ଓ ଆବଶ୍ୟକତା ରହିଛି ବୋଲି କହିଥିଲେ। ଏଥି ସହିତ ଶ୍ରୀ ବାଲକ୍ରିଷ୍ଣନ୍ ଭର୍ଚୁଆଲ୍ ଲାଇବ୍ରେରୀ ଓ ଓଡ଼ିଶା ଭର୍ଚୁଆଲ ଏକାଡେମୀର ଉପଯୋଗିତା ସଂପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ମୁଖ୍ୟ ପରାମର୍ଶଦାତା କୃଷି ଭବନ ପରିସରରେ ଓଡ଼ିଶା ମିଲେଟ୍ ମିଶନର ସ୍ୱତନ୍ତ୍ର ସେଲ୍ ଓ ମିଲେଟ୍ ଶକ୍ତି କାଫେ ପରିଦର୍ଶନ କରି ଆମର ନିତିଦିନିଆ ଖାଦ୍ୟ ତାଲିକାରେ ସୁସ୍ୱାଦୁ ପୁଷ୍ଟିଶସ୍ୟ ମିଲେଟ୍ ଜାତୀୟ ଖାଦ୍ୟକୁ ସାମିଲର ଗୁରୁତ୍ୱ ସଂପର୍କରେ କହିଥିଲେ। ଓଡ଼ିଶା ମିଲେଟ ମିଶନ ଅଧିନରେ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ମିଲେଟ ଉତ୍ପାଦନ, ବ୍ୟବହାର ଓ ପ୍ରଚାରପ୍ରସାର ଦିଗରେ ସହାୟକ ହୋଇପାରିବ ବୋଲି ଶ୍ରୀ ବାଲକ୍ରିଷ୍ଣନ୍ ମତବ୍ୟକ୍ତ କରିଥିଲେ। ପରିଦର୍ଶନ ସମୟରେ ଶ୍ରୀ ବାଲକ୍ରିଷ୍ଣନ୍ କୃଷି ଭବନ ଉଦ୍ୟାନ ପରିସରରେ ବୃକ୍ଷରୋପଣ କରିଥିଲେ।

ଉଦ୍ ଘାଟନ ଉତ୍ସବରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସ୍ୱତନ୍ତ୍ର ଶାସନ ସଚିବ ସଂଜୀବ କୁମାର ଚଢ଼ାଙ୍କ ସମେତ ବିଭିନ୍ନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଏବଂ ବହୁ ବରିଷ୍ଠ ପଦାଧିକାରୀ ଯୋଗଦେଇଥିଲେ।

# ହକି ବିଶ୍ୱକପ୍ ସମୟରେ ତାରକା ହୋଟେଲରେ ବଦଳିବେନି ସର୍ଭିଂ ଟିମ୍

ଭୁବନେଶ୍ୱର, ୦୬/୦୧ (ନି.ପ୍ର): ଆଉ କିଛିଦିନ ପରେ ଓଡ଼ିଶାରେ ଆରମ୍ଭ ହେବ ହକି ବିଶ୍ୱକପ୍। ଏଥିପାଇଁ କିଛି ବିଦେଶୀ ଟିମ୍ ଓଡ଼ିଶା ପହଞ୍ଚିବାକୁ ଆରମ୍ଭ କଲେଣି। ବିଦେଶୀ ଖେଳାଳିଙ୍କ ସମେତ ସପୋର୍ଟ ଷ୍ଟାଫ୍ ଭୁବନେଶ୍ୱରର ଓ ରାଉରକେଲାର ତାରକା ହୋଟେଲ ରହିବାର ବ୍ୟବସ୍ଥା କରାଯାଇଛି। ହୋଟେଲରେ ରହଣି ସମୟରେ ସେମାନଙ୍କୁ କିଭଳି ଖାଦ୍ୟ ପରିବେଷଣ ଓ ପ୍ରସ୍ତୁତି କରାଯିବ ସେଥିପାଇଁ ଆଜି ଭୁବନେଶ୍ୱରର ତାରକା ହୋଟେଲର ସେଫ୍, ଖାଦ୍ୟ ଓ ପାନୀୟ(ଏଫ୍ ଏଣ୍ଡ ବି) ମ୍ୟାନେଜରମାନଙ୍କୁ ତାଲିମ୍ ଦିଆଯାଇଛି। କ୍ରୀଡ଼ା ବିଭାଗର ସହଯୋଗରେ ଆଇଏମ୍ଏଚ୍‌ର ଟାଟା ପ୍ରୋଜେକ୍ଟ ଓ ଖାଦ୍ୟ ନିରାପତ୍ତା ପରିଚାଳନା ପକ୍ଷରୁ ଏହି ତାଲିମ୍ ଦିଆଯାଇଥିଲା। ହକି ବିଶ୍ୱକପ୍ ଚାଲିଥିବା ସମୟରେ ଖେଳାଳିମାନଙ୍କୁ ଖାଦ୍ୟ ପରିବେଷଣ(ସର୍ଭିଂ) ଟିମ୍‌ରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି ଜଣାପଡ଼ିଛି। ଯାହାଫଳରେ ଅନ୍ତର୍ଜାତୀୟ ମାନର ଖାଦ୍ୟ ଖେଳାଳିମାନଙ୍କୁ ଠିକ୍‌ଭାବେ ମିଳିପାରିବ।

ତାଲିମ୍ ସମୟରେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ(ଏଫ୍ଏସ୍ଏସ୍ଏଆଇ)ର ସିଡ୍ୟୁଲ-୪ ଅଧୀନରେ ଯେଉଁ ନିୟମସବୁ ରହିଛି ତାହାକୁ ପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିରେ ହୋଟେଲମାନେ କିଭଳି ଢଙ୍ଗରେ କଞ୍ଚାମାଲ କିଣୁଛନ୍ତି, ସଂରକ୍ଷଣ, ସର୍ଭିଂ ସହିତ କର୍ମଚାରୀମାନଙ୍କ ନିୟମିତ ମେଡ଼ିକାଲ ଚେକ୍-ଅପ୍ ଉପରେ ଆଲୋଚନା ହୋଇଥିଲା। ଏହାସହ ଏଚ୍ଏସିସିପି(ହାଜାର୍ଡ ଆନାଲିସିସ୍ ଏଣ୍ଡ କ୍ରିଟିକାଲ କଣ୍ଟ୍ରୋଲ ପଏଣ୍ଟ) ବା ବିପଦ ବିଶ୍ଳେଷଣ ଏବଂ ଜଟିଳ ନିୟନ୍ତ୍ରଣ ପଏଣ୍ଟକୁ ମଧ ଗୁରୁତ୍ୱ ଦିଆଯାଇଥିଲା। ଖେଳାଳିମାନଙ୍କ ଖାଦ୍ୟ ପରିବେଷଣ ନେଇ ଅନ୍ତର୍ଜାତୀୟ ପ୍ରୋଟୋକଲ କ'ଣ ରହିଛି, କୋଭିଡ ନିୟମାବଳୀକୁ ମାନି ଖେଳାଳି, ପ୍ରତିନିଧି ଓ ଅନ୍ୟମାନଙ୍କୁ କିଭଳି ଖାଦ୍ୟ ପ୍ରଦାନ କରାଯିବ ତାହା ଉପରେ ହୋଟେଲରେ ସେପ୍ ଓ ଅନ୍ୟ ମ୍ୟାନେଜରମାନଙ୍କୁ ତାଲିମ୍ ଦିଆଯାଇଥିଲା। ଆସନ୍ତାକାଲି ରାଉରକେଲା ମଧ ତାଲିମ୍ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

ଅପରପକ୍ଷରେ ବିଶ୍ୱକପ୍ ପୂର୍ବରୁ ହୋଟେଲମାନଙ୍କରେ ଖାଦ୍ୟ ଯାଞ୍ଚକୁ ଜୋରଦାର କରାଯିବ। ଏଥିପାଇଁ ଏକ ୮ଜଣିଆ ଟିମ୍ ଗଠନ କରାଯାଇଛି। ବିଶେଷକରି ଯେଉଁ ଯେଉଁ ହୋଟେଲରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ରହିବେ ଓ ତାହାସହ ବାହାରୁ ଆସିଥିବା ଲୋକମାନେ ରହୁଥିବା ହୋଟେଲରେ ନିୟମିତ ଯାଞ୍ଚ କରାଯାଉଛି। ମୋବାଇଲ ଭ୍ୟାନ୍ ଏସବୁ ହୋଟେଲକୁ ଯାଇ ସେଠାରୁ କଞ୍ଚା ମାଲ, ଖାଦ୍ୟ ନମୁନା ଓ ପାଣିର ଯାଞ୍ଚ କରୁଛନ୍ତି। ୧୯ଟି ହୋଟେଲର ୫ଟି ଲେଖାଏ ନମୁନା ସଂଗ୍ରହ କରାଯାଇଛି। ଯେଉଁ ହୋଟେଲ ପ୍ରାଥମିକ ନିୟମ ପାଳନ କରିବାରେ ବିଫଳ ହେଉଛନ୍ତି ସେମାନଙ୍କୁ ନୋଟିସ୍ ଜାରି କରାଯାଉଥିବା ରାଜ୍ୟ ଖାଦ୍ୟ ନିରାପତ୍ତା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଆଜି ତାଲିମ୍ କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ ନିରାପତ୍ତା କମିସନର ପୋମା ଟୁଡୁ, ନିର୍ଦ୍ଦେଶିକା ଡା.ସ୍ନେହଲତା ସାହୁ, ରାଜ୍ୟ ନୋଡାଲ ଅଧିକାରୀ ପ୍ରତୀକ୍ଷା ଦାସ ମହାପାତ୍ର ଓ ବିଏମ୍‌ସିର ଖାଦ୍ୟ ସୁରକ୍ଷା ଅଧିକାରୀ ବିଭୁଦତ୍ତ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

# ଭୁବନେଶ୍ୱର କ୍ଷୁଦ୍ର ନିଯୁକ୍ତି ମେଳାରେ ୩୧୦ ଜଣଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୦୬/୦୧ (ନି.ପ୍ର): ଦକ୍ଷତା ବିକାଶ କର୍ତୃପକ୍ଷ,ଓଡିଶାଙ୍କ ତରଫରୁ ଜିଲ୍ଲା ପ୍ରଶାସନ,ଖୋର୍ଦ୍ଧା ଆନୁକୂଲ୍ୟରେ ଗୁରୁବାର ଭୁବନେଶ୍ୱରସ୍ଥିତୟୁନିଟ – ୮ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ କ୍ଷୁଦ୍ର ନିଯୁକ୍ତି ମେଳା ତଥା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଭୁବନେଶ୍ୱର ସହ ଜଟଣୀ ,ବାଲିଅନ୍ତା ଓ ବାଲିପାଟଣା ପଞ୍ଚାୟତ ସମିତି ଆଦି ଉପଖଣ୍ଡର ୪ଟି ପଂଚାୟତ ସମିତି ଅନ୍ତର୍ଗତବିଭିନ୍ନ ଶିକ୍ଷାଗତ ଯୋଗ୍ୟତା ଥିବା ନିଯୁକ୍ତି ଆଶାୟୀ ପ୍ରାର୍ଥୀ ଓପ୍ରାର୍ଥିନୀମାନଙ୍କ ନିମନ୍ତେ ଅନୁଷ୍ଠିତ ହୋଇଥିଲା ।ଏହି ନିଯୁକ୍ତି ମେଳା ତଥା ପରାମର୍ଶ ଶିବିରରେ ୧୨ଟି ନିଯୁକ୍ତିପ୍ରଦାନକାରୀ ସଂସ୍ଥାମାନେ ଯୋଗଦେଇଥିଲେ। ଏହା ବ୍ୟତୀତ ଓଡ଼ିଶା ଦକ୍ଷତା ବିକାଶ କର୍ତୃପକ୍ଷଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ୫ଟି ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ଯୋଗଦେଇଥିଲେ । ଶିବିରରେ ମୋଟ ୪୩୭ ଜଣପ୍ରାର୍ଥୀ-ପ୍ରାର୍ଥିନୀମାନେ ସେମାନଙ୍କର ନାମ ପଞ୍ଜୀକରଣ କରିଥିଲେ । ତନ୍ମଧରୁ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାମାନେ ୩୧୦ ଜଣ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କୁ ନିଯୁକ୍ତି ପାଇଁ ଚୟନ କରିଥିବା ବେଳେ ୭୫ ଜଣଙ୍କୁ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ପାଇଁ ଚୟନ କରାଯାଇଛି ।

ଏହି ନିଯୁକ୍ତି ମେଳା ତଥା ପରାମର୍ଶ ଶିବିରକୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ କୁମାର ରାଉତରାୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ବ୍ଲକ ବିଡିଓ ସମ୍ପଦ କୁମାର ଦଳାଇ, ଆଂଚଳିକ ନିର୍ଦ୍ଦେଶକ (ନିଯୋଜନ), ଭୁବନେଶ୍ୱର ବିଜୟ କୁମାର ପାତ୍ର, ଉପ-କାର୍ଯ୍ୟନିର୍ବାହୀ ଅଧିକାରୀ, ଓରମାସ ଗୁଣ୍ଡିଚା ବେହେରା ଏବଂ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପଠାଣି ରାଉତ ପ୍ରମୁଖ ଯୋଗଦେଇ ନିଯୁକ୍ତି ପାଉଥିବା ଏବଂ ପ୍ରଶିକ୍ଷଣ ପାଇଁ ଚୟନ ହୋଇଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ସେମାନଙ୍କର ସଫଳତା କାମନା କରିଥିଲେ । ନିଯୁକ୍ତି ପ୍ରଦାନକାରୀ ସଂସ୍ଥାର ମୁଖ୍ୟ ତଥା ପ୍ରତିନିଧିମାନେ ସେମାନଙ୍କର ସଂସ୍ଥାରେ ନିଯୁକ୍ତି ପରିପ୍ରେକ୍ଷୀରେ ରହିଥିବା ସୁଯୋଗ ସଂପର୍କରେ ବିଷଦ୍ ଭାବେ ଅବଗତ କରାଇଥିଲେ। ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ, ଖୋର୍ଦ୍ଧା ତରଫରୁ ଦେବାଶିଷ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଆସନ୍ତା କାଲି ଜାନୁଆରୀ ୬ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ଅନ୍ୟ ୬ ଗୋଟି ପଂଚାୟତ ସମିତି ଅନ୍ତର୍ଗତ ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ପାଇଁ ଏହିପରି ଶିବିର ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ଅନ୍ତର୍ଗତ ପୌର ପରିଷଦ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହେବ।

# ସିପିଆଇ ଭୁବନେଶ୍ୱର ଜୋନାଲ କମିଟିର ଜେନେରାଲ ବଡ଼ି ବୈଠକ

ଭୁବନେଶ୍ୱର, ୦୬/୦୧ (ନି.ପ୍ର): ଅଶୋକନଗରସ୍ଥିତ ଭଗବତୀ ଭବନଠାରେ ସିପିଆଇର ଭୁବନେଶ୍ୱର ଜୋନ୍ କମିଟିର ଜେନେରାଲବଡ଼ି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସିପିଆଇ ଖୋର୍ଦ୍ଧା ଜିଲ୍ଲା ସହ ସଂପାଦକ ସତୀଶ ମିଶ୍ର ଶୋକପ୍ରସ୍ତାବ ଆଗତ କରିଥିଲେ। ପାର୍ଟି ଜୋନ ସମ୍ପାଦକ ସାଥୀ ସୁର ଜେନା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସିପିଆଇର ନବନିର୍ବାଚିତ ରାଜ୍ୟ ସମ୍ପାଦକ ସାଥୀ ଅଭୟ ସାହୁ ଗତ ଅକ୍ଟୋବର ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାଠାରେ ଅନୁଷ୍ଠିତ ହୋଇଥିବା ପାର୍ଟିର ସର୍ବ ଭାରତୀୟ ସମ୍ମିଳନୀରେ ଆଗାମୀ ୩ ବର୍ଷ ପାଇଁ ଗ୍ରହଣ କରାଯାଇଥିବା ରାଜନୈତିକ ଓ ସାଙ୍ଗଠନିକ ରଣନୀତି ଓ ରଣକୌଶଳ ସମ୍ପର୍କରେ ଆଲୋକପାତ କରିବା ସହିତ ବିଜେପି ଓ ଆରଏସଏସକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ବାମ ଗଣତାନ୍ତ୍ରିକ- ଧର୍ମନିରପେକ୍ଷ- ଦେଶପ୍ରେମୀ ଶକ୍ତି, ସଙ୍ଗଠନ ଏବଂ ରାଜନୈତିକ ଦଳମାନଙ୍କୁ ନେଇ ଏକ ବିକଳ୍ପ ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ। ଏକ ଦୃଢ଼ ସିପିଆଇ ହିଁ ଏହି ମେଣ୍ଟର ନେତୃତ୍ୱ ନେଇପାରିବ।

ବରିଷ୍ଠ ସିପିଆଇ ନେତା କ୍ଷୀରୋଦ ସିଂହ ଦେଓ, ପାର୍ଟିର ସଙ୍ଗଠନକୁ ମଜଭୁତ କରିବା ସହିତ ଆଗାମୀ ମାର୍ଚ୍ଚ ୨୩ ତାରିଖରେ ସିପିଆଇର ରାଜ୍ୟ ସ୍ତରୀୟ ସମାବେଶକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବସାଥୀ ଶଙ୍କର ବାରିକ, ଶରତ ସ୍ୱାଇଁ, ମଞ୍ଜୁ ଭୋଇ, ଛେତମ୍ବର ଭୋଇ, ଡ଼ାକ ହେମ୍ବ୍ରମ୍, ସାଗରିକା ଦାସ, ଲିଙ୍ଗରାଜ ସାହୁ ସମେତ ଶତାଧିକ ପାର୍ଟି କର୍ମୀ ଯୋଗ ଦେଇଥିଲେ।

# ପ୍ରକାଶ ପାଇଲା ଚୂଡ଼ାନ୍ତ ଫଟୋ ଭୋଟର ତାଲିକା

ଭୁବନେଶ୍ୱର, ୦୬/୦୧ (ନି.ପ୍ର): ରାଜ୍ୟର ୧୪୬ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଚୂଡ଼ାନ୍ତ ଫଟୋ ଭୋଟର ତାଲିକା ଗୁରୁବାର ପ୍ରକାଶ ପାଇଛି । ଜାନୁଆରୀ ୧ ତାରିଖ ୨୦୨୩କୁ ଯୋଗ୍ୟତାସୂଚକ ତାରିଖ ଭାବେ ଗ୍ରହଣ କରାଯାଇ ରାଜ୍ୟର ୫୮ଗୋଟି ନିର୍ବାଚନ ପଂଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ୩୦ଗୋଟି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାଜ୍ୟର ସବୁବୁଥ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବ୍‌ସାଇଟ୍ ରେ ୨୦୨୩ ମସିହାରେ ଫଟୋ ଭୋଟର ତାଲିକା ପ୍ରକାଶ କରାଯାଇଛି। ବରଗଡ଼ ଜିଲ୍ଲାର ୦୧-ପଦମ୍‌ପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ହୋଇଥିବାରୁ ସେଠାରେ ବର୍ତ୍ତମାନ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟ ଚାଲୁରହିଛି। ୧୪୬ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଚିଠା ଫଟୋ ଭୋଟର ତାଲିକା ଗତ ୦୯/୧୧/ ୨୦୨୨ରେ ପ୍ରକାଶିତ ହୋଇଥିଲା।୫,୯୪,୬୧୩ ଗୋଟି ଦରଖାସ୍ତକୁ ଭୋଟର ତାଲିକାଭୁକ୍ତ କରିବା ଲାଗି ଅନୁମୋଦନ କରାଯାଇଛି। ଭୋଟର ତାଲିକାରୁ ନାମ ବାଦଦେବା ନିମନ୍ତେ ଫର୍ମ ନଂ-୭ ଜରିଆରେ ୩,୨୪,୨୩୧ ଗୋଟି ଦରଖାସ୍ତ ଗ୍ରହଣ କରାଯାଇଥିଲା ଓ ୩,୨୦,୫୦୬ ଜଣଙ୍କ ନାମ ଭୋଟର ତାଲିକାରୁ ବାଦଦେବା ନିମନ୍ତେ ଅନୁମୋଦନ ଲାଭ କରିଥିଲା । ଭୋଟର ତାଲିକାରେ ତ୍ରୁଟି ସଂଶୋଧନ ଏବଂ ବାସସ୍ଥାନ ପରିବର୍ତ୍ତନ ନିମନ୍ତେ ଫର୍ମ ନଂ-୮ରେ ଗ୍ରହଣ କରାଯାଇଥିବା ୨,୧୪,୦୦୦ ଦରଖାସ୍ତକୁ ଅନୁମୋଦନ କରାଯାଇଛି। ୨୦୨୩ ମସିହାର ଚୂଡ଼ାନ୍ତ ଫଟୋ ଭୋଟର ତାଲିକା ଅନୁଯାୟୀ ରାଜ୍ୟରେ ସର୍ବମୋଟ ୩,୨୩,୪୯,୩୪୧ ଜଣ ଭୋଟର ଅଛନ୍ତି। ସେଥି ମଧ୍ୟରୁ ୧,୬୪,୯୬,୧୫୩ ଜଣ ପୁରୁଷ ଭୋଟର ହୋଇଥିବାବେଳେ ୧,୫୮,୪୯,୯୬୬ ଜଣ ମହିଳା ଏବଂ ୩୨୨୨ ଜଣ ତୃତୀୟଲିଙ୍ଗ ଭୋଟର ଅଛନ୍ତି । ଏତଦ ବ୍ୟତୀତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ମଧ୍ୟରେ ୧୭ ବର୍ଷରୁ ଊର୍ଦ୍ଧ୍ୱର୍ ୭୮,୨୬୦ ଜଣ ଯୁବ ଭୋଟରଙ୍କ ଆଗୁଆ ଦରଖାସ୍ତ ଗ୍ରହଣ କରାଯାଇଛି ଏବଂ ପରବର୍ତ୍ତୀ ଯୋଗ୍ୟତାସୂଚକ ତାରିଖ ସମୟରେ ସେମାନଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବ । ଫଟୋ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ଭୋଟରମାନଙ୍କର ଫଟୋ ଭୋଟର ପରିଚୟ ପତ୍ର ସ୍ପିଡ୍ ପୋଷ୍ଟ ଡାକ ଯୋଗେ ଘର ଠିକଣାରେ ବିନା ମୂଲ୍ୟରେ ପହଂଚିବ। ନିର୍ଦ୍ଦିଷ୍ଟ ଦୁର୍ବଳ ଶ୍ରେଣୀର ଆଦିବାସୀମାନେ ବସବାସ କରୁଥିବା ଜିଲ୍ଲାଗୁଡ଼ିକରେ ୨୨୭ ଗୋଟି ସ୍ୱତନ୍ତ୍ର ପ୍ରଚାର ଅଭିଯାନ କରାଯାଇ ଯୋଗ୍ୟ ନିର୍ବାଚକମାନଙ୍କୁ ତାଲିକାଭୁକ୍ତ କରାଯାଇଛି ।୨୦୨୩ ମସିହାର ଚିଠା ଭୋଟର ତାଲିକାରେ ରାଜ୍ୟର ଲିଙ୍ଗ ଅନୁପାତ ୯୫୯ ଜଣରୁ ଚୂଡ଼ାନ୍ତ ଫଟୋ ଭୋଟର ତାଲିକାରେ ଲିଙ୍ଗ ଅନୁପାତ ୯୬୧କୁ ବୃଦ୍ଧି ପାଇଛି । ସେହିପରି ୨୦୨୩ ମସିହା ଫଟୋ ଭୋଟର ତାଲିକା ଅନୁସାରେ ୧୮-୧୯ ବର୍ଷର ଭୋଟରଙ୍କ ସଂଖ୍ୟା ୨,୧୦,୨୬୮ରୁ ୪୪୬୭୭୯କୁ ବୃଦ୍ଧିପାଇଛି।୨୦୨୨ ମସିହାର ଫଟୋ ଭୋଟର ତାଲିକାରେ ଶତକଡ଼ା ୯୯.୭୪% ଫଟୋ ନିର୍ବାଚକ ଥିବାବେଳେ ୨୦୨୩ ମସିହାରେ ଚୂଡ଼ାନ୍ତ ଫଟୋ ଭୋଟର ତାଲିକାରେ ଶତକଡ଼ା ୯୯.୯୯% ଫଟୋ ନିର୍ବାଚକ ଅଛନ୍ତି । ସେହିପରି ୨୦୨୩ର ଭୋଟର ଫଟୋ ପରିଚୟ ପତ୍ରଧାରୀଙ୍କ ସଂଖ୍ୟା ଶତକଡ଼ା ୯୯.୯୯କୁ ବୃଦ୍ଧି ପାଇଛି । ୨୦୨୩ ମସିହାର ଚିଠା ଭୋଟର ତାଲିକାରେ ୪୯୮୯୭ ଜଣ ସର୍ଭିସ ଭୋଟର ଥିବାବେଳେ ୨୦୨୩ର ଚୂଡ଼ାନ୍ତ ଭୋଟର ତାଲିକାରେ ଏହା ବୃଦ୍ଧି ପାଇ ୪୯୯୧୯ ଜଣ ହୋଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ଯୁକ୍ତ୨ ପରୀକ୍ଷା : ୪୬୧ କଲେଜ ସିସିଟିଭି ଲଗାଇନାହାନ୍ତି



ଭୁବନେଶ୍ୱର, ୦୬/୦୧ (ନି.ପ୍ର): ଫେବ୍ରୁଆରି ପହିଲାରୁ ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା। ତାକୁ ନଜରରେ ରଖି ଡିସେମ୍ବର ୩୦ ସୁଦ୍ଧା ସମସ୍ତ ଉଚ୍ଚ ମାଧମିକ ବିଦ୍ୟାଳୟ ତଥା ଯୁକ୍ତ୨ କଲେଜ କର୍ତ୍ତୃପକ୍ଷ ସିସିଟିଭି କ୍ୟାମେରା ଲଗାଇବାକୁ ଉଚ୍ଚ ମାଧମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପକ୍ଷରୁ କୁହାଯାଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ। ଏବେ ସୁଦ୍ଧା ରାଜ୍ୟର ୪୬୧ଟି କଲେଜରେ ସିସିଟିଭି କ୍ୟାମେରା ଲାଗିନାହିଁ। କେଉଁଠି ଅଧା ଅଚଳ ତ ଆଉ କେଉଁଠି ଗୋଟିଏ ବି କ୍ୟାମେରା ନାହିଁ। ଆଉ କିଏ କ୍ୟାମେରା ଲଗାଇଥିଲେ ମଧ ଏବେ ସୁଦ୍ଧା ସିସିଟିଭି ଲିଙ୍କ୍ ପରିଷଦ ନିକଟରେ ଦାଖଲ କରିନାହାନ୍ତି। ଯେଉଁଥିପାଇଁ ସିଏଚ୍ଏସ୍ଇ ପକ୍ଷରୁ ଏଥର କଡ଼ା ଅଭିମୁଖ୍ୟ ଗ୍ରହଣ କରାଯାଇଛି। କେଉଁ କଲେଜଗୁଡ଼ିକ ସିସିଟିଭି ଲଗାଇ ନାହାନ୍ତି ତା'ର ତାଲିକା ପ୍ରକାଶ କରିବା ସହ ଆସନ୍ତା ୧୩ ତାରିଖ ସୁଦ୍ଧା ପରିଷଦ ଲିଙ୍କ୍‌ରେ ତଥ୍ୟ ଦାଖଲ କରିବାକୁ କୁହାଯାଇଛି।

ପରିଷଦର ଜଣେ ଅଧିକାରୀ କହିଛନ୍ତି ଯେ ପୂର୍ବ ବର୍ଷଗୁଡ଼ିକରେ ଅଧିକାଂଶ କଲେଜରେ ସିସିଟିଭି ଲାଗିଥିଲେ ମଧ ତାହା ଅଚଳ ହୋଇଯାଇଥିବା ନଜରକୁ ଆସିବା ପରେ ୨୦୨୨ ଡିସେମ୍ବର ୯ରେ ଚିଠି ଲେଖାଯାଇ ସିସିଟିଭି ଲଗାଇବା ଏବଂ ପରୀକ୍ଷା ପୂର୍ବରୁ ସିସିଟିଭି ସଜାଡ଼ିବାକୁ ପରାମର୍ଶ ଦିଆଯାଇଥିଲା। ପରୀକ୍ଷା କେନ୍ଦ୍ର ହେଉଥିବା ଯେଉଁ କଲେଜ ସିସିଟିଭି ଲଗାଇ ନ ଥିଲେ ସେମାନେ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ କୁହାଯାଇଥିଲା। ପରୀକ୍ଷା କେନ୍ଦ୍ରର ରୁମ୍, ହଲ୍ ଓ ଲାବରୋଟାରିରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ ହୋଇଥିଲା। ପରୀକ୍ଷାର ସୁପରିଚାଳନା ଲାଗି ରାଜ୍ୟରେ ପ୍ରତିଷ୍ଠା ହେବାକୁ ଥିବା ୨୦୦ରୁ ଅଧିକ ପରୀକ୍ଷା ପରିଚାଳନା ହବ୍ (ଇଏମ୍ଏଚ୍)ରେ ସିସିଟିଭି ସଜାଡ଼ିବା, ସେଲ୍ଫ ଫାଇନାନ୍ସିଂ କଲେଜଗୁଡ଼ିକ ଯେତେଶୀଘ୍ର ସମ୍ଭବ ସିସିଟିଭି ଲଗାଇବା ନେଇ ସୁନିଶ୍ଚିତ କରିବା ସହ ସାମ୍‌ସ ଇ-ସ୍ପେସ୍‌ରେ ସିସିଟିଭି କ୍ୟାମେରା ଲିଙ୍କ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତା'ପରେ ବି କଲେଜଗୁଡ଼ିକ ସିସିଟିଭି ଲଗାଇ ନାହାନ୍ତି କି ତଥ୍ୟ ଦେଇନାହାନ୍ତି। ଖୋର୍ଦ୍ଧା ଜିଲ୍ଲାର ସର୍ବାଧିକ ୪୩ଟି କଲେଜ ରହିଥିବା ବେଳେ ଅନୁଗୁଳର ୧୧, ବାଲେଶ୍ୱରର ୨୩, ବରଗଡ଼ର ୧୪, ବଲାଙ୍ଗୀରର ୨୭, କଟକର ୨୨, ଗଞ୍ଜାମର ୨୮, ଯାଜପୁରର ୧୮ କଲେଜ ରହିଛି।


# ଧାନ ପରିବହନ ବ୍ୟବସ୍ଥା ବଦଳିଲା



ଭୁବନେଶ୍ୱର, ୦୬/୦୧ (ନି.ପ୍ର): ମିଲର ପାଇବେନି ପରିବହନ ଖର୍ଚ୍ଚ। କେନ୍ଦ୍ର ସରକାରଙ୍କ ନୂତନ ନିର୍ଦ୍ଦେଶ ଅନୁଯାୟୀ, ଏଣିକି ପରିବହନ ସଂସ୍ଥାକୁ ମଣ୍ଡିରୁ ଧାନ ନେଇ ମିଲ୍ ପର୍ଯ୍ୟନ୍ତ ପହଞ୍ଚାଇବା ଦାୟିତ୍ୱ ଦିଆଯିବ। ଏଥିପାଇଁ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲା ଏବଂ ବ୍ଲକ ସ୍ତରରେ ପରିବହନ ସଂସ୍ଥା ଚୟନ ପାଇଁ ହୋଇଥିବା ଟେଣ୍ଡର ଫେଲ ମାରିଛି। ଆସନ୍ତାବର୍ଷ ବେଳକୁ ପରିବହନ ସଂସ୍ଥା ଚୟନ କାର୍ଯ୍ୟକ୍ରମ ନିଶ୍ଚିତ ଭାବରେ ସଫଳ ହେବ ବୋଲି ଯୋଗାଣ ନିଗମ ପକ୍ଷରୁ ସୂଚନା ଦିଆଯାଇଛି। ଚାଷୀ ମଣ୍ଡିରେ ଧାନ ପହଞ୍ଚାଇବା ପରେ ଲୋଡିଂ ଠାରୁ ଆରମ୍ଭ କରି ମିଲରେ ଧାନ ପହଞ୍ଚାଇବା ପର୍ଯ୍ୟନ୍ତ ହେଉଥିବା ଖର୍ଚ୍ଚର ସମସ୍ତ ଦାୟିତ୍ୱ କେନ୍ଦ୍ର ସରକାର ବହନ କରିଥା'ନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ କ୍ୱିଣ୍ଟାଲ ହିସାବରେ ସରକାରଙ୍କ ପକ୍ଷରୁ ୩୧୬୫.୮୫ ଟଙ୍କା ଦିଆଯାଉଛି। ଏଥିରୁ କେବଳ ଏମଏସ୍‌ପି ବ୍ୟତୀତ ଅନ୍ୟ ବିଭିନ୍ନ ବାବଦରେ ଚାଷୀ ଖର୍ଚ୍ଚ କରୁଥିଲେ ମଧ ତାର ଲାଭ ଅନ୍ୟମାନେ ଉଠାଉଥିବା ଅଭିଯୋଗ ହେଉଛି। ବିଶେଷକରି ମିଲରମାନେ କ୍ୱିଣ୍ଟାଲ ହିସାବରେ ନେଉଥିବା ପରିବହନ ଖର୍ଚ୍ଚ ନେଇ ସର୍ବଦା ଅସନ୍ତୋଷ ରହି ଆସିଛି। ଆଜି ବି ମଣ୍ଡି ବ୍ୟବସ୍ଥା ମିଲରଙ୍କ କବ୍‌ଜାରେ ରହିଛି। ତେଣୁ ମଣ୍ଡିରେ ଧାନ ଓଜନ ପରେ ମଧ ଅଧିକାଂଶ ଅଞ୍ଚଳରେ ଚାଷୀ ହିଁ ଧାନ ବସ୍ତା ମିଲ ପର୍ଯ୍ୟନ୍ତ ପହଞ୍ଚାଇଥା'ନ୍ତି। କ୍ୱିଣ୍ଟାଲ ହିସାବରେ କଟ୍‌ନିଛଟ୍‌ନି ନକରିବା ପର୍ଯ୍ୟନ୍ତ ମିଲ୍ ମାଲିକ ଧାନକୁ ନିଅନ୍ତି ନାହିଁ। ଯେଉଁ ଚାଷୀ ମିଲ୍ ପର୍ଯ୍ୟନ୍ତ ନେଇ ପାରେ ନାହିଁ ତାଙ୍କ ଧାନ ମଣ୍ଡିରେ ବିକ୍ରି ନହୋଇ ପଡ଼ିରହେ। ତେଣୁ ମିଲକ୍ଷହ ଯେତେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ମଧ ଚାଷୀ ମିଲ୍‌କୁ ଯିବାକୁ ବାଧ ହୁଏ। ଏହାକୁ ନେଇ ଲଗାତାର ପ୍ରଶାସନର ଦୃଷ୍ଟି ଆକର୍ଷଣ ପରେ ଚଳିତ ବର୍ଷ ପ୍ରଥମ କରି ତୃତୀୟ ପକ୍ଷକୁ ମଣ୍ଡିରୁ ମିଲ୍ ପର୍ଯ୍ୟନ୍ତ ଧାନ ପରିବହନ ଦାୟିତ୍ୱ ଦିଆଯାଇଛି। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଚାଷୀମାନଙ୍କୁ ଏଣିକି ମିଲରଙ୍କ ପ୍ରଭାବରେ ପଡ଼ି ବାଧ ହୋଇ ମିଲକୁ ଯିବାକୁ ପଡ଼ିବ ନାହିଁ କି ଅନ୍ୟାୟ ଭାବରେ ପରିବହନ ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ ବୋଲି ଯୋଗାଣ ନିଗମ ପକ୍ଷରୁ କୁହାଯାଇଛି।

# ସରିଲା କୋରାପୁଟ ରେଳ ପ୍ରକଳ୍ପର ବହୁ ଦୋହରୀକରଣ କାର୍ଯ୍ୟ

ଭୁବନେଶ୍ୱର, ୦୬/୦୧ (ନି.ପ୍ର): ପୂର୍ବତଟ ରେଳପଥର କୋରାପୁଟ-ଜଗଦଲପୁର ଦୋହରୀକରଣ ପ୍ରକଳ୍ପ ଅନ୍ତର୍ଗତ କୋରାପୁଟ ଓ ମାନବାର ରେଳ ଷ୍ଟେସନ ମଧ୍ୟରେ ଦ୍ୱିତୀୟ ଲାଇନ୍, କୋରାପୁଟ-ରାୟଗଡ଼ା ରେଳ ଦୋହରୀକରଣ ପ୍ରକଳ୍ପର କୋରାପୁଟ-ଡୁମୁରିପୁଟ, ଡୁମୁରିପୁଟ-ମାନବାର ଷ୍ଟେସନ ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସରିଛି। ଏହି ପ୍ରକଳ୍ପଗୁଡ଼ିକର ନନ-ଇଣ୍ଟରଲକିଂ ଓ ସିଗନାଲ୍ ସିଷ୍ଟମର ସଂସ୍ଥାପନ ସହ ରେଳ ଟ୍ରାକଗୁଡ଼ିକୁ ସଂଯୋଗ ପାଇଁ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ କରାଯିବ। ତେଣୁ ନନ୍-ଇଣ୍ଟରଲକିଂ କାର୍ଯ୍ୟ ଲାଗି ଜାନୁଆରି ୬ ଓ ୭ରେ ମାନବାର ଷ୍ଟେସନରେ, ୮ ତାରିଖ ପର୍ଯ୍ୟନ୍ତ ଡୁମୁରିପୁଟ ଷ୍ଟେସନରେ, ୧୦ ତାରିଖ ପର୍ଯ୍ୟନ୍ତ କୋରାପୁଟ ରେଳ ଷ୍ଟେସନରେ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟ କରାଯିବାକୁ ଥିବା ଟ୍ରେନ୍ ସେବା ପ୍ରଭାବିତ ହେବ। ରାଉରକେଲା-ଜଗଦଲପୁର-ରାଉରକେଲା ଏକ୍ସପ୍ରେସ (୧୮୧୦୭/୧୮୧୦୮) ୬ ତାରିଖରେ ଜଗଦଲପୁରରୁ ବାତିଲ କରାଯାଇଛି। ଆଂଶିକ ବାତିଲ୍ ହେବାକୁ ଥିବା ଟ୍ରେନ୍‌ଗୁଡ଼ିକ ମଧ୍ୟରେ ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ(୧୮୪୪୭) ୫ରେ ଭୁବନେଶ୍ୱରରୁ ରାୟଗଡ଼ା ପର୍ଯ୍ୟନ୍ତ ଚାଲିବ। ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ (୧୮୪୪୮) ୬ରେ ଜଗଦଲପୁର ପରିବର୍ତ୍ତେ ରାୟଗଡ଼ାରୁ ଛାଡ଼ିବ ଏବଂ ଜଗଦଲପୁରରୁ ରାୟଗଡ଼ା ମଧ ବାତିଲ ରହିବ। ଜଗଦଲପୁର-ହାଓଡ଼ା ସମଲେଶ୍ୱରୀ ଏକ୍ସପ୍ରେସ (୧୮୦୦୬) ଜାନୁଆରି ୭ରେ ଜଗଦଲପୁର ପରିବର୍ତ୍ତେ ଟିଟିଲାଗଡ଼ରୁ ଛାଡ଼ିବ। ବିଶାଖାପାଟଣା-କୋରାପୁଟ ପାସେଞ୍ଜର ସ୍ପେସାଲ(୦୮୫୪୬) ୫ରୁ ୧୦ ତାରିଖ ମଧ୍ୟରେ ଲକ୍ଷ୍ମୀପୁର ରୋଡରୁ କୋରାପୁଟ ପର୍ଯ୍ୟନ୍ତ ବାତିଲ କରାଯାଇଛି।




କୋରାପୁଟ-ବିଶାଖାପାଟଣା ପାସେଞ୍ଜର (୦୮୫୪୫) ଜାନୁଆରି ୬ରୁ ୧୧ ମଧ୍ୟରେ କୋରାପୁଟ-ଲକ୍ଷ୍ମୀପୁର ରୋଡ ମଧ ବାତିଲ ରହିବ। ବିଶାଖାପାଟଣା-କୋରାପୁଟ ଏକ୍ସପ୍ରେସ (୧୮୫୧୨) ଜାନୁଆରି ୬ରୁ ୯ ଯାଏ ଦାମନଯୋଡ଼ିରୁ କୋରାପୁଟ ମଧ୍ୟରେ ବାତିଲ ରହିବ। କୋରାପୁଟ-ବିଶାଖାପାଟଣା ଏକ୍ସପ୍ରେସ (୧୮୫୧୧) ୬ରୁ ୧୧ ତାରିଖ ମଧ୍ୟରେ କୋରାପୁଟ-ଦାମନଯୋଡ଼ି ମଧ୍ୟରେ ବାତିଲ ରହିବ। ବିଶାଖାପାଟଣା-କିରାଣ୍ଡୁଲ୍ ପାସେଞ୍ଜର(୦୮୫୫୧) ଜାନୁଆରି ୬ରେ ବିଶାଖାପାଟଣାରୁ ଆରାକୁ ପର୍ଯ୍ୟନ୍ତ ଏବଂ କିରାଣ୍ଡୁଲ-ବିଶାଖାପାଟନମ୍ ପାସେଞ୍ଜର (୦୮୫୫୨) ୬ ତାରିଖରେ କିରାଣ୍ଡୁଲରୁ ଜୟପୁର ପର୍ଯ୍ୟନ୍ତ ଚାଲିବ। ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ(୧୮୪୪୭) ଜାନୁଆରି ୬ରୁ ୯ ପର୍ଯ୍ୟନ୍ତ ଭୁବନେଶ୍ୱରରୁ, ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ (୧୮୪୪୮) ୬ରୁ ୧୦ ପର୍ଯ୍ୟନ୍ତ ଜଗଦଲପୁରରୁ, ହାଓଡ଼ା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ (୧୮୦୦୫) ୬ରୁ ୯ ତାରିଖ ପର୍ଯ୍ୟନ୍ତ ହାଓଡ଼ାରୁ, ଜଗଦଲପୁର-ହାଓଡ଼ା ସମଲେଶ୍ୱରୀ ଏକ୍ସପ୍ରେସ (୧୮୦୦୬) ୮ରୁ ୧୦ ତାରିଖ ମଧ୍ୟରେ ଜଗଦଲପୁରରୁ, ରାଉରକେଲା-ଜଗଦଲପୁର ଏକ୍ସପ୍ରେସ (୧୮୧୦୭) ୬ରୁ ୯ ତାରିଖ ମଧ୍ୟରେ ରାଉରକେଲାରୁ, ଜଗଦଲପୁର-ରାଉରକେଲା ଏକ୍ସପ୍ରେସ (୧୮୧୦୮) ୭ରୁ ୧୦ ତାରିଖ ମଧ୍ୟରେ ଜଗଦଲପୁରରୁ ବାତିଲ୍ ରହିବ।

## ପଂଚାୟତ ନିର୍ବାଚନ ମାମଲା : ପ୍ରମାଣ ଅଭାବରୁ ଖାରଜ କଲେ ସିଭିଲ ଜଜ୍

ଜଳେଶ୍ୱର,୦୬/୦୧ (ନି.ପ୍ର): ଗତ ପଂଚାୟତ ନିର୍ବାଚନରେ କେତେକ ମାମଲା ଜଳେଶ୍ୱର କୋର୍ଟରେ ବିଚାରାଧିନ ଥିବା ବେଳେ ଆଜି ସେଥିରୁ ଗୋଟିଏ ଫଇସାଲା ହୋଇଛି । ଘଟଣାରୁ ପ୍ରକାଶ ଖରିଦ ପିମ୍ପଲ ପଂଚାୟତର ୬ନଂ ୱାର୍ଡର ମଂଜୁଲତା ଜେନା ୱାର୍ଡ ମେମ୍ବର ଭାବେ ନିର୍ବାଚିତ ହୋଇଛନ୍ତି । କିନ୍ତୁ ତାଙ୍କର ୨ରୁ ଅଧିକ ସନ୍ତାନ ଥିବାର ଦର୍ଶାଇ ତାଙ୍କର ପ୍ରତିପକ୍ଷ କରୁଣାମୟୀ ଜେନା କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏଥିନେଇ କେତେକ ପ୍ରମାଣ ଓ ସାକ୍ଷୀଙ୍କ ଠାରୁ ବୟାନ ନିଆଯାଇଥିଲେ ମଧ୍ୟ ପ୍ରମାଣ ଅଭାବରୁ ଏହି ମାମଲାକୁ ସିଭିଲ ଜଜ୍ ପାର୍ଥ ସାରଥି ଖାରଜ କରିଥିବା ଜଣାଯାଇଛି । ୱାର୍ଡ ମେମ୍ବରଙ୍କ ପକ୍ଷରୁ ସରକାରୀ ଓକିଲ ସିତାଂଶୁ ସେଖର ଦାସ ଲଢୁଥିବା ଜଣାଯାଇଛି ।

## ଡେ ଏଣ୍ଡ ନାଇଟ୍‌ର ରକ୍ତଦାନ ଶିବିର : ୬୪ ୟୁନିଟ୍ ସଂଗୃହୀତ

ଜଳେଶ୍ୱର,୦୬/୦୧ (ନି.ପ୍ର): ଜଳେଶ୍ୱର ସହରର ଡେ ଏଣ୍ଡ ନାଇଟ୍ ଔଷଧ ଦୋକାନ ପକ୍ଷରୁ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏକ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ସ୍ୱାସ୍ଥ୍ୟ ବିଭାଗର ସଚିନ୍ଦ୍ର ନାଥ ପାଢୀ ଉଦ୍‌ଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ଉପସଭାପତି ସୁବ୍ରତ ରଣା, ସନ୍ୟାସୀ ପରିଡା, ସଂଜିବ ଦାସ, କାର୍ତ୍ତିକ ରାଉଳ, ତାରାକାନ୍ତ ଦଳେଇ, ମନୋରଂଜନ ଗିରି, ସୁଜୟ ରାଉଳ, ବର୍ଣ୍ଣି ଅଗ୍ରୱାଲ ଓ ରହିନାରାୟଣ ଜେନା ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ମୋଟ ୬୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଆଶିଷ ଅଗ୍ରୱାଲ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଆକାଶ ପାଠକଙ୍କ ବିଏମଡବ୍ଲୁ କାରକୁ ଜବତ କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ

ଭୁବନେଶ୍ୱର,୦୬/୦୧ (ନି.ପ୍ର): ଆକାଶ ପାଠକଙ୍କ ବିଏମଡବ୍ଲୁ କାରକୁ ପ୍ରବର୍ତନ ନିର୍ଦ୍ଦେଶାଳୟ ଜବତ କରିଥିବା ଜଣା ପଡିଛି । ଆକାଶ ପାଠକ ନଗଦ ଟଙ୍କା ଦେଇ ସୋ ରୁମ୍‌ରୁ ଏହି ବିଏମଡବ୍ଲୁ କାରକୁ କିଣିଥିଲେ । ପ୍ରବର୍ତନ ନିର୍ଦ୍ଦେଶାଳୟ ଟାଟା କଂପାନୀରେ ଚାକିରି ନାଁରେ ଠକେଇ ମାମଲାର ତଦନ୍ତ କରୁଛି ।

# ଜଳେଶ୍ୱର ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା : ଆସନ୍ତା ୯ରେ ଜିଲ୍ଲାସ୍ତରୀୟ ଖେଳ ଅନୁଷ୍ଠିତ ହେବ

ଜଳେଶ୍ୱର,୦୬/୦୧ (ନି.ପ୍ର): ଜଳେଶ୍ୱର ବ୍ଲକ ସ୍ତରୀୟ ଖେଳ ପ୍ରତିଯୋଗିତା ଆଜି ଶିଖରପୁର ପଂଚାୟତର ଶ୍ରୀ ଶ୍ରୀ ବରାଳ ବାଲୁକେଶ୍ୱର ଖେଳ ପଡିଆରେ ଅନୁଷ୍ଠିତ ହୋଇଛି । ଏହି ଖେଳକୁ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ଓ ମୁଖ୍ୟବକ୍ତାଭାବେ ତହସିଲଦାର ମିହିର ରଂଜନ ବେହେରା ଯୋଗ ଦେଇ ସାମ୍ପ୍ରତିକ ଶିକ୍ଷାରେ କ୍ରିଡି ଓ ବ୍ୟାୟାମକୁ ସରକାର ପ୍ରାଧାନ୍ୟ ଦେଉଥିବା ବେଳେ ବିଦ୍ୟାଳୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବୋଲି କହିଥିଲେ ।




ସମ୍ମାନୀତ ଅତିଥିଭାବେ ବିଡିଓ ପୁନମ ରାଉତ, ଏବିଡିଓ ଦିବ୍ୟ ସିଂ କହଁର, ବିଦ୍ୟାଧର ମଲ୍ଲିକ, ଆଲୋକ ଗିରି, ଅଜୟ କୁମାର ମହାନ୍ତି, ମମତା ପରିଡା, ସୁଜୟ କୁମାର ଚାନ୍ଦ, ଅମ୍ବିକା ପ୍ରସାଦ ଜେନା, ତ୍ରିଲୋଚନ ଦାସ, ତୁଳସୀ କିସ୍କୁ, ବେଣୁଧର ଜେନା, ଚଞ୍ଚଳା ସେଠୀ, ଝାଡେଶ୍ୱର ଦାସ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଖେଳ ଶିକ୍ଷକ ହରମୋହନ ମହନ୍ତ, ସିଦ୍ଧେଶ୍ୱର ଦାସ, ହେମନ୍ତ କୁମାର କର, ଅରୁଣ କୁମାର ପଣ୍ଡା, ନିରୋଜ ପ୍ରଧାନ, ବଂଶୀଧର ବାରିକ, ସରୋଜ ପାଣିଗ୍ରାହୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ ଭଲିବଲ ଖେଳକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏଥିରେ ୧୦୦ ମିଟର, ୨୦୦ ମିଟିର ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଗୋଳା ଫିଙ୍ଗା ସହିତ ଭଲି ଓ ଫୁଲବଲ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଭଲିରେ ଖୁଦିଆ ମାଝିସାହି ଓ ନେତୁଆ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିବା ବେଳେ ଖୁଦିଆ ମାଝିସାହି ଓ ଫୁଟବଲରେ କାଳିକ କାଳିକ ଓ ଶ୍ୟାମନଗର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇ କାଳିକ ପଂଚାୟତ ବିଜେତା ହୋଇଥିଲା । ଆସନ୍ତା ୯ ଓ ୧୦ ତାରିଖରେ ଜିଲାସ୍ତରୀୟ ଖେଳ ଅନୁଷ୍ଠିତ ହେଉଥିବାରୁ ଆଜିର ବିଜେତାମାନେ ସେଠାରେ ଯୋଗ ଦେବେ ବୋଲି ଘୋଷଣା କରାଯାଇଛି ।

## ଜଂଗଲ ବିଭାଗ ରେଞ୍ଜ କାର୍ଯ୍ୟାଳୟରୁ ଚନ୍ଦନକାଠ ସ୍ଥାନାନ୍ତର

ଜଳେଶ୍ୱର,୦୬/୦୧ (ନି.ପ୍ର): ଦୀର୍ଘ ଧରି ଜଳେଶ୍ୱର ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟର ହାଜତ୍ ଘରେ ଥିବା ଚନ୍ଦନ କାଠକୁ କାର୍ଯ୍ୟାଳୟର ପରିସରରେ ଥିବା ନୂତନ ଗୋଦାମ ଘରକୁ ଆଜି ସ୍ଥାନାନ୍ତର କରାଯାଇଛି । ୬୧ କ୍ୟୁଣ୍ଟାଲ ଓଜନର ୨୪୭ ଖଣ୍ଡ ରକ୍ତ ଚନ୍ଦନ କାଠ ସ୍ଥାନାନ୍ତର ନେଇ ସାଧାରଣରେ ବହୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସଂପର୍କରେ ଜଂଗଲ ବିଭାଗ ରେଞ୍ଜର ଜୟଶ୍ରୀ ମୁର୍ମୁଙ୍କୁ ପଚାରିବାରୁ ସେ କହିଲେ ଦୀର୍ଘବର୍ଷ ଧରି ଏହା ମାଲ ଗୋଦାମ୍‌ରେ ରଖା ଯାଇଥିବାରୁ ସେଠାରେ ସାପ ରହିବା ସହିତ କାର୍ଯ୍ୟାଳୟ ପ୍ରତି ବିପଦ ସୃଷ୍ଟି କରୁଛି । ତେଣୁ ଆଜି ନୂତନ ଗୋଦାମ ଘରକୁ ସ୍ଥାନାନ୍ତର କରାଯାଇଥିବା ସଂପର୍କରେ ସେ କହିଛନ୍ତି । ଏହି କାଠ ସଂପର୍କରେ ଉଚ୍ଚ ପଦସ୍ଥ କର୍ମକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆସୁଥିଲେ ମଧ୍ୟ ଏହା ବିଭାଗୀୟ କର୍ମକର୍ତ୍ତା ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରିନଥିବାରୁ ଆଜି କାର୍ଯ୍ୟାଳୟର ଗୋଦାମ ଘରକୁ ସ୍ଥାନାନ୍ତର କରାଯାଇଥିବା କହିଛନ୍ତି । ଅନ୍ୟପକ୍ଷରେ ଏ ସଂପର୍କରେ ବିଭିନ୍ନ କଥା ଶୁଣିବାକୁ ମିଳୁଛି ।

## ଉତ୍ତମ ପରିମଳ, ଉତ୍ତମ ସ୍ୱାସ୍ଥ୍ୟ କର୍ମଶାଳା



ଲଙ୍ଗଳେଶ୍ୱର,୦୬/୦୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉତ୍ତମ ପରିମଳ ଉତ୍ତମ ସ୍ୱାସ୍ଥ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଡେନମାର୍କସରକାରଙ୍କ ସହାୟତାରେ ଆର୍ମ ସଂଗଠନ ଅକ୍ଷରୁ ବାଲିକୁଟି, ଦେଉଳା, ବଳରାମପୁର ଏଇ ତିନୋଟି ପଞ୍ଚାୟତ କୁ ନେଇ ଆୟୋଜିତ ଏଇ କର୍ମଶାଳା ରେ ହାସିମପୁର ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏଇ କର୍ମଶାଳା ରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ ଏବଂ ମୁଖ୍ୟବକ୍ତା ଭାବେ ବାଲିଆପାଳ ଇଡ଼କୋ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ର ସୁପ୍ରଭାଇଜର ଯୋଗ ଦେଇ ସମସ୍ତେ ମିଶି ପାଣି ପାଇଖାନା ବ୍ୟବହାର ସହିତ ସମସ୍ତଙ୍କୁ ସଚେତନ କରାଇଲେ ଆମେ ଉତ୍ତମ ସ୍ୱସ୍ଥ୍ୟବାନ ହେବା ବୋଲି କହିଥିଲେ । ଅନ୍ୟମାନଙ୍କ ମଧରେ ସମ୍ମାନିତ ଅତିଥି ଭାବେ ଦେଉଳା, ବାଲିକୁଟି ପଞ୍ଚାୟତ ର ସରପଞ୍ଚ ଯଶୋଦା ମଣି ଧଳ, ରାଜେନ୍ଦ୍ର ଧଳ,ସମିତି ସଭ୍ୟ ମୀନକେତନ ମହାପାତ୍ର ସମାଜସେବୀ ନିତ୍ୟାନନ୍ଦ ପାଣିଗ୍ରାହୀ, ସାମ୍ବାଦିକ ଅଜୟ କୁମାର ସାହୁ,ସୁବଳ ଚନ୍ଦ୍ର ଦାସ,ରବିରଞ୍ଜନ ତ୍ରିପାଠୀ, ପ୍ରତାପ ଚନ୍ଦ୍ର ପାତ୍ର, ପ୍ରମୋଦ କୁମାର ଭୂୟାଁ,ଦେଉଳା ପଞ୍ଚାୟତ ସମିତି ସଦସ୍ୟା ଦୀପ୍ତିଲି ଦାସ, ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅର୍ଜ୍ଜୁନ କର ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ମୁଖ୍ୟ ରାଜେନ୍ଦ୍ର କୁମାର ରଣା ସ୍ୱାଗତ ଭାଷଣ ଦେଇଥିଲେ । ତିନୋଟି ପଞ୍ଚାୟତର ଶିକ୍ଷକ ଶିକ୍ଷୟିତ୍ରୀ, ଆଶା ଦିଦି, ଅଙ୍ଗନୱାଡି କର୍ମୀ, ୱାର୍ଡ଼ ସଦସ୍ୟ ସଦସ୍ୟା ସମେତ ବହୁ ସାମାଜିକ କର୍ମୀ ଓ ଜନସାଧାରଣ ଯୋଗଦେଇଥିଲେ । ଗୋପାଳ କୃଷ୍ଣ ମହାପାତ୍ର, ମମତା ସେଠି, ଶୁଭ ଲକ୍ଷ୍ମୀ ଜେନା, ଦେବ ଜ୍ୟୋତି ପଣ୍ଡା,ପାବନିକା ମିଶ୍ର, ପ୍ରମୁଖ କର୍ମଶାଳା କୁ ପରିଚାଳନା କରିଥିଲେ ।

## ବିଶ୍ୱକପ ହକି ଅବସରରେ ଜିଲ୍ଲା ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ

ବାରିପଦା,୦୬/୦୧ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ଓ ପୋଲିସ ପେରେଡ ପଡିଆରେ ବିଶ୍ୱକପ ହକି ଅବସରରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲା ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟର ଦ୍ୱିତୀୟ ଦିନରେ ୮ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ବାରିପଦା ଷ୍ଟାଡିୟମ ପଡିଆରେ ବେତନଟୀ ବ୍ଲକ ବାରିପଦା ବ୍ଲକକୁ ୪ - ୩ ଗୋଲରେ, ରରୁଆଁ ବ୍ଲକ ବହଳଦା ବ୍ଲକକୁ ୭- ୬ ଗୋଲରେ, ଉଦଳା ବ୍ଲକ ରାଇରଙ୍ଗପୁର ବ୍ଲକକୁ ୪ - ୦ ଗୋଲରେ ଏବଂ ରାସଗୋବିନ୍ଦପୁର ବ୍ଲକ ଖୁଣ୍ଟା ବ୍ଲକକୁ ୧ - ୦ ଗୋଲରେ ପରାସ୍ତ କରି କ୍ୱାଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି । ସେହିପରି ପୋଲିସ ପଡିଆରେ ଗୋପବନ୍ଧୁନଗର ବ୍ଲକ ଶୁକ୍ଳି ବ୍ଲକକୁ ୬-୧ ଗୋଲରେ, କରଂଜିଆ ବ୍ଲକ ଜାମଦା ବ୍ଲକକୁ ୪-୧ ଗୋଲରେ, ତିରିଂ ବ୍ଲକ ସରସକଣା ବ୍ଲକକୁ ୩-୦ ଗୋଲରେ ଓ କୁସୁମୀ ବ୍ଲକ ବଡ଼ସାହି ବ୍ଲକକୁ ୩-୧ ଗୋଲରେ ପରାସ୍ତ କରି କ୍ୱାଟର ଫାଇନାଲରେ ପ୍ରବେଶ କରିଛନ୍ତି । ଆଜିର ଖେଳରେ ବରିଷ୍ଠ ଫୁଟବଲ ଖେଳାଳି ଅମୁଲ୍ୟ କୁମାର ପତି ଓ ମୟୁରଭଂଜ ଏଥଲେଟିକ ଆସୋସିଏସନର ଫୁଟବଲ ସହ ସମ୍ପାଦକ ଅମର କୁମାର ସେଠି ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

## ରାଜନୀତି ବିଜ୍ଞାନ ବିଭାଗରେ ସ୍ୱାଗତ ଉତ୍ସବ

ଭଦ୍ରକ,୦୬/୦୧ (ନି.ପ୍ର): ସ୍ଥାନୀୟ ଭଦ୍ରକ ମହିଳା ମହାବିଦ୍ୟାଳୟ ପରିସରରେ ରାଜନୀତି ବିଭାଗ ତରଫରୁ +୩ ପ୍ରଥମବର୍ଷର ନବାଗତ ମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷା ପ୍ରାଧାପିକା ସୁମିତ୍ରା ପାଣିଗ୍ରାହୀ ସଭାଟିକୁ ଉଦ୍‌ଘାଟନ କରି ଛାତ୍ରୀ ମାନେ ନିଜର କଠିନ ଅଧବସାୟ ବଳରେ ମହାବିଦ୍ୟାଳୟର ଗୌରବ ମଣ୍ଡନ କରିବା ଉଚିତ୍ ବୋଲି ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ମହାବିଦ୍ୟାଳୟର ଉତ୍ତମ ପରିବେଶ ତଥା ଶିକ୍ଷକ ମାନଙ୍କ ସହଯୋଗ ଦ୍ୱାରା ନିଜର ଲୁକ୍‌କାୟିତ ପ୍ରତିଭା ପ୍ରସ୍ଫୁଟିତ କରିବାକୁ ଏକ ସଠିକ୍ ମାର୍ଗ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ । ଉକ୍ତ ସଭାରେ ଅନ୍ୟତମ ଅତିଥି ତଥା ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରାଧାପକ ମନୋଜ କୁମାର ସ୍ୱାଇଁ ଛାତ୍ରୀ ମାନଙ୍କ ମଧରେ ଏକ ଆଧମ୍ନିକ ଚେତନା ସହ ଦୃଢ଼ ସଂକଳ୍ପ ଓ ନିଷ୍ଠ ସେମାନଙ୍କୁ ସଫଳତାର ଶୀର୍ଷରେ ପହଂଚାଏ ବୋଲି ମତବ୍ୟକ୍ତ କରିଥିଲେ । ବର୍ତ୍ତମାନର ବିଭାଗୀୟ ମୁଖ୍ୟ ପ୍ରାଧାପିକା ଅଜିତା ଦଳାଇ ଛାତ୍ରୀ ମାନଙ୍କୁ ଶୃଙ୍ଖଳା, ଗଭୀର ନିଷ୍ଠା ଓ କଠିନ ପରିଶ୍ରମ ସହ ସର୍ବଦା ଉଚିତ୍ ମାର୍ଗରେ ପରିଚାଳିତ ହୋଇ ଜଣେ ସୁନାଗରୀକ ଭାବେ ସମାଜ, ପରିବାର, ଅନୁଷ୍ଠାନ ଓ ଦେଶପାଇଁ ଗୌରବ ଆଣିବା ପାଇଁ ସତତ ବ୍ରତୀ ହୁଅ ବୋଲି ପରାମର୍ଶ ଦେଇଥିଲେ । ବିଭାଗର ଅନ୍ୟ ଦୁଇ ଅଧାପକ ଅଶୋକ କୁମାର ନାୟକ ଓ ରାଜେଶ କୁମାର ମାହାରୀ ନବାଗତ ଛାତ୍ରୀମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିତୋଳିବା ପାଇଁ ଏବେଠାରୁ ପ୍ରୟାସ କରିବା ଉଚିତ ବୋଲି ମତପୋଷଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଓଡିଶା ଗ୍ରାମ୍ୟ ବ୍ୟାଙ୍କର....

ରାଜ୍ୟ । ଓଡିଶାର ଘରେ ଘରେ, ଗାଁ ଗାଁରେ ଆଜି ମିଶନ ଶକ୍ତି ଆଜି ତାର ଜୟଯାତ୍ରା ଜାରି ରଖିଛି ଏବଂ ଆଗାମୀ ଦିନରେ ଏହା ଆହୁରି ସଶକ୍ତ ହେବ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜିଲ୍ଲାସ୍ତରୀୟ ଫେଡେରେସନ ମାନଙ୍କ ପାଇଁ ଏକ କୋଟି ଏବଂ ବ୍ଲକ୍ସ୍ତରୀୟ ଫେଡେରେସନ ପାଇଁ ୫୦ ଲକ୍ଷ ଟଙ୍କାର ରିଭଲଭିଂ ଫଣ୍ଡ କରିବା ପାଇଁ ନିଷ୍ପତି କରାଯାଇଛି । ଏହାସହିତ ମା ମାନଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବା ପାଇଁ ମଧ ବ୍ୟବସ୍ଥା କରାଯାଇଛି ।

### ଓଡିଶାକୁ ନାହିଁ କୋଭିଡ୍ ....

ଆନ୍ତରିକତା ଅଛି, ତାହେଲେ ୩କୋଟି ୨୫ଲକ୍ଷ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ମାଗଣାରେ ଆଉ ୫କିଲୋ ଚାଉଳ ଦିଅନ୍ତୁ । ମାଗଣା ଚାଉଳକୁ ନେଇ ବିଜେଡି-ବିଜେପି ବୟାନବାଜି ତେଜିଥିବାବେଳେ, ଆଗକୁ ଏହା ଆହୁରି ଅଧିକ ହେବାର ସମ୍ଭାବନା ରହିଛି । ତେବେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ମାଗଣାରେ ଚାଉଳ ଦେବାକୁ ଘୋଷଣା କରିବା ପରେ ରାଜ୍ୟ ସରକାର ଦେଉଥିବା ଟଙ୍କା ଏବେ ବଳକା ରହିବ । ଆଉ ସେହି ଟଙ୍କାରେ ରାଜ୍ୟ ସରକାର ଆଗାମି ଦିନରେ କିଛି ନୂଆ ଯୋଜନା ଆଣିପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

### କଂଗ୍ରେସ ଛାଡି ବିଜେପିରେ....

କଂଗ୍ରେସ ନେତା ଦେବା ଦାସ, ପୂର୍ବତନ ସମିତି ସଭ୍ୟ ଶୁଭ୍ରାଂଶୁ କୁମାର ସାହୁ, ସୌଭାଗ୍ୟ ରଞ୍ଜନ ଦାସ, ରଶ୍ମିକାନ୍ତ ନାୟକ, ସ୍ନେହଲତା ସାମଲ, ବିନତା ପଣ୍ଡା, ଯୁବ କଂଗ୍ରେସ ଉପସଭାପତି ପ୍ରବୀଣ ଦାସ, ଛାତ୍ର କଂଗ୍ରେସ ସଭାପତି ଶ୍ରବଣ ଦାସ, ଛାତ୍ର କଂଗ୍ରେସ ଜିଲ୍ଲା ଉପସଭାପତି ସୌମ୍ୟରଞ୍ଜନ ବଳ, ଛାତ୍ର କଂଗ୍ରେସ ଜିଲ୍ଲା ସଂପାଦକ ସରୋଜ କୁମାର ଜେନା, ବରୀ ବ୍ଲକ ଛାତ୍ର କଂଗ୍ରେସ ସଂପାଦକ ସମୀର କୁମାର ଦାସ, ବରୀ ବ୍ଲକ ସଂଖ୍ୟାଲଘୁ ସଭାପତି ଖୁର୍ସିଦ ଅକତର, ବରୀ ଓବିସି ସଭାପତି ସମୀର ରାଉତ, ଜୋନ ସଭାପତି ଶ୍ୟାମ ପଣ୍ଡା, ବରୀ ଯୁବ କଂଗ୍ରେସ ସମ୍ପାଦକ ମୁନା ଜେନା, ବରୀ ଛାତ୍ର କଂଗ୍ରେସ କୋଷାଧ୍ୟକ୍ଷ ସୁରଜ ଘଡାଇ, ବରୀ ଯୁବ କଂଗ୍ରେସ ଉପସଭାପତି ଅଭିଜିତ୍ ରାୟ ପ୍ରମୁଖ ବିଜେପିରେ ସାମିଲ ହୋଇଛନ୍ତି ।

## ରାଜ୍ୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ




ଖୋର୍ଦ୍ଧା,୦୬/୦୧ (ନି.ପ୍ର): ସ୍ଥାନୀୟ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧା ଠାରେ ତା୦୪.୦୧.୨୦୨୩ ରୁ ତା୦୬.୦୧.୨୦୨୩ ତିନି ଦିନ ଧରି ଜିଲ୍ଲା ଶିକ୍ଷା ପ୍ରଶାସନ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ଗଣିତ, ବିଜ୍ଞାନ ଓ ପରିବେଶ ସମ୍ବନ୍ଧୀୟ ବିଜ୍ଞାନ ପ୍ରଦର୍ଶନୀ ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ ତରଫରୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ସ୍ନିଗ୍ଧା ମିଶ୍ରଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ବିଜ୍ଞାନ ପରିଦର୍ଶକ ଶ୍ରୀ ସରୋଜ କୁମାର ସିଂହ ସଂଯୋଜନା କରିବା ସ୍ଥଳେ ୧୦ଟି ବ୍ଲକର ବ୍ଲକ ଶିକ୍ଷାଧିକାରୀମାନେ ଉପସ୍ଥିତ ଥିଲେ ଓ ବିଭିନ୍ନ କମିଟିର ସଦସ୍ୟ ଓ ସଦସ୍ୟାମାନେ ମଧ ଉପସ୍ଥିତ ଥିଲେ । ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେକ୍ ଗହ୍ୱର ଅଲ୍ଲି ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଶ୍ରୀ ରଞ୍ଜନ କୁମାର ଦାଶ ଓ ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ତାଙ୍କର ସୁଚିନ୍ତିତ ମତାମତ ମଧ ଉପସ୍ଥାପିତ କରିଥିଲେ । ଏହି କାର୍ଯ୍ୟ ସରସ, ସୁନ୍ଦର ଓ ଶୃଙ୍ଖଳାର ସହ ନିର୍ଭୁଲ ଭାବେ ନିର୍ବାହ ପାଇଁ ବିଭିନ୍ନ ବିଭାଗର କମିଟିରେ ଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଆଲୋଚନା ମାଧମରେ ଦିଗ୍‌ଦର୍ଶନ ଦେଇଥିଲେ । ବିଭିନ୍ନ କମିଟିର ସୁପରିଚାଳନା ନିମନ୍ତେ ବ୍ଲକ ଶିକ୍ଷାଧିକାରୀମାନେ ଦାୟିତ୍ୱ ନେଇଥିଲେ । ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଆମ ଖୋର୍ଦ୍ଧା ଜିଲ୍ଲାରେ ଅନୁଷ୍ଠିତ ହେଉଥିବାରୁ ବିଭିନ୍ନ ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀମାନେ ଜିଲ୍ଲାର ଗୌରବ ପାଇଁ ନିଷ୍ଠାର ସହ କାର୍ଯ୍ୟ ତୁଲାଇବେ ବୋଲି ଆଶା କରି ବୈଠକକୁ ସାଙ୍ଗ କରାଯାଇଥିଲା । ଉକ୍ତ କାର୍ଯ୍ୟ ପରିଚାଳନା ନିମନ୍ତେ ଶିକ୍ଷକ ବିଭୁ ପ୍ରସାଦ ସେନାପତି, ଅଗାଧୁ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର, ମାନସ ରଞ୍ଜନ ପଣ୍ଡା, ଅଭିରାମ ବେହେରା ପ୍ରଭୃତି ସହଯୋଗ କରିଥିଲେ । ଶେଷରେ ମିଳିତ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରସନ୍ନ କୁମାର ମହାପାତ୍ର ନବବର୍ଷ ୨୦୨୩ ନିମନ୍ତେ ଅଭିନନ୍ଦନ ଜଣାଇ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କର ସୁଖ ସମୃଦ୍ଧି କାମନା କରି ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ସାକ୍ରେଡ଼ ସନସାଇନ ସେକେଣ୍ଡାରୀ ସ୍କୁଲର ବାର୍ଷିକ ଉତ୍ସବ



ବାରିପଦା,୦୬/୦୧ (ନି.ପ୍ର): ବାରିପଦା ସହର ଫ୍ରଫୁଲ ନଗରରେ ଥିବା ସାକ୍ରେଡ଼ ସନ ସାଇନ ସେକେଣ୍ଡାରୀ ସ୍କୁଲର ଷଷ୍ଠ ବାର୍ଷିକ ଉତ୍ସବ ବାରିପଦା ଶହୀଦ ସ୍ମୃତି ଭବନ ଠାରେ ପାଳିତ ହୋଇଯାଇଅଛି । ଏହି ଉତ୍ସବରେ ଅତିଥି ଭାବରେ ବାରିପଦା ନଗରପାଳ କୃଷ୍ଣନନ୍ଦ ମହାନ୍ତି, ଏସଡିସି ଚେୟାରମେନ ଡ଼ା. ଦେବାଶିଷ ମାର୍ଣ୍ଡି, ଜିଲ୍ଲା ପରିଷଦର ଚେୟାରମେନ ଭାରତୀ ହସଁଦା, ଉପନଗରପାଳ ସୀମା ଦାସ ଓ ବାରିପଦା ଅଗ୍ନିଶମ ଅଫିସର ଭାବେନ୍ଦ୍ର ନାଥ ଦେ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରତିବର୍ଷ ପରି ସ୍କୁଲ ପିଲାଙ୍କ ମଧରେ ବିଭିନ୍ନ କ୍ରୀଡା, ନୃତ୍ୟ, ସାମାଜିକ ସେବା, ଡ୍ରଇଂ, ଭଳି ବିଭିନ୍ନ ପ୍ରତିଯୋଗୀତା ସହ ଅଭିଭାବକ ମାନଙ୍କ ପାଇଁ ମଧ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ସ୍କୁଲର ପ୍ରିନ୍ସିପାଲ ଅଳକା ଦତ ଓ ସଭାପତି ବିଜୟ କୁମାର ଦତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ଅତିଥି ମାନେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

## ଚିରଶ୍ରୀ ଇନ୍ଦ୍ରସିଂ ପାଇବେ ସାଳନ୍ଦୀ ବହିମେଳା ପୁରସ୍କାର



ଭଦ୍ରକ,୦୬/୦୧ (ନି.ପ୍ର): ତାରୁଣ୍ୟ ଆଶା ଓ ସଂଭାବନାର ଏକ ଚିରହରିତ ସବୁଜ ଅରଣ୍ୟ । ଜୀବନ ହେଉଛି ତାରୁଣ୍ୟର କେତୋଟି ମନଲୋଭା ତରଂଗ, ଯାହା ଦୁର୍ଲଭ ଓ ରହସ୍ୟମୟ ହେଲେବି ତାତ୍ପର୍ଯ୍ୟପୂର୍ଣ୍ଣ । ଏହା ସୃଜନ ସ୍ରଷ୍ଟାଙ୍କ ମଧ୍ୟରେ ସ୍ୱପ୍ନ ବୁଣି, ଆଖିରେ ନୂଆ ରଂଗ ମାଖି ଲେଖାଲେଖି କରିବାକୁ ପ୍ରେରଣା ଦିଏ । ତରୁଣ ଲେଖକମାନେ ହେଉଛନ୍ତି ସାହିତ୍ୟ ସାଳନ୍ଦୀର ନୂଆ ସ୍ରୋତ । ସ୍ରୋତ କମିଗଲେ ଯେମିତି ନଈ ଶୁଖିଯାଏ, ନବପ୍ରତିଭାମାନେ ସାମ୍ନାକୁ ନଆସିଲେ ସାହିତ୍ୟର ଧାରା ଶିଥିଳ ହେଇଯାଏ । ସାଳନ୍ଦୀ ବହିମେଳାର ଷଷ୍ଠ ସନ୍ଧ୍ୟାରେ 'ଟାଇମପାସ' ପ୍ରକାଶନୀ ପକ୍ଷରୁ ଆୟୋଜିତ ବିଶେଷ କାର୍ଯ୍ୟକ୍ରମ 'ତରୁଣ ତରଙ୍ଗ'ରେ ଯୋଗଦେଇ ଅତିଥିମାନେ ଏଭଳି ମତପୋଷଣ କରିଛନ୍ତି । ସାହିତ୍ୟର ତରୁଣ ପ୍ରତିଭାମାନଙ୍କୁ ଉତ୍ସାହିତ କରିବାପାଇଁ ଆୟୋଜିତ ଏହି କର୍ମଶାଳାରେ ଅଧାପକ ଓ ପ୍ରାବନ୍ଧିକ ବିଶ୍ୱରଂଜନ ଦାସ, କବି ତଥା ସମ୍ବାଦ ସାହିତ୍ୟଘରର ରାଜ୍ୟ-ସଂଯୋଜିକା ଡ. ଶୁଭଶ୍ରୀ ଲେଙ୍କା, କବି ଚିତ୍ତରଞ୍ଜନ ନାୟକ ପ୍ରମୁଖ ବିଚାରକ ତଥା ସମୀକ୍ଷକ ଭାବେ ଯୋଗଦେଇ ସହଭାଗୀମାନଙ୍କ ସହ କଥୋପକଥନ କରିବା ସହ ସେମାନଙ୍କ କୃତିର ସମୀକ୍ଷା କରିଥିଲେ । ଲେଖକ-ପ୍ରକାଶକ ସରୋଜ ବଳଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଯ୍ୟାମୀ ମିଶ୍ର, ଭାଗୀରଥି ସେନାପତି, ବିଚିତ୍ରାନନ୍ଦ ଜେନା, ବିଜୟ ବାରିକ, ବିସ୍ମୟ ବିହାରୀ ସାହୁ, ଚନ୍ଦନ କୁମାର ଦାସ, ଦୀପିକା ପେରେଇ, ଜ୍ୟୋତିର୍ମୟ ଜ୍ୟୋତିରଞ୍ଜନ ନାୟକ, କୈବଲ୍ୟ ନାୟକ, ନିଖିଳେଶ ମିଶ୍ର, ଓମ୍ ପ୍ରକାଶ ବିଶ୍ୱାଳ, ପତିତପାବନ ପାଣି, ସଂଗ୍ରାମ ମହାରଣା, ସଞ୍ଜୟ ପଣ୍ଡା, ସ୍ୱପ୍ନାଜିତା ଶଙ୍ଖୁଆ, ସରୋଜିନୀ ଶଙ୍ଖୁଆ, ସସ୍ମିତା ଘୋଷ୍, ସିପୁନୁ ଜେନା ଏବଂ ସ୍ନେହଲତା ନନ୍ଦ ପ୍ରମୁଖ ତରୁଣ ଲେଖକ-ଲେଖିକା ଯୋଗଦେଇ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ । ଉତ୍ସବରେ ଯୁବ ଗାଳ୍ପିକ କୈଳାସ ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ଶ୍ରେଷ୍ଠ ତିନୋଟି ଲେଖାର ଲେଖକଙ୍କୁ ଟାଇମପାସ ଦ୍ୱାରା ପୁରସ୍କୃତ କରାଯାଇଥିଲା ଓ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅଧାପକ ବିଶ୍ୱରଂଜନ ଦାସଙ୍କ ନିବନ୍ଧ ସଂକଳନ 'ପାଦର ଭାର' ବହିମେଳାର ସଭାପତି ପବିତ୍ର ପାଣିଗ୍ରାହୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସଂପାଦକ ଅଭିଜିତ୍ ନାୟକ ଗାଳ୍ପିକା ଚିରଶ୍ରୀ ଇନ୍ଦ୍ରସିଂ ଚଳିତବର୍ଷର ମର୍ଯ୍ୟାଦାଜନକ ସାଳନ୍ଦୀ ବହିମେଳା ପୁରସ୍କାର ପାଇବେ ବୋଲି ଘୋଷଣା କରିବା ସହ ୭ ତାରିଖରେ ଭାଗବତ କଲ୍ୟାଣମଣ୍ଡପ ଠାରେ ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ଫନୀ ମହାନ୍ତି ଓ ହ୍ୟାପି ଏଣ୍ଡିଂରେ ବିଶିଷ୍ଟ ବ୍ୟଂଗକାର ସତ୍ୟାନାଶ ପ୍ରମୁଖ ଅତିଥି ଭାବେ ଯୋଗଦେବେ ବୋଲି ପ୍ରକାଶ କରିଥିଲେ ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ଭଦ୍ରକ,୦୬/୦୧ (ନି.ପ୍ର): ୭୪ ତମ ସାଧାରଣତନ୍ତ୍ର ଦିବସକୁ ଭଦ୍ରକ ଜିଲ୍ଲା ସ୍ତରରେ ପାଳନ କରାଯିବା ଉପଲକ୍ଷେ ଆଜି ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । କୋଭିଡ୍ କଟକଣା ପରେ ପ୍ରଥମ ଥର ପାଇଁ ଜନସମାବେଶ ମଧରେ ସାଧାରଣତନ୍ତ୍ର ଦିବସ ପାଳନ କରାଯିବା ନେଇ ବିଭିନ୍ନ କାର୍ଯ୍ୟକ୍ରମ ତଥା ଜାନୁୟାରୀ ୨୫ ରୁ ୨୯ ମଧରେ ନେହେରୁ ଷ୍ଟାଡ଼ିୟମ୍‌ରେ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ସହ



ପଲ୍ଲୀଶ୍ରୀ ମେଳା ଆୟୋଜନ କରାଯିବା ସମ୍ବନ୍ଧରେ ଜିଲ୍ଲାପାଳ ସୂଚନା ପ୍ରଦାନ କଲାପରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସୂଚନା ଲୋକସମ୍ପର୍କ ବିଭାଗ ଦ୍ୱାରା ରାମଧୂନ ପରିକ୍ରମା, ପୌରାଞ୍ଚଳରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍କୁଲ ପିଲାଙ୍କ ଦ୍ୱାରା ପ୍ରଭାତଫେରୀ, ସକାଳ ୮.୩୦ ମିରେ ଜାତୀୟ ପତାକା ଉତ୍ତୋଳନ ପରେ ପ୍ୟାରେଡ୍, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ରକ୍ତଦାନ ଶିବିର ଓ ରୋଗୀମାନଙ୍କୁ ଫଳ ବଣ୍ଟନ, ସଂସ୍କୃତି ଭବନଠାରେ ଚିତ୍ରକଳା ପ୍ରଦର୍ଶନୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରବେଶ ପଥ ନିକଟରେ ପୁଷ୍ପ ପ୍ରଦର୍ଶନୀ, ଭିନ୍ନକ୍ଷମ ମାନଙ୍କୁ ଫଳ ବଣ୍ଟନ, କୁଷ୍ଠ କଲୋନୀର ଅନ୍ତେବାସୀଙ୍କୁ ମଧାହ୍ନ ଭୋଜନ ପ୍ରଦାନ ଆଦି କାର୍ଯ୍ୟକ୍ରମ ଆୟୋଜନ ସମ୍ବନ୍ଧରେ ଆଲୋଚନା ମତେ ସ୍ଥିର କରାଯାଇ ସମ୍ପୃକ୍ତ ବିଭାଗ ଓ ଅନୁଷ୍ଠାନ ମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା । ସ୍କୁଲ ପିଲାମାନଙ୍କ ମଧରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, କୁଇଜ୍ ଆଦି ପ୍ରତିଯୋଗିତା ଆୟୋଜନ ନେଇ ଦିନ, ସମୟ ଆଜି ସ୍ଥିର କରାଯାଇଥିଲା । ସୂଚନା ଯୋଗ୍ୟକି ନେହେରୁ ଷ୍ଟାଡ଼ିୟମ୍‌ରେ ଜିଲ୍ଲା ମହୋତ୍ସବ ଭଦ୍ରାୟଣୀ ଆୟୋଜିତ ହେବାକୁ ଥିବାରୁ ସାଧାରଣତନ୍ତ୍ର ଦିବସ ଭଦ୍ରକ କଲେଜ ଖେଳ ପଡ଼ିଆରେ ଅନୁଷ୍ଠିତ ହେବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମହାନ୍ତି ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ସ୍ଥିରିକୃତ ସମସ୍ତ କାର୍ଯ୍ୟକ୍ରମ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିବା ସହିତ ଆଗାମୀ ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ହକିକପ୍ ସ୍ୱାଗତ ଉତ୍ସବ ରେ ସମସ୍ତେ ସାମିଲ ହେବାକୁ ନିମନ୍ତ୍ରଣ ଜଣାଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଉତ୍ସବ ପାଳନ କମିଟିର ସଦସ୍ୟ ଭାବେ ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧକ୍ଷ, ପ୍ରଧାନ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ, ସଂପୃକ୍ତ ବିଭାଗୀୟ ପ୍ରଶାସନିକ ଅଧିକାରୀ, ଗଣମାଧମ ପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ବୁଦ୍ଧିଜୀବି ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରି ମତାମତ ରଖିଥିଲେ । ଶେଷରେ ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଟୁ ବୈଠକକୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଶନିବାର, ଜାନୁଆରୀ ୦୭, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବାଲେଶ୍ୱରରେ ରାଷ୍ଟ୍ରୀୟ ପୋଷଣ ମାସ

ବାଲେଶ୍ୱର,୦୬/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ୫ମ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମକୁ ସଦର ବିଧାୟକ ସ୍ୱରୂପ କୁମାର ଦାସ ଉଦଘାଟନ କରିବା ସହିତ ପୋଷଣ ମାସ କେବଳ ଦିନକରେ ସିମୀତ ନ ରହି ଏ ସମ୍ପର୍କରେ ମହିଳାଙ୍କୁ ସଚେତନତ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ପୁଷ୍ଟିକର ଖାଦ୍ୟ ବାବଦରେ ଗର୍ଭବତୀ ମହିଳାଙ୍କୁ ସଚେତନ କରିବା ଦିଗରେ ଉପଯୁକ୍ତ ପଦକ୍ଷେପ ନେବାକୁ ଅଙ୍ଗନବାଡି କର୍ମୀ, ସହାୟିକା ଓ ଆଶାକର୍ମୀଙ୍କୁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲା ପରଷଦ ଅଧକ୍ଷ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ଶିଶୁ ବିଶେଷଜ୍ଞ ଡାକ୍ତର ମୀନାକ୍ଷୀ ରାୟ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳା ଓ ଶିଶୁଙ୍କ ଉତ୍ତମ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ସରକାରଙ୍କ ପୋଷଣ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଗୋପାଲ ଚନ୍ଦ୍ର କର, ଗୋପାମୁଦ୍ରା ମହାପାତ୍ର, ରେମୁଣା ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ସାଗରିକା ଦତ୍ତ ପ୍ରମୁଖ ଘରୋଇ ହିଂସା, ନାରୀ ସଶକ୍ତିକରଣ ଓ ଯୌନ ନିର୍ଯାତନା ପ୍ରଭୃତି ବିଷୟ ଉପରେ ସଚେତନତା ମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ କୁନ୍ତଳା କୁମାରୀ ମଲ୍ଲିକ ପୋଷଣ ମାସ ପାଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସଦର ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ସୁଜାତା ପଟ୍ଟନାୟକ ଅତିଥି ପରିଚୟ ସହ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସିମୁଳିଆ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଭାରତୀ ତ୍ରିପାଠୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପୋଷକ ଖାଦ୍ୟ ସମାଗ୍ରୀ ସମ୍ଭାରର ପ୍ରଦର୍ଶନୀ ଅୟୋଜିତ ହୋଇଥିଲା । ଏହାକୁ ବିଧାୟକ ଶ୍ରୀ ଦାସଙ୍କ ଅନ୍ୟ ଅତିଥିମାନେ ଉଦଘାଟନ କରିଥିଲେ ।

# ଆସନ୍ତା ୨୬, ୨୭ ଓ ୨୮ରେ ରେମୁଣା ଗୋଲେଇଠାରେ ୪ର୍ଥ କୋଶମ୍ଭ ମେଳା



ଭୁବନେଶ୍ୱର,୦୬/୦୧ (ନି.ପ୍ର): ବ୍ୟୁରୋ ଆଜି ପୂର୍ବାହ୍ନରେ ରେମୁଣା ଗୋଲେଇ ନିକଟସ୍ଥ ଦଧିବାମନ ନଗର କୋଶମ୍ଭ ମେଳା ପଡିଆରେ ନୂଆ ବାଲେଶ୍ୱର ଉନ୍ନୟନ ପରିଷଦ ତରଫରୁ ୪ର୍ଥ କୋଶମ୍ଭ ମେଳା ପାଇଁ ସଭାପତି ଭଗବାନଦାସ ଖଣ୍ଡେଲୱାଲଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଜାନୁଆରୀ ୨୬, ୨୭ ଓ ୨୮ ତିନି ଧରି କୋଶମ୍ଭ ମେଳାକୁ ସରସ, ସୁନ୍ଦର ଓ ଆକର୍ଷଣୀୟ କରିଯିବା ସହ ବାଲେଶ୍ୱରର ସର୍ବ ପୁରାତନ ନାମ ଐତିହ୍ୟ 'କୋଶମ୍ଭ' ଗରିମାମୟ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଛି । ଏଥିସହ ସରସ୍ୱତୀ ପୂଜାକୁ ଭବ୍ୟ ଓ ଦିବ୍ୟ କରିଯିବା ସହ ପ୍ରଥମ କରି କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଓ କବିସୂର୍ଯ୍ୟ ବଳଦେବ ରଥଙ୍କ ଜନ୍ମ ଜୟନ୍ତୀ ପାଳନ ଓ ସାଧାରଣତନ୍ତ୍ର ଦିବସ ମଧ ପାଳନ କରାଯିବ । ପ୍ରତିଦିନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୃତ୍ୟ ଗୀତ ଚିତ୍ର ପ୍ରତିଯୋଗିତା, ମହିଳାମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, ଝୋଟିଚିତା, ପୁରୁଷମାନଙ୍କ ମଧ୍ୟରେ କୋଶମ୍ଭ ରାଜା ବେଶ ପ୍ରତିଯୋଗିତା ଆୟୋଜନ କରାଯିବ । କୋଶମ୍ଭ କୋରା, ପୁସ୍ତକ, ଜଉକଣ୍ଢେଇ ସହ ସ୍ଥାନୀୟ ମହିଳା ମାନଙ୍କର ହସ୍ତକଳା, ବଡି, ପାପଡ଼, ଆଚାର ଇତ୍ୟାଦିର ଷ୍ଟଲ ସହ ଦୋକାନ ବଜାର, ଖାଦ୍ୟପେୟ, ପିଲାଙ୍କ ପାଇଁ ଦୋଳି ଇତ୍ୟାଦି ବସାଇ ଆକର୍ଷଣୀୟ ମେଳା ଆୟୋଜନ କରାଯିବ । ପ୍ରତିଦିନ ସନ୍ଧ୍ୟାରେ ରାଜନେତା, ଗଣ୍ୟ ମାନ୍ୟ ବିଜ୍ଞ ଅତିଥି ଭାବେ ଯୋଗଦାନ କରିବା ସହ କୋଶମ୍ଭ ରାଜା ବେଶରେ ବରିଷ୍ଠ ସାମ୍ବାଦିକ ତଥା କଳାକାର ଦେବବ୍ରତ ପାଣିଗ୍ରାହୀ ଓ ବାଲେଶ୍ୱରର ପୂର୍ବତନ ଜିଲ୍ଲାପାଳଗଣ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସାଂସ୍କୃତିକ ସନ୍ଧ୍ୟାରେ ସବୁ ସନ୍ଧ୍ୟା ମନୋରଞ୍ଜନଧର୍ମୀ ଆକର୍ଷଣୀୟ କାର୍ଯ୍ୟକ୍ରମରେ ଶାସ୍ତ୍ରୀୟ, ଆଧୁନିକ, ଆଦିବାସୀ ଓ ଲୋକ ନୃତ୍ୟଗୀତ ମ୍ୟାଜିକ ଇତ୍ୟାଦି ସହ ଓଡ଼ିଶାର ବିଶିଷ୍ଟ ହାସ୍ୟ ଅଭିନେତା ପପୁ ପମ୍ ପମ୍ ଯୋଗଦେବାର କାର୍ଯ୍ୟକ୍ରମ ରଖାଯାଇଛି । ଏହି ବୈଠକରେ ଉପସଭାପତି ବଳଭଦ୍ର ଶତପଥୀ, ରବିନ୍ଦ୍ର ଜୈନ, କାର୍ଯ୍ୟକାରୀ ସଭାପତି ନିଶାକର ନାୟକ, ସଂପାଦକ ଶିକ୍ଷୀ କେଶୁଦାସ, ସହ ସଂପାଦକ ଜୟକୃଷ୍ଣ ସାହୁ, କୋଷାଧକ୍ଷ ମୂରଲୀଧର ଦାଶ ସହ ଉମାକାନ୍ତ ବେହେରା, ଦେବେଶ ରଞ୍ଜନ ପରମାଣିକ, ରତିକାନ୍ତ ବେହେରା, କରୁଣାକର ମହାନ୍ତି, ଚନ୍ଦ୍ରଶେଖର ପରିଡ଼ା, ଦେବାଶିଷ ରାଉଳ, ବିଶ୍ୱନାଥ ରଣା, ସୁବାସ ଦାସ ପ୍ରମୁଖ ଯୋଗ ଦେଇଥିଲେ । ବହୁ ସଂଖ୍ୟାରେ ଯୋଗଦେଇ କୋଶମ୍ଭ ମେଳାକୁ ସଫଳ କରିବା ପାଇଁ ପରିଷଦ ତରଫରୁ ନିବେଦନ କରାଯାଉଛି ।

## ମୟୁରଭଂଜ ଭେଟେରାନ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଂଟ : ଖୁଂଟା ୟୁନିକ ଇଲେଭେନ ବିଜୟୀ

ବାରିପଦା,୦୬/୦୧ (ନି.ପ୍ର): ସ୍ଥାନୀୟ କଲେଜ ପଡିଆରେ କ୍ଲବ ସିକ୍ରେଟ ଇଲେଭେନ ଆନୁକୂଲ୍ୟରେ ୫ମ ବାର୍ଷିକ ଭେଟେରାନ ଟି-୧୦ କ୍ରିକେଟ ଟୁର୍ଣ୍ଣାମେଂଟର ଦ୍ୱାଦଶ ଦିନରେ ଗୋଟିଏ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ଖୁଂଟା ୟୁନିକ ଇଲେଭେନ ମହାନ୍ତି ଟାଇଗର୍ସକୁ ୪୦ ରନରେ ପରାସ୍ତ କରିଛି ଓ ପ୍ରଥମେ ବ୍ୟାଟିଂ କରି ଖୁଂଟା ୧୦ ଓଭରରେ ୪ ଉଇକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ରତିକାନ୍ତ ନାୟକ ୫୮ ଓ ସୀତାକାନ୍ତ ବେହେରା ୩୧ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ବିଜୟ ମହାନ୍ତି ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ମହାନ୍ତି ଟାଇଗର୍ସ ୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୬୮ ରନ କରିପାରିଥିଲେ । ଦଳ ପକ୍ଷରୁ ଗୌତମ ପଲେଇ ୧୭ ଓ ରାକେଶ ପରିଜା ୧୨ ରନ କରିଥିବା ବେଳେ ବିପକ୍ଷ ଦଳର ରତିକାନ୍ତ ନାୟକ ୩ ଟି ଏବଂ ଶିଶିର କୁମାର ବେହେରା ଓ ଜ୍ଞାନ ରଂଜନ ସାହୁ ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ ଓ ରତିକାନ୍ତ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଓ ଶେଖ ଲାଇକୁଦ୍ଦିନ ଓ ଚନ୍ଦନ ଦାସ ଖେଳ ପରିଚାଳନା କରିଥିବା ବେଳେ ଦୀପକ ଦାସ ଧାରାବିବରଣୀ ଏବଂ ରାକେଶ କୁମାର ବେହେରା ସ୍କୋରିଂରେ ସହାୟତା କରିଥିଲେ ।

## ଆଜି ଚାଇଁବାସାରେ ସମ୍ବୋଧିତ କରିବେ ଅମିତ୍ ଶାହା

ପଶ୍ଚିମୀ ସିଂହଭୂମି/ ରାଂଚି, ୦୬/୦୧ (ନି.ପ୍ର): କେନ୍ଦ୍ରୀୟ ଗୃହ ମନ୍ତ୍ରୀ ଅମିତ ଶାହା ୭ ଜାନୁଆରୀରେ ପଶ୍ଚିମ ସିଂହଭୂମିର ମୁଖ୍ୟାଳୟ ଚାଇଁବାସାରେ ସଭାକୁ ସମ୍ବୋଧିତ କରିବେ । ଶାହାଙ୍କ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥାକୁ କଡା କଡି କରାଯାଇଛି । ତାଙ୍କ ସୁରକ୍ଷା ପାଇଁ ୩୦ କଂପାନୀର ୪୫୦୦ ଯବାନ ଓ ବାହାର ଜିଲ୍ଲାର ୨୫୦ ପୋଲିସ ଅଧିକାରୀଙ୍କୁ ଡକାଯାଇଛି । କାର୍ଯ୍ୟକ୍ରମର ୨୪ ଘଂଟା ପୂର୍ବରୁ ଗୃହମନ୍ତ୍ରୀଙ୍କ ଏନଏସଜି କମାଣ୍ଡୋ କାର୍ଯ୍ୟକ୍ରମ ସ୍ଥଳର ଯାଂଚ ପ୍ରକ୍ରିୟା ଶେଷ କରିଛନ୍ତି ।

# ଯୁବ ମହୋତ୍ସବ 'ଇଣ୍ଟିଗ୍ରେସନ' ଉଦ୍‌ଘାଟିତ



ବାଲେଶ୍ୱର,୦୬/୦୧ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ଯୁବ ମହୋତ୍ସବ 'ଇଣ୍ଟିଗ୍ରେସନ'ର ନବମ ସଂସ୍କରଣ ଶୁକ୍ରବାର ଜିଲାସ୍କୁଲ ପଡ଼ିଆରେ ଉଦଘାଟିତ ହୋଇଯାଇଛି । ପ୍ରଥମ ଦିନରେ ବିଭିନ୍ନ ସ୍କୁଲ ଏବଂ କଲେଜ ଛାତ୍ରଛତ୍ରୀଙ୍କ ମଧ୍ୟରେ ଦୌଡ଼, ଶଟପୁଟ, ଜିଲାପି ରେସ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଯୁବ କିଶୋର ଓ ଶିଶୁ ପ୍ରତିଭା ଲୋକଲୋଚନକୁ ଆଣିବାରେ ଏହି ଉତ୍ସବ ବେଶ ସହାୟକ ହୋଇପାରିଛି ବୋଲି ସେ ମତ ପ୍ରକାଶ କରିଥିଲେ । ପୂର୍ବତନ କାଉନସିଲର ଚିତ୍ତରଂଜନ ପଣ୍ଡା ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ସଭାପତି ସୁଶାନ୍ତ ସାହୁ, ସାଧାରଣ ସମ୍ପାଦକ ଗୌତମ ସାହୁ, ଉପ-ସଭାପତି ଅମର ଗିରି, ଦେବାଶିଷ ପ୍ରଧାନ, ସମ୍ପାଦକ ଜୀବନ ମହାପାତ୍ର, ଯୁଗ୍ମ ସମ୍ପାଦକ ଉମେଶ ବେହେରା ଓ ସୁମନ କମିଲା, ପ୍ରମୋଦ ସାହୁ ପ୍ରମୁଖ ଏଥିରେ ମଞ୍ଚାସୀନ ଥିଲେ ।

# ପୁରୁଷ ବିଶ୍ୱକପ୍ ହକିର ପ୍ରଚାର ପ୍ରସାର କାର୍ଯ୍ୟକ୍ରମ



ଉଦଳା,୦୬/୦୧ (ନି.ପ୍ର): ପୁରୁଷ ବିଶ୍ୱକପ୍ ହକିର ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଲୋଚନା ଚକ୍ର ସହିତ ରଙ୍ଗୋଲି, ପ୍ରବନ୍ଧ ଓ ସାଧାରଣଜ୍ଞାନ ପ୍ରତିଯୋଗିତା ମାନ ଆୟୋଜିତ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଶଶୀଭୂଷଣ ପାଣିଗ୍ରାହୀ ହକି ଆମର ଜାତୀୟ ଖେଳ ଓ କିଛି ବର୍ଷ ହେବ ଓଡ଼ିଶାର ଏହାର ବିଶ୍ୱକପ୍ ଖେଳ ଆୟୋଜିତ ହେଉଥିବାରୁ ସମଗ୍ର ବିଶ୍ୱରେ ଓଡ଼ିଶା କିପରି ତାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବ୍ୟକ୍ତ କରିଥିଲେ । +୨ ସ୍ତରରେ ଅନୁଷ୍ଠିତ ରଙ୍ଗୋଲି ପ୍ରତିଯୋଗିତାରେ ସାଲମା ସରେନ, କାଜଲ ସରେନ ଓ ପୂଜା ସିଂ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ +୩ ବିଭାଗରେ ସ୍ନେହଶିଖା ନାୟକ ପ୍ରଥମ, ନାନିକା ସିଂ ଓ ଆରତୀ ଗୁପ୍ତା ଯୁଗ୍ମ ଦ୍ୱିତୀୟ ଏବଂ ଅମିତା ପ୍ରଧାନ ଓ ଅପର୍ଣ୍ଣା ଷଣ୍ଢ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି +୨ ଓ +୩ ସ୍ତରରେ ପ୍ରବନ୍ଧ ଓ ସାଧାରଣ ଜ୍ଞାନର ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଯାଇଛି । ଶେଷରେ ଛାତ୍ରୀମାନଙ୍କ ସହିତ ମହାବିଦ୍ୟାଳୟର ଅଧାପକ, ଅଧାପିକା ଓ କର୍ମଚାରୀ ବୃନ୍ଦ ମିଳିତ ଭାବରେ ଏକ ଶୋଭାଯାତ୍ରାରେ ବାହାରି ଉଦଳା ସହର ପରିକ୍ରମା କରିଥିଲେ ।

## ବିଲରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଗଞ୍ଜାମ,୦୬/୦୧ (ନି.ପ୍ର): ପୁରୁଷୋତମପୁର ଛୋଟବସା ଗ୍ରାମ ନିକଟସ୍ଥ ଏକ ବିଲରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ଆଜି ସକାଳେ ଗ୍ରାମବାସୀ ଏ ସମ୍ପର୍କରେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ । ପୁରୁଷୋତମପୁର ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରିଛି । ସମ୍ପୃକ୍ତ ଅଂଚଳଟି ପୁରୁଷୋତମପୁର ଏବଂ ରମ୍ଭା ଥାନା ଏରିଆରେ ଯାଉଥିବାରୁ ରମ୍ଭା ଥାନା ପୋଲିସ ମଧ ସେଠାରେ ପହଂଚି ତଦନ୍ତ କରୁଛି । ମୃତକଙ୍କ ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି ।

## ସହରାଂଚଳ ଓ ଗ୍ରାମାଂଚଳରେ ଜନସଂଖ୍ୟା ଅନୁପାତ ସମାନତା ପାଇଁ ଜାପାନ ସରକାରଙ୍କ ବଡ ଘୋଷଣା



ନୂଆଦିଲ୍ଲୀ,୦୬/୦୧ : ଜାପାନର ରାଜଧାନୀ ଟୋକିଓରେ ଅସମ୍ଭାଳ ହେଲାଣି ଜନସଂଖ୍ୟା ବୃଦ୍ଧି । ଜନସଂଖ୍ୟା ବିସ୍ଫୋରଣକ ଜାପାନ ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । କିଭଳି ରୋକାଯିବ ଜନସଂଖ୍ୟା ଏହା ପାଇଁ ଅଭିନବ ଉପାୟ ଆପଣାଇଛନ୍ତି ଜାପାନ ସରକାର । ଟୋକିଓ ଛାଡି ଯିବା ବଦଳରେ ୧୦ଲକ୍ଷ ଟଙ୍କାର ଦିଆଯିବ ବୋଲି ଜାପାନ ସରକାର ଘୋଷଣା କରିଛନ୍ତି । ପ୍ରତ୍ୟେକ ପରିବାର ସନ୍ତାନଙ୍କ ମୁଣ୍ଡ ପିଛା ୧୦ଲକ୍ଷ ଟଙ୍କା ଦେବାକୁ ଘୋଷଣା କରାଯାଇଛି । ଟୋକିଓରେ ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ସେପଟେ ଗ୍ରାମୀଣ ଇଲାକାରେ ଜନସଂଖ୍ୟା କମ ରହିଛି । ତେଣୁ ସମାନ ଅନୁପାତରେ ଜନବସତି କରିବା ଲକ୍ଷ୍ୟ ରଖିଛନ୍ତି ଜାପାନ ସରକାର । ୨୦୨୭ ଟୋକିଓରୁ ୧୦ଲକ୍ଷ ଲୋକ ଗ୍ରାମୀଣ ଇଲାକାକୁ ପଠାଇବାକୁ ଲକ୍ଷ୍ୟ ରଖାଯାଇଛି । ଜାପାନ ସରକାର ଏକଥା ମଧ କହିଛନ୍ତି କି ଯଦି ଆବଶ୍ୟକ ପଡେ ତେବେ ସ୍ଥାନାନ୍ତିରିତ ଲୋକଙ୍କୁ ବ୍ୟବସାୟ ପାଇଁ ମଧ ଧନରାଶି ଦିଆଯିବ । ତେବେ ସରକାର ଏହି ନୂଆ ନିୟମ ପାଇଁ କିଛି ସର୍ତ ମଧ ରଖିଛନ୍ତି । ଗ୍ରାମୀଣ ଇଲାକାରେ ସ୍ଥାନାନ୍ତର ହେଲେ ଅତିକମରେ ୫ବର୍ଷ ରହିବାକୁ ପଡିବ । ପରିବାର ଅତି କମରେ ଜଣଙ୍କୁ ଚାକିରି ଓ ଜଣଙ୍କୁ ବ୍ୟବସାୟ କରିବାକୁ ହେବ । ପାଂଚବର୍ଷ ପୂର୍ବରୁ ଯଦି ଗ୍ରାମୀଣ ଇଲାକାର ଛାଡିବେ ତେବେ ସରକାରଙ୍କୁ ସମସ୍ତ ଅର୍ଥ ଫେରାଇବାକୁ ହେବ ।

# ପୁନଃ ଆଦିବାସୀ ମାନ୍ୟତା ଦାବିରେ ବ୍ୟାପକ ଆନ୍ଦୋଳନ ପାଇଁ ନିଷ୍ପତ୍ତି




ବାରିପଦା,୦୬/୦୧ (ନି.ପ୍ର): ମୟୁରଭଂଜ ଜିଲ୍ଲା ଶାମାଖୁଂଟା ବ୍ଲକର ପାଇକବସା ହାଟ ପଡିଆ ଠାରେ ରାଜ୍ୟ କୁଡୁମି ସେନା ପକ୍ଷରୁ ଏକ ସମୀକ୍ଷା ବୈଠକ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ଓ ବୈଠକରେ ଜ଼ିଲ୍ଲାର ବାରିପଦା ଓ ଶାମାଖୁଂଟା ବ୍ଲକରୁ କୁଡୁମି ସେନାର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ ଓ ଶାମାଖୁଂଟା ବ୍ଲକ ସଭାପତି ବୀରେନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୁଡୁମି ସେନାର ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ଜୈମୁନି କୁମାର ମହାନ୍ତଙ୍କ ସମେତ ଜ଼ିଲ୍ଲା କାର୍ଯ୍ୟକାରୀ ସଭାପତି ସାଇରାମ ମହାନ୍ତ, ବିପିନ ବିହାରୀ ମହାନ୍ତ, ଘନଶ୍ୟାମ ମହାନ୍ତ, ରାଜୁ ମହାନ୍ତ, ଅତୁଲ ମହାନ୍ତ, ମିଲୁ ମହାନ୍ତ, କୈଳାଶ ମହାନ୍ତ, ସ୍ନେହାଶିଷ ମହାନ୍ତ, ଛାତ୍ରନେତା ଅଜିତ ମହାନ୍ତ, ପପୁ ମହାନ୍ତ, ମହିଳା ସେନାର ରୀନା ମହାନ୍ତ, ସବିତା ମହାନ୍ତ, ବିନତି ମହାନ୍ତ, ବେବି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଭାରେ କୁଡୁମି ଜାତିକୁ ଆଦିବାସୀ ମାନ୍ୟତା ସହ କୁଡୁମାଲି ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ସଭାରେ ବକ୍ତାମାନେ ଦାବି କରିଥିଲେ । ଏହି ଅବସର ରେ ଆନ୍ଦୋଳନରେ ସାମିଲ ହୋଇ ଥିବା ବହୁ କର୍ମକର୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୁଡୁମୀ ସେନା ଦୀର୍ଘ ବର୍ଷ ଧରି ତାର ଆନ୍ଦୋଳନକୁ ପଲ୍ଲୀରୁ ଦିଲ୍ଲି ପର୍ଯ୍ୟନ୍ତ ବିସ୍ତାର କରିଥିବା ବେଳେ, ପରବର୍ତୀ ପର୍ଯ୍ୟାୟରେ କୁଡୁମିସେନା ପକ୍ଷରୁ ଚାଲିଥିବା ଆନ୍ଦୋଳନକୁ ବ୍ୟାପକ କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିବା ରାଜ୍ୟ ସଭାପତି ଶ୍ରୀ ଜୈମୁନି କୁମାର ମହାନ୍ତ କହିଛନ୍ତି ।

# ଓଡିଶା ଗସ୍ତରେ ଆସିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୦୬/୦୧ (ନି.ପ୍ର): କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମନସୁଖ ଭାଇ ମଣ୍ଡାଭିୟା ଓଡିଶା ଗସ୍ତରେ ଆଜି ପହଂଚିବେ । ଏହି ଅବସରରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ । ମିଳିଥିବା ସୂଚନା ଅନୁସାରେ ସେ ଆଜି ସଂଧାରେ ୭,୫୫ରେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଂଚିବେ । ଏହା ପରେ ସେ ପୁରୀ ଶ୍ରୀମନ୍ଦିର ଯାଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ । ଏହା ପରେ ଶନିବାର ଦିନ ସେ ଅନୁଗୁଳର ବିକ୍ରମପୁର ସ୍ଥିତ ତାଳଚେର ଫର୍ଟିଲାଇଜର ପ୍ଲାଂଟ ଯିବେ । ଏହା ପରେ ସେ ଭୁବନେଶ୍ୱର ଏମ୍ସ ଯାଇ ସେଠାରେ ଚତୁର୍ଥ ସମାବର୍ତନ ଉତ୍ସବହରେ ଯୋଗ ଦେବେ । ଏହା ବାଦ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଏମ୍ସ ଭୁବନେଶ୍ୱର ପରିସରରେ ଏକ ଅତ୍ୟାଧୁନିକ ବର୍ଣ୍ଣ ସେର୍ଣ୍ଣ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିବେ । ଏନ୍‌ଟିପିସି ସହାୟତାରେ ପ୍ରାୟ ୧୯.୮୭ କୋଟି ବ୍ୟୟରେ ନିର୍ମିତ ଏହି ବର୍ଣ୍ଣ ସେର୍ଣ୍ଣରେ ୬ଟି ଆଇସିୟୁ ବ୍ୟବସ୍ଥା ସହିତ ୬ଟି କ୍ୟାବିନ୍ ସମେତ ୩୬ଟି ଶଯ୍ୟା ରହିଛି । ଏହା ପରେ ସେ ଚନ୍ଦ୍ରଶେଖରପୁର ଠାରେ ଆରଏମଆରସି ପରିସରରେ ଉଦଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ସାମିଲ ହେବେ ।

# ମୋ ସ୍କୁଲ ପରି 'ଆମ ହସ୍ପିଟାଲ' ଯୋଜନା ଆରମ୍ଭ



ଜଳେଶ୍ୱର,୦୬/୦୧ (ନି.ପ୍ର): ରାଜ୍ୟର ସମସ୍ତ ବିଦ୍ୟାଳୟ ୫ଟି ଅଧିନ ମୋ ସ୍କୁଲରେ ସାମିଲ ହେଲାପରି ଏଣିକି ରାଜ୍ୟର ସମସ୍ତ ଡାକ୍ତରଖାନା ଆମ ହସ୍‌ପିଟାଲ ଯୋଜନାରେ ସାମିଲ ହେବେ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲାରେ ପ୍ରଥମ ପର୍ଯ୍ୟାୟରେ ୫ଟି ଡାକ୍ତରଖାନାକୁ ଆମ ହସ୍ପିଟାଲ ଯୋଜନାରେ ସାମିଲ କରାଯାଇଛି । ଆଜି ଜିଲାପାଳ ଜିକେ ଭଟ୍ଟର ହସ୍‌ପିଟାଲ ପରିଦର୍ଶନରେ ଆସି ପୁରୁଣା ଗୃହରୁ ନୂତନ ଭାବେ ତିଆରି ହୋଇଥିବା ମାତୃ ଓ ଶିଶୁ ମଂଗଳ ଗୃହକୁ ସ୍ଥାନାନ୍ତର ହେବ ବୋଲି କହିଛନ୍ତି । ରାଜ୍ୟରେ ଡାକ୍ତରଖାନା ଗୁଡିକର ରୂପାନ୍ତରିକରଣ ଲାଗି ସ୍ୱାସ୍ଥ୍ୟ ବିଭାଗକୁ ୫ଟିରେ ସାମିଲ କରାଯାଇଛି । ଏଥିରେ ଜିଲାପାଳ ମାନଙ୍କୁ ଦାୟିତ୍ୱ ଦିଆଯାଇଛି । ତେଣୁ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ ଆଜି ଜିକେ ଭଟ୍ଟର ହସ୍‌ପିଟାଲରେ ପହଞ୍ଚି ପରିଦର୍ଶନ କରିଛନ୍ତି । ଏଣିକି ପୁରୁଣା ଡାକ୍ତରଖାନାରେ ରୋଗି ଚିକିତ୍ସା ନ ହୋଇ ନିକଟରେ ଥିବା ମାତୃ ଓ ଶିଶୁ ମଂଗଳ ନୂତନ କୋଠାଘରେ ସମସ୍ତ ଚିକିତ୍ସା କରାଯିବାର ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଥିବା ଫାଟକ ବନ୍ଦ କରାଯାଇ ନୂତନ ଗୃହ ପର୍ଯ୍ୟନ୍ତ ଥିବା ରାସ୍ତାକୁ ପ୍ରଧାନ ରାସ୍ତାକୁ ସଂପ୍ରସାରଣ କରାଯିବ । ଏଥି ଲାଗି ପୂର୍ତ୍ତ ବିଭାଗର ୫୭ରାଜ୍ୟ ରାଜପଥ କଡରେ ଥିବା ଦୋକାନୀ ମାନଙ୍କୁ ଉଚ୍ଛେଦ କରାଯିବାକୁ ତହସିଲଦାର ମିହିର ରଂଜନ ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମାତୃ ଓ ଶିଶୁ ମଂଗଳ କୋଠଘରେ ପରିଷ୍କାର, ପରିଚ୍ଛନ୍ନତା, ରୋଗୀଙ୍କ ଚିକିତ୍ସାର ବ୍ୟବସ୍ଥା, ଡାକ୍ତର ଓ ନର୍ସ ମାନଙ୍କ ଲାଗି ସ୍ୱତନ୍ତ୍ର କୋଠରୀ ବ୍ୟବସ୍ଥା, ପ୍ରସୂତି ଗୃହ, ଶୌଚାଳୟ, ପିଇବା ପାଣି, ବିଦ୍ୟୁତିକରଣ, ଶୀତତାପ ନିୟନ୍ତ୍ରଣର ବ୍ୟବସ୍ଥା, ଆଧୁନିକ ଯନ୍ତ୍ରପାତି ସଂଯୋଗ, ସର୍ବୋପରି ଡାକ୍ତର ପଦବୀ ପୂରଣ ହେବ ବୋଲି ଜିଲାପାଳ କହିଛନ୍ତି । ଶୃଙ୍ଖଳିତଭାବେ ଘରୋଇ ଓ ସରକାରୀ ଆମ୍ବୁଲାନ୍ସ ରହିବାର ବ୍ୟବସ୍ଥା, ରୋଗୀଙ୍କ ସଂପର୍କୀୟଙ୍କ ଲାଗି ପ୍ରେକ୍ଷାଳୟ ବ୍ୟବସ୍ଥା କରିବାକୁ ସେ ସିଡିଏମ୍‌ଓ ଦୁଲାଲ ସେନ୍ ଜଗଦେବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିଦର୍ଶନ ବେଳେ ବିଡିଓ ପୁନମ ରାଉତ, ଡିପିଏମ୍ ଅନିଲ କୁମାର ମହାନ୍ତି, ଭାରପ୍ରାପ୍ତ ଡାକ୍ତର ବିନୋଦ ପ୍ରଧାନ, ବନମାଳୀ ଜେନା, ଶଶିକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ବାଲେଶ୍ୱର ଜିଲାର ପ୍ରଥମ ପର୍ଯ୍ୟାୟରେ ଜଳେଶ୍ୱର, ବସ୍ତା, ସୋର, ନିଳଗିରି ଓ ବାଲେଶ୍ୱର ଡିଡିଏଚ୍ ଡାକ୍ତରଖାନାକୁ ଫାଷ୍ଟ ରେଫେରାଲ ୟୁନିଟ ଭାବେ ଗ୍ରହଣ କରାଯାଇଥିବାରୁ ଏହାର ସମସ୍ତ ଉନ୍ନତିକରଣ ହେବ ବୋଲି ଜଣାଯାଇଛି ।

# ହିନ୍ଦି ବିଶ୍ୱବିଦ୍ୟାଳୟ ହାଓ୍ୱାଡ଼ାର କୁଳପତି ଡାଃ ଦାମୋଦର ମିଶ୍ରଙ୍କୁ ହଜାରୀ ପ୍ରସାଦ ଦ୍ୱିବେଦୀ ସମ୍ମାନ ପ୍ରଦାନ



ସମ୍ବଲପୁର,୦୬/୦୧ (ନି.ପ୍ର): ବ୍ୟାଙ୍କ ଅଫ୍ ହାଓ୍ୱାଡ଼ା, କୋଲକାତା ଅଂଚଳ ଦ୍ୱାରା ବୋଲପୁର ସ୍ଥିତ ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନର ହିନ୍ଦୀ ବିଭାଗର କକ୍ଷରେ ସର୍ବଭାରତୀୟ ରାଜଭାଷା ସଂଗୋଷ୍ଠିର ଆୟୋଜନ କରାଯାଇଥିଲା । ଏହି ଅବସରରେ ଶ୍ରୀ ସଂଜୟ କୁମାର ସିଂ, ରାଜଭାଷା ପ୍ରମୁଖ (ରାଜଭାଷା ଏବଂ ସଂସଦୀୟ ସମିତି), ଶ୍ରୀ ଦେବବ୍ରତ ଦାସ, ମହାପ୍ରବନ୍ଧକ (ବ୍ୟାଙ୍କ ଅଫ୍ ବଡୋଦା ଅଂଚଳ କାର୍ଯ୍ୟାଳୟ, କୋଲକାତା) ବର୍ଦ୍ଧମାନ କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ପ୍ରମୁଖ ବଡ଼ୋଦା ଦ୍ୱାରା ଦ୍ୱିବେଦି ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ହିନ୍ଦି ବିଶ୍ୱବିଦ୍ୟାଳୟର ହାଓ୍ୱାଡ଼ା କୁଳପତି ଡାଃ ଦାମୋଦର ମିଶ୍ରଙ୍କୁ ଟ.୨୫,୦୦୦/- ଟଙ୍କା ସମ୍ମାନ ରାଶି ଏବଂ ପ୍ରଶସ୍ତି ପତ୍ର ପ୍ରଦାନ କରାଯାଇଥିଲା । ସେମିନାର ବିଷୟ ଥିଲା- ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ରାଜଭାଷା ହିନ୍ଦିର ପ୍ରଭାବ ଓ ବିକାଶ । ଏହି ଆମ୍ ମଙ୍ଗନ ସତ୍ରରେ ଶ୍ରୀ ନିର୍ମଳ କୁମାର ଦୁବେ (ରାଜଭାଷା କାର୍ଯ୍ୟାନ୍ୱୟ କାର୍ଯ୍ୟାଳୟ, ଗୃହ ମନ୍ତ୍ରଣାଳୟ), ଶ୍ରୀ ଅମର ନାଥ ଶର୍ମା, ପୂର୍ବ ବିଭାଗାଧକ୍ଷ, କୋଲକାତା ବିଶ୍ୱବିଦ୍ୟାଳୟ କବି ଶ୍ରୀ ଶିବ ପ୍ରକାଶ ଉପସ୍ଥିତ ଥିଲେ । ପ୍ରଫେସର ଦାମୋଦର ମିଶ୍ର, କୁଳପତି, ହିନ୍ଦି ବିଶ୍ୱବିଦ୍ୟାଳୟର ହାଓ୍ୱାଡ଼ାଙ୍କୁ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଅପୂର୍ବ ଯୋଗଦାନ ପାଇଁ ୨୦୨୨-୨୩ ବର୍ଷ ପାଇଁ ତାଙ୍କୁ ପଣ୍ଡିତ ହଜାରୀ ପ୍ରସାଦ ମିଦ୍ୱିଦି ସ୍ମୃତ ସମ୍ମାନରେ ପୁରସ୍କୃତ ସମେତ ଟ. ୨୫,୦୦୦ ଟଙ୍କା ପ୍ରଦାନ କରାଯାଇଛି । ଏହି ଧନରାଶି ବ୍ୟାଙ୍କ ଅଫ୍ ବଡୋଦା ଅଂଚଳ କାର୍ଯ୍ୟାଳୟ, କୋଲକାତା ତରଫରୁ ପ୍ରଦାନ କରାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo